# ଧରିତ୍ରୀ
DHARITRI

ବାଲେଶ୍ୱର, ବୁଧବାର, ଅଗଷ୍ଟ ୫/୨୦୨୦ (୧୨ ପୃଷ୍ଠା) | Balasore, Wednesday, August 5/2020 | ★★★★

୪୬ଶ ଭାଗ ୨୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



DADLS - 49

ଓଡ଼ିଶା ସରକାର

# ଓଡ଼ିଶାର ସାଢ଼େ ଚାରିକୋଟି ଭାଇଭଉଣୀଙ୍କୁ ମୋର ନିବେଦନ



ମାନବ ଜାତି ତା'ର ଇତିହାସର ସବୁଠାରୁ କଷ୍ଟକର ପରିସ୍ଥିତି ମଧ୍ୟ ଦେଇ ବର୍ତ୍ତମାନ ଗତି କରୁଛି । କୋଭିଡ୍ ମହାମାରୀ ଆଜି ସାରା ମାନବ ଜାତି ପାଇଁ ଏକ ଅଭୂତପୂର୍ବ ଆହ୍ୱାନ ସୃଷ୍ଟି କରିଛି ଏବଂ ପ୍ରତ୍ୟେକ ଦେଶ ଅତ୍ୟନ୍ତ ଗମ୍ଭୀର ପରିସ୍ଥିତି ଦେଇ ଗତି କରୁଛି । ଭାରତ ମଧ୍ୟ କୋଭିଡ୍ ମହାମାରୀର ଭୟାବହତାର ଶିକାର ହୋଇଛି । ଭାରତରେ ପ୍ରତିଦିନ ପଚାଶ ହଜାରରୁ ଅଧିକ ନୂଆ ସଂକ୍ରମଣ ଦେଖା ଦେଉଛି ।

ବର୍ତ୍ତମାନ ଭାରତରେ ଦୈନିକ ସଂକ୍ରମଣ ସାରା ବିଶ୍ୱରେ ସର୍ବାଧିକ । ଆମ ଦେଶରେ ପରିସ୍ଥିତିର ଗମ୍ଭୀରତା ଏଥିରୁ ସ୍ପଷ୍ଟ ଅନୁମେୟ । ତେଣୁ ଆମେ ଏହାକୁ ଆଦୌ ହାଲ୍‌କା ଭାବରେ ନେବା ଉଚିତ ନୁହେଁ । ଗତ ୫ ମାସ ହେଲା ଆମେ କରୋନା ବିରୁଦ୍ଧରେ ଆମର ସଂଗ୍ରାମ ଜାରି ରଖିଛୁ ଏବଂ ଓଡ଼ିଶାର ଜନସାଧାରଣ ମଧ୍ୟ ଏହି ମହାମାରୀ ବିରୁଦ୍ଧରେ ଲଢ଼େଇରେ ସାମିଲ ହୋଇଛନ୍ତି ।

**ଆଜି ଓଡ଼ିଶାରେ ଆରୋଗ୍ୟଙ୍କ ସଂଖ୍ୟା ପଚିଶ ହଜାର ଅତିକ୍ରମ କଲା । କୋଭିଡ୍ ଯୁଦ୍ଧରେ ଆମର ସଂଗ୍ରାମରେ ଏହା ହେଉଛି ମହତ୍ତ୍ୱପୂର୍ଣ୍ଣ ଘଟଣା । ସମସ୍ତଙ୍କ ସହଯୋଗରେ ଆମେ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଅଧିକ ଜୀବନ ରକ୍ଷା କରିପାରିଛୁ । ଆମର ମୃତ୍ୟୁ ହାର ୦.୫୭ ପ୍ରତିଶତ ଅଟେ, ଯାହାକି ସାରା ଦେଶରେ ସବୁଠାରୁ କମ୍ ।** ପ୍ରତ୍ୟେକଟି ଜୀବନ ଆମ ପାଇଁ ମୂଲ୍ୟବାନ ଏବଂ ପ୍ରତି ଲୋକର ଜୀବନ ରକ୍ଷା କରିବା ହେଉଛି ଆମର ମିଶନ ।

ଆମର ଆରୋଗ୍ୟଙ୍କ ସଂଖ୍ୟାରେ ବୃଦ୍ଧି ଓ ମୃତ୍ୟୁହାର କମ୍ ରହିଛି । **ଆମର ହଜାର ହଜାର କୋଭିଡ୍ ଯୋଦ୍ଧାମାନଙ୍କର ପ୍ରତିବଦ୍ଧତା, ନିଷ୍ଠା ଓ ଅହର୍ନିଶ ସେବା ଯୋଗୁଁ ଆଜି ଏହା ସମ୍ଭବ ହୋଇପାରିଛି ।** ଆମ ସମସ୍ତଙ୍କୁନିରାପଦ ରଖିବା ପାଇଁ ସେମାନେ ବିରାଟ ତ୍ୟାଗ ସ୍ୱୀକାର କରୁଛନ୍ତି । ଏହି ଭୟାନକ ଯୁଦ୍ଧରେ ମଧ୍ୟ ସେମାନଙ୍କ ମଧ୍ୟରୁ ଅନେକ ସେମାନଙ୍କର ଜୀବନ ବଳିଦାନ ଦେଇଛନ୍ତି । କୋଭିଡ ଯୋଦ୍ଧାମାନଙ୍କର ମାନବ ଜାତି ପାଇଁ ଏହି ସର୍ବୋଚ୍ଚ ତ୍ୟାଗକୁ ପୁନଃ ସ୍ମରଣ କରିବା ଓ ସମ୍ମାନ ଜଣାଇବା ପାଇଁ ସେମାନଙ୍କ ସ୍ମୃତିରେ ମୁଁ ଏକ ନୀରବ ପ୍ରାର୍ଥନାର ନେତୃତ୍ୱ ନେବି ।

**ଆଜି ସଂଧ୍ୟା ୬ଟା ସମୟରେ ଏହି ପ୍ରାର୍ଥନା ସଭାରେ ଯୋଗ ଦେବା ପାଇଁ ଓଡ଼ିଶାର ମୋର ସାଢ଼େ ଚାରିକୋଟି ଭାଇଭଉଣୀମାନଙ୍କୁ ଅନୁରୋଧ କରୁଛି ।** ଏହି ପ୍ରାର୍ଥନା ସଭା ପରେ ପରେ ଆମେ ସମସ୍ତେ ଏକ ଶପଥ ନେବା । କୋଭିଡ୍ ଯୁଦ୍ଧରେ ଆମ ପରିବାର ଓ ଆମର ସୁରକ୍ଷା ପାଇଁ କୋଭିଡ ନିୟମାବଳୀର କଡାକଡି ପାଳନ ସମ୍ପର୍କରେ ଏହା ଆମକୁ ଦାୟିତ୍ୱବାନ ଭାବରେ କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେବ ।

ଆମର କୋଭିଡ୍ ଯୋଦ୍ଧାମାନଙ୍କୁ ସହଯୋଗ କରିବା, ସେମାନଙ୍କ କାର୍ଯ୍ୟକୁ ସମର୍ଥନ ଦେବା ଏବଂ ସେମାନଙ୍କ ତ୍ୟାଗକୁ ସମ୍ମାନ ଜଣାଇ କୋଭିଡ୍ ଯୁଦ୍ଧରେ ଆମର ଦାୟିତ୍ୱ ପାଳନ କରିବା ପାଇଁ ଏହା ହେବ ଶ୍ରେଷ୍ଠ ମାର୍ଗ ।

**ମୋର ଅନୁରୋଧ, ଆଜି ସଂଧ୍ୟା ୬ଟାରେ ଆପଣମାନେ ନିଜ ଘରେ ବା ଯେଉଁଠାରେ ଥାଆନ୍ତୁ, ସେଠାରେ ଠିଆ ହୋଇ କୋଭିଡ ଯୋଦ୍ଧାଙ୍କ ସମ୍ମାନାର୍ଥେ ଏକ ମିନିଟ ନୀରବ ପ୍ରାର୍ଥନା କରନ୍ତୁ ଏବଂ ଏ ଲଢ଼େଇ ଜାରି ରଖିଥିବା କୋଭିଡ ଯୋଦ୍ଧାଙ୍କୁ ଉତ୍ସାହିତ କରିବା ପାଇଁ ଶପଥ କାର୍ଯ୍ୟକ୍ରମରେ ଭାଗ ନିଅନ୍ତୁ । ମୁଁ ନିଜେ ଆପଣମାନଙ୍କୁ ଟିଭି ଓ ସୋସିଆଲ ମିଡିଆ ଜରିଆରେ ଶପଥପାଠ କରାଇବି ।**

## ଶପଥ ପତ୍ର

୧. ମୁଁ ଜଣେ ଓଡ଼ିଶାବାସୀ ଭାବରେ ଶପଥ କରୁଛି ଯେ କୋଭିଡ୍ ଯୋଦ୍ଧାମାନଙ୍କୁ ପୂରା ସହଯୋଗ ଓ ସମ୍ମାନ ଦେବି ।

୨. କୋଭିଡ୍ ଲଢ଼େଇ ଆମ ସମସ୍ତଙ୍କ ଲଢ଼େଇ ।

୩. ପ୍ରତିଟି ଲୋକର ଲଢ଼େଇ ।

୪. ଏ ଲଢ଼େଇରେ ମୁଁ ବି ସାମିଲ ।

୫. କୋଭିଡ୍ ଯୋଦ୍ଧାଙ୍କ ତ୍ୟାଗ, ନିଷ୍ଠା ଓ ଉତ୍ସର୍ଗୀକୃତ ସେବାକୁ ମୁଁ ଉତ୍ସାହିତ କରିବି ଓ ସେମାନଙ୍କ ବଳିଦାନକୁ ବ୍ୟର୍ଥ ହେବାକୁ ଦେବି ନାହିଁ ।

୬. ମୁଁ ନିଜେ କୋଭିଡ୍ ନିୟମାବଳୀ ପାଳନ କରିବି ଏବଂ ଅନ୍ୟମାନଙ୍କୁ ଏଥିପାଇଁ ସଚେତନ କରିବି ।

୭. କରୋନା ବିରୁଦ୍ଧରେ ଲଢ଼େଇକୁ ମଜବୁତ କରିବି ।

୮. ମୁଁ ନିଜେ ଜିତିବି, ମୋ ଓଡ଼ିଶା ଜିତିବ ଓ ମାନବ ଜାତି ବି ଜିତିବ ।

ବନ୍ଦେ ଉତ୍କଳ ଜନନୀ ।

ସୂଚନା ଓ ଲୋକସମ୍ପର୍କ ବିଭାଗ

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0075/2021

ଧରିତ୍ରୀ
DHARITRI
ବୁଧବାର, ୫ ଅଗଷ୍ଟ, ୨୦୨୦

**ପିଇଓ ପଜିଟିଭ ଚିହ୍ନଟ: କ୍ୱାରେଣ୍ଟାଇନ୍‌ରେ ୧୫ କର୍ମଚାରୀ**

ନିମାପଡ଼ା,(ଡି.ଏନ୍.ଏ.): ପୁରୀ ଜିଲା ନିମାପଡ଼ା ବ୍ଲକର ଅଲଣ୍ଡା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) କରୋନା ସଂକ୍ରମିତ ହୋଇଥିବା ମଙ୍ଗଳବାର ଜଣାପଡ଼ିଛି। ତାଙ୍କୁ ଥଣ୍ଡା, ଜ୍ୱର ହୋଇଥିବାରୁ ନିମାପଡ଼ାରେ ଆଣ୍ଟିଜେନ ପରୀକ୍ଷା କରିଥିଲେ। ତାଙ୍କର ପଜିଟିଭ ଥିବା ଜଣାପଡ଼ିଥିଲା। ପିଇଓଙ୍କ ଚିହ୍ନଟ ପରେ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ଆତଙ୍କିତ ହୋଇପଡ଼ିଛନ୍ତି। ବିଡିଓ ମନୋଜ କୁମାର ବେହେରାଙ୍କ ସମେତ ୧୫ଜଣରୁ ଊର୍ଦ୍ଧ୍ୱ କର୍ମଚାରୀ ମଙ୍ଗଳବାର ଗୃହ ସଙ୍ଗରୋଧରେ ରହିଥିବା ବିଡିଓ କହିଛନ୍ତି।



ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୧୪ତମ ଶ୍ରାଦ୍ଧବାର୍ଷିକୀରେ ମଙ୍ଗଳବାର ଉତ୍କଳ ସମ୍ମିଳନୀର କର୍ମକର୍ତ୍ତାମାନେ ଭୁବନେଶ୍ୱର ରାଜଭବନ ରୋଡ୍ ଏଲ୍‌ଆଇସି ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି।

# ନନ୍ଦିନୀ ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି

### ପ୍ରତିମୂର୍ତ୍ତି ରକ୍ଷଣାବେକ୍ଷଣ ଦାବିକଲା ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର,୪।୮(ବ୍ୟୁରୋ)

ଓଡ଼ିଶାର ପ୍ରଥମ ତଥା ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧ ଦିବସରେ ମଙ୍ଗଳବାର ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲ୍ଲୀପ ଦାଶଶର୍ମାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଶତପଥୀଙ୍କ ପ୍ରତିମୂର୍ତ୍ତି ସମେତ ଭୁବନେଶ୍ୱରରେ ଥିବା ଅନ୍ୟ ବରପୁତ୍ରୀ ଓ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିର ରକ୍ଷଣାବେକ୍ଷଣ ଦାବି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ନିମାଇଁ ଚରଣ ଦାସ, ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି, ଯୁଗ୍ମ ସମ୍ପାଦକ ଅଶୋକ କୁମାର ପାଲଟାସିଂହ, ବାସନ୍ତି ତ୍ରିପାଠୀ, ନିରଞ୍ଜନ ପାତ୍ର, ଗୋପୀ ପଟ୍ଟନାୟକ, ପ୍ରକାଶ କୁମାର ସାମଲ ଓ ସୁଧାଂଶୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କରୋନା ସଂକ୍ରମଣ ସ୍ଥିତି

ମଙ୍ଗଳବାର ରାତି ୧୦ଟା ସୁଦ୍ଧା

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧,୮୫,୭୦,୫୮୯ | ୭,୦୦,୧୮୯ | ୧,୧୭,୬୭,୩୪୨ |
| ଭାରତ | ୧୯,୦୨,୫୯୮ | ୩୯,୮୧୪ | ୧୨,୭୯,୫୨୬ |
| ଓଡ଼ିଶା | ୩୭,୬୮୧ | ୨୧୬(+୪୨) | ୨୪,୪୮୩ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଚଳିତ ମାସରେ ଯୁକ୍ତ୨ ପରୀକ୍ଷାଫଳ

ଭୁବନେଶ୍ୱର, ୪।୮(ବ୍ୟୁରୋ)

ଚଳିତ ମାସରେ ଯୁକ୍ତ୨ କଳା, ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇବ। ଯୁକ୍ତ ଦୁଇ ବିଜ୍ଞାନ ଓ ବାଣିଜ୍ୟ ଖାତା ଦେଖା ଶେଷ ହୋଇଛି। ଟାବୁଲେଶନ ଚାଲିଛି। ଅଗଷ୍ଟ ତୃତୀୟ ସପ୍ତାହ ପୂର୍ବରୁ ରେଜଲ୍ଟ ପ୍ରକାଶ ପାଇବ ବୋଲି ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସେହିପରି ଚଳିତ ମାସ ଶେଷ ସପ୍ତାହରେ ଯୁକ୍ତ୨ କଳା ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ମଙ୍ଗଳବାରଠାରୁ ଶିକ୍ଷକଙ୍କ ଅନ୍‌ଲାଇନ୍ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ରାଜ୍ୟର ୧୦୧ଟି ଉତ୍କର୍ଷ ବିଦ୍ୟାଳୟ, ୩୦ ଜିଲାର ୩୦ଟି ଯୁକ୍ତ୨ କଲେଜ ଏବଂ ଶିକ୍ଷକ ଶିକ୍ଷା କଲେଜର ଶିକ୍ଷକଙ୍କୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଅନ୍‌ଲାଇନ୍ ତାଲିମ୍ ଦିଆଯାଉଛି। ପ୍ରଥମ ଦିନରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବିଭାଗୀୟ ସଚିବ, ଓଡ଼ିଶା ସ୍କୁଲ ଶିକ୍ଷାଧିକାରୀ, ଓସେପା ପ୍ରକଳ୍ପ ନିର୍ଦ୍ଦେଶକ ଆଲୋଚନା କରିଥିଲେ। ବିଭାଗ ପକ୍ଷରୁ ୫ଦିନ ପର୍ଯ୍ୟନ୍ତ ଦିନକୁ ଦୁଇଘଣ୍ଟା ଲେଖାଏ ତାଲିମ ପ୍ରଦାନ କରାଯିବ।

## ରିପୋର୍ଟ ଦେଲେ ଡିଇଓ

### ଅନ୍‌ଲାଇନ କ୍ଲାସ୍‌ରେ ଅଶ୍ଳୀଳ ଫଟୋ ଘଟଣା

କଟକ ଅଫିସ,୪।୮

କଟକର ଏକ ପୁରାତନ ସରକାରୀ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଅନ୍‌ଲାଇନ କ୍ଲାସ୍ ଚାଲିଥିବାବେଳେ ପ୍ରଧାନଶିକ୍ଷକ ଅଶ୍ଳୀଳ ଫଟୋ ଓ ଲିଙ୍କ ଛାଡ଼ିବା ଘଟଣାରେ ତଦନ୍ତ ଶେଷ ହୋଇଛି। କଟକ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ଏ ସଂକ୍ରାନ୍ତୀୟ ଏକ ରିପୋର୍ଟ ରାଜ୍ୟ ଶିକ୍ଷା ବିଭାଗ ନିକଟରେ ଦାଖଲ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଡିଇଓଙ୍କ ନିର୍ଦ୍ଦେଶ କ୍ରମେ ବିଇଓ ସମ୍ପୃକ୍ତ ସ୍କୁଲର ଶିକ୍ଷକ, ଅଭିଭାବକ, ପରିଚାଳନା କମିଟି ସଦସ୍ୟ ଓ ଛାତ୍ରୀଛାତ୍ରଙ୍କୁ ପଚରାଉଚୁରା କରିଥିଲେ। ତଦନ୍ତ ସରିବା ପରେ ବିଇଓ ଏକ ରିପୋର୍ଟ ଡିଇଓଙ୍କୁ ଦେଇଥିଲେ। ପରେ ଡିଇଓ ଅତିରିକ୍ତ ଶିକ୍ଷା ସଚିବଙ୍କଠାରେ ମଙ୍ଗଳବାର ସେହି ରିପୋର୍ଟ ଦାଖଲ କରିଛନ୍ତି।

## ବିଲରୁ ହଳଦିଆ କଇଁଛ ଉଦ୍ଧାର



ଉଦ୍ଧାର ବିରଳ ପ୍ରଜାତିର କଇଁଛ।

ଖଇରା, ୪।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଗଗନଧୂଳି ପଞ୍ଚାୟତ ଅଧୀନ ବରପଦା ଗ୍ରାମ ନିକଟସ୍ଥ ଧାନବିଲରୁ ଏକ ହଳଦିଆ ରଙ୍ଗର କଇଁଛ ଉଦ୍ଧାର କରାଯାଇଛି। ପରେ ଏହାକୁ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ପ୍ରଦୀପ କୁମାର ସାହୁ ମଙ୍ଗଳବାର ଜମିରେ କାମ କରୁଥିବା ବେଳେ ଏହି କଇଁଛକୁ ଦେଖି ସମିତିସଭ୍ୟ ମନୋଜ କୁମାର ରାଉତଙ୍କୁ ଖବର ଦେଇଥିଲେ। ସମିତିସଭ୍ୟ ବନ ବିଭାଗକୁ ଅବଗତ କରାଇଥିଲେ। ଏହି ବିରଳ ପ୍ରଜାତିର କଇଁଛ ଦେଖିବାକୁ ଲୋକ ଭିଡ ଜମାଇଥିଲେ।

# ଲଘୁଚାପ: ସାରା ରାଜ୍ୟରେ ବର୍ଷା

- ସତର୍କ ରହିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ
- ନଦୀ ଫୁଲିବ
- ବନ୍ୟା ସମ୍ଭାବନା ନାହିଁ
- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଭୁବନେଶ୍ୱର,୪।୮(ବ୍ୟୁରୋ)

ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ ହୋଇଛି। ଲଘୁଚାପ ଯୋଗୁ ରାଜ୍ୟରେ ତୁହାକୁ ତୁହା ବର୍ଷା ଲାଗିରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ପିପିଲିରେ ୧୪ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ନିମାପଡ଼ା ୧୩, ବାଲିପାଟଣା ୧୧, ଦେବଗଡ଼ ୧୦, ଗୋପ ୧୦, ଚାନ୍ଦବାଲି ୧୦, ସତ୍ୟବାଦୀ ୯, କାକଟପୁର ୭, ଯୋଡ଼ା, କୋଟପାଡ଼, କୁଚିଣ୍ଡା, ଭଦ୍ରକ, ଝୁମ୍ପୁରାରେ ୭ ସେଣ୍ଟିମିଟର ଲେଖାଏ ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, କେନ୍ଦୁଝର, ସମ୍ବଲପୁର ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ପକ୍ଷରୁ ଏହି ସବୁ ଜିଲାପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, କଟକ, ଅନୁଗୋଳ, ଦେବଗଡ଼, କୋରାପୁଟ, ନବରଙ୍ଗପୁର ଏବଂ କଳାହାଣ୍ଡି ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ଲଘୁଚାପ ଯୋଗୁ ସମୁଦ୍ର ଅଶାନ୍ତ ରହିବ। ଉପକୂଳରେ ଘଣ୍ଟାକୁ ୪୦ରୁ ୫୦ କି.ମି. ବେଗରେ ପବନ ବହିବ। ୪ ଓ ୫ ତାରିଖରେ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ନ ଯିବା ଲାଗି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ପ୍ରବଳ ବର୍ଷା ହେବା ସମ୍ଭାବନା ଥିବାରୁ ଜିଲାପାଳମାନଙ୍କୁ ମଧ୍ୟ ସତର୍କ କରି ଦିଆଯାଇଛି। ଯେ କୌଣସି ପ୍ରକାର ପରିସ୍ଥିତିର ସମ୍ମୁଖୀନ ହେବା ଲାଗି ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳମାନଙ୍କୁ ଚଠି ଲେଖି ଜଣାଇ ଦିଆଯାଇଛି। ଦୁଇଦିନ ବର୍ଷିବା ପରେ ଲଘୁଚାପ ବୁଧବାର ଅପରାହ୍ଣ ସୁଦ୍ଧା ଛତିଶଗଡ଼ ଦେଇ ଗୁଜରାଟ ଆଡ଼େ ଚାଲିଯିବାର ସମ୍ଭାବନା ରହିଛି। ଛତିଶଗଡ଼ରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବର୍ଷା ଯୋଗୁ କେତେକ ନଦୀରେ ବନ୍ୟା ଜଳ ଆସିବା ସମ୍ଭାବନା ରହିଛି। ବଡ଼ ବଡ଼ ନଦୀ ଓ ଡ୍ୟାମ୍ ଖାଲି ରହିଥିବାରୁ ବର୍ତ୍ତମାନ ପରିସ୍ଥିତିରେ ରାଜ୍ୟରେ ବନ୍ୟା ପରିସ୍ଥିତି ନାହିଁ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ତେବେ ଆସନ୍ତା ୯ ତାରିଖରେ ହେବାକୁ ଥିବା ଆଉ ଏକ ଲଘୁଚାପ ଦକ୍ଷିଣ ଓଡ଼ିଶାରେ ବନ୍ୟା ପରିସ୍ଥିତି ସୃଷ୍ଟି କରିବାର ସମ୍ଭାବନା ରହିଛି। ବଂଶଧାରା, ଋଷିକୁଲ୍ୟା ଆଦିରେ ବନ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି। ଲଘୁଚାପ ଯୋଗୁ ୯ରୁ ୧୧ ତାରିଖ ୩ ଦିନ ଯାଏ ବର୍ଷା ଲାଗିରହିବ ବୋଲି ଅନୁମାନ କରାଯାଇଛି।





## ଅଯୋଧ୍ୟା ସୁରକ୍ଷା ଦାୟିତ୍ୱରେ ଓଡ଼ିଆ ଆଇପିଏସ୍ ଅଧିକାରୀ



ଜୟପୁର,୪।୮(ଡି.ଏନ୍.ଏ.): ଉତ୍ତରପ୍ରଦେଶର ଅଯୋଧାରେ ରାମମନ୍ଦିର ନିର୍ମାଣ ପାଇଁ ବୁଧବାର ଭୂମିପୂଜନ କାର୍ଯ୍ୟକ୍ରମ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିରେ ମୁଖ୍ୟ ଅତିଥିଭାବେ ଯୋଗ ଦେବେ। ଅନ୍ୟମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶ ମୁଖମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମେତ ଅନେକ କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀ ଯୋଗଦେବେ। ଏଠାରେ ସୁରକ୍ଷା ଏବଂ ଆଇନଶୃଙ୍ଖଳା ରକ୍ଷା ପୋଲିସ ପାଇଁ ଏକ ଚାଲେଞ୍ଜ। ଭୂମି ପୂଜା ସମୟରେ ସୁରକ୍ଷାର ଦାୟିତ୍ୱ ଜଣେ ଓଡ଼ିଆଙ୍କ ହାତରେ। ସେ ହେଲେ ଏଡିଜି ସତ୍ୟ ନାରାୟଣ ସାବତ। ସତ୍ୟ ନାରାୟଣଙ୍କ ଘର କୋରାପୁଟ ଜିଲା ଜୟପୁର ପାଣିନଳା ସାହିରେ। ସେ ୧୯୬୪ରେ ଜନ୍ମ ଗ୍ରହଣ କରିଥିଲେ। ସେଠାରୁ ପାଠପଢ଼ା ସାରି ସେ ପଦାର୍ଥ ବିଜ୍ଞାନରେ ଉଚ୍ଚ ଶିକ୍ଷା ପାଇଁ ବାହାରକୁ ଯାଇଥିଲେ। ୧୯୯୦ରୁ ସେ ଉତ୍ତରପ୍ରଦେଶ ପୋଲିସ ଏବଂ ସିଆର୍‌ପିଏଫ୍‌ର ବିଭିନ୍ନ ପଦବୀରେ ରହି ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି। ସେହିପରି ଗତ କୁମ୍ଭମେଳାର ଆଇନ ଶୃଙ୍ଖଳା ଦାୟିତ୍ୱ ମଧ୍ୟ ତାଙ୍କ ଉପରେ ଥିଲା।

# ‘ଅଗଷ୍ଟରେ ଶୀର୍ଷକୁ ଯାଇ ସ୍ଥିର ହେବ କରୋନା ସ୍ଥିତି’

- ନୂଆ ୧,୩୮୪ ପଜିଟିଭ୍ ଚିହ୍ନଟ, ୯ ମୃତ
- ଦିନକରେ ୧,୪୦୯ ଆରୋଗ୍ୟ

ଭୁବନେଶ୍ୱର, ୪।୮(ବ୍ୟୁରୋ)



ରାଜ୍ୟରେ କରୋନା ସ୍ଥିତି ଦିନକୁ ଦିନ ଭୟଙ୍କର ହେଉଛି। ଜୁଲାଇ ମାସରେ ଯେଉଁଭଳି ଭାବେ ଆକ୍ରାନ୍ତଙ୍କ ବୃଦ୍ଧି ପାଇଥିଲା ଅଗଷ୍ଟରେ ମଧ୍ୟ ସେହିଭଳି ସ୍ଥିତି ରହିଛି। ତେଣୁ ଅଗଷ୍ଟ ମାସରେ ବି ଏହି ସ୍ଥିତି ଶୀର୍ଷରେ ରହିବ ବୋଲି ଅନୁମାନ କରାଯାଉଛି। ତେବେ ଅଗଷ୍ଟରେ କରୋନା ସ୍ଥିତି ଶୀର୍ଷକୁ ଯାଇ ସ୍ଥିର ହେବ। କିନ୍ତୁ ଏହି ଭୂତାଣୁର ରୂପରେଖ ଭିନ୍ନ ହେଉଥିବାରୁ ଏହାକୁ ନେଇ କିଛି ନିର୍ଦ୍ଦିଷ୍ଟ ରଣନୀତି ଆକଳନ କରାଯାଇପାରୁ ନାହିଁ ବୋଲି ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍‌ଏସ୍) ନିର୍ଦ୍ଦେଶକ ଅଜୟ ପରିଡ଼ା କହିଛନ୍ତି।

ଏବେ କରୋନା ମୃତ୍ୟୁହାର କ୍ଷେତ୍ରରେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ସ୍ଥିତି ଭଲ ରହିଛି। କରୋନା ବ୍ୟତୀତ ଅନ୍ୟ କିଛି ଜଟିଳ ରୋଗ ଥିବା ଯୋଗୁ ଅଧିକ ଲୋକଙ୍କ ମୃତ୍ୟୁ ଘଟୁଛି। ଏପର୍ଯ୍ୟନ୍ତ ଘରେ କାହାରି ମୃତ୍ୟୁ ଘଟିନି, କେବଳ ଯେଉଁ ବ୍ୟକ୍ତି ମେଡିକାଲ ଆସୁଛନ୍ତି ସେମାନଙ୍କ ଅବସ୍ଥା ଗୁରୁତର ଥିଲେ ଆଖି ବୁଜୁଛନ୍ତି। ଏବେ ଦିନକୁ ୨୦ ହଜାର ଟେଷ୍ଟ ହେଉଛି। ଯେଉଁମାନଙ୍କ ଲକ୍ଷଣ ଥିବ, ତୁରନ୍ତ ସେମାନଙ୍କ ଚିକିତ୍ସା ଆରମ୍ଭ କରାଯିବା ଦରକାର। ଏହାଦ୍ୱାରା ମୃତ୍ୟୁହାର କମିବ। ସରକାରଙ୍କ ଟାର୍ଗେଟ ରହିଛି ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ତୁରନ୍ତ ଟେଷ୍ଟ ଆରମ୍ଭ କରାଯିବ। ଅନ୍ୟ କେଉଁ କାରଣରୁ ମୃତ୍ୟୁ ହେଉଛି ତାହା ଉପରେ ବିଶ୍ଳେଷଣ କରାଯିବା ଆବଶ୍ୟକ ବୋଲି ଆଇଏଲ୍‌ଏସ୍ ନିର୍ଦ୍ଦେଶକ ପରିଡ଼ା କହିଛନ୍ତି। କରୋନା ଟେଷ୍ଟିଂ କାର୍ଯ୍ୟକ୍ରମ ବ୍ୟାପକ ହେଉଥିବାରୁ ଅଧିକ ସଂଖ୍ୟକ ସଂକ୍ରମିତ ଚିହ୍ନଟ ହେବା ସ୍ୱାଭାବିକ ବୋଲି ରାଜ୍ୟ ସରକାର କହୁଛନ୍ତି। ତେବେ ରାଜ୍ୟର ଜନସଂଖ୍ୟା ସାଢ଼େ ୪ କୋଟିରୁ ଅଧିକ ହୋଇଥିବା ବେଳେ ସରକାରୀ ରିପୋର୍ଟ ମୁତାବକ ମଙ୍ଗଳବାର ସୁଦ୍ଧା ଓଡ଼ିଶାରେ ୫,୭୦,୫୯୦ ଜଣଙ୍କ କରୋନା ପରୀକ୍ଷା କରାଯାଇଛି।

ରାଜ୍ୟରେ ଆଉ ୧,୩୮୪ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୮୮୯ ଜଣଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଚିହ୍ନଟ କରାଯାଇଥିବା ବେଳେ ୪୯୫ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଗଞ୍ଜାମ ଜିଲାରୁ ସର୍ବାଧିକ ୨୮୮ ଜଣ ରହିଛନ୍ତି। ସେହିପରି ଖୋର୍ଦ୍ଧାରୁ ୨୦୧, କଟକ ୧୨୧, ସମ୍ବଲପୁର ୮୨, କେନ୍ଦୁଝର ୬୬, ସୁନ୍ଦରଗଡ଼ ୬୪, କନ୍ଧମାଳ ୬୨, ଢେଙ୍କାନାଳ ୫୧, କୋରାପୁଟ ୪୯, କଳାହାଣ୍ଡି ୪୭, ଭଦ୍ରକ ୪୦, ଯାଜପୁର ୩୯, ଗଜପତି ୩୮, ବାଲେଶ୍ୱର ୩୭, ପୁରୀ ଓ ମାଲକାନଗିରିରୁ ୩୪ଜଣ ଲେଖାଏ, ନୟାଗଡ଼ ୩୧, ମୟୂରଭଞ୍ଜ ୨୮, ଜଗତସିଂହପୁର ୨୦, ଅନୁଗୋଳ ୧୪, କେନ୍ଦ୍ରାପଡ଼ା ୧୨, ବରଗଡ଼ ୧୦, ବଲାଙ୍ଗୀର ୫, ଝାରସୁଗୁଡ଼ା ଓ ନୂଆପଡ଼ାରୁ ୩ଜଣ ଲେଖାଏ, ନବରଙ୍ଗପୁର ଓ ବୌଦ୍ଧରୁ ୨ଜଣ ଲେଖାଏ, ସୋନପୁରରୁ ଜଣେ ରହିଛନ୍ତି। ରାଜ୍ୟରେ ସଂକ୍ରମିତ ସଂଖ୍ୟା ୩୭,୬୮୧ ଛୁଇଁଛି। ମଙ୍ଗଳବାର ଆଉ ୯ଜଣଙ୍କ କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଗଞ୍ଜାମରୁ ୬, ଖୋର୍ଦ୍ଧା, ଯାଜପୁର ଓ ପୁରୀରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୨୬୧କୁ ବୃଦ୍ଧି ପାଇଛି। ଆଉ ଜଣେ ଆକ୍ରାନ୍ତଙ୍କ ଅନ୍ୟ ରୋଗରେ ମୃତ୍ୟୁ ଘଟିଛି। ରାଜ୍ୟରେ ଅଣକୋଭିଡ୍ ମୃତ୍ୟୁ ସଂଖ୍ୟା ୪୨ରେ ପହଞ୍ଚିଛି। ସେହିପରି ମଙ୍ଗଳବାର ରାଜ୍ୟରେ ଏକାଥରକେ ୧,୪୦୯ଜଣ ଆରୋଗ୍ୟ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ଆରୋଗ୍ୟ ସଂଖ୍ୟା ୨୪,୪୮୨ରେ ପହଞ୍ଚିଛି। ବର୍ତ୍ତମାନ ୧୨,୯୪୦ଜଣ ସକ୍ରିୟ ରୋଗୀ ଥିବା ବେଳେ ୧୪,୩୪୯ଜଣ ହସ୍ପିଟାଲ ଆଇସୋଲେଶନରେ ରହିଛନ୍ତି।

## ଭିମ୍‌ସାରର ୯ ଡାକ୍ତର ଆକ୍ରାନ୍ତ

ସମ୍ବଲପୁର(ବ୍ୟୁରୋ): ସମ୍ବଲପୁର ବୁର୍ଲାସ୍ଥିତ ବୀରସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମ୍‌ସାର) ମେଡିସିନ ବିଭାଗର ୯ ଜଣ ସିନିୟର ଓ ଜୁନିୟର ଡାକ୍ତର କରୋନାରେ ଆକ୍ରାନ୍ତ ହୋଇଛନ୍ତି। ନିଜେ ଭିମ୍‌ସାର ନିର୍ଦ୍ଦେଶକ ଡା. ଲଳିତ ମେହେର ଏହା ସ୍ପଷ୍ଟ କରିଛନ୍ତି। ଏହି ଡାକ୍ତରମାନଙ୍କ କରୋନା ପଜିଟିଭ ରିପୋର୍ଟ ଆସିବା ପରେ ମଙ୍ଗଳବାର ଅପରାହ୍ଣରେ ମେଡିସିନ ବିଭାଗର ଓପିଡି ବନ୍ଦ କରାଯାଇଛି।

# ମାଟ୍ରିକ ପରୀକ୍ଷା: ୬ରୁ ପୁନଃ ଯାଞ୍ଚ ପାଇଁ ଆବେଦନ

କଟକ ଅଫିସ,୪।୮

ମାଟ୍ରିକ ପରୀକ୍ଷାର ବିଭିନ୍ନ ବିଷୟ ପୁନଃ ଯାଞ୍ଚ, ପରୀକ୍ଷା ଖାତାର ନକଲ ପାଇଁ ଦରଖାସ୍ତ ଓ ଫି’ ଦାଖଲ ପ୍ରକ୍ରିୟା ଆସନ୍ତା ୬ ତାରିଖରୁ ଆରମ୍ଭ ହେବ। ଅଗଷ୍ଟ ୧୮ ମଧ୍ୟରାତ୍ରି ସୁଦ୍ଧା ଫି’ ଦାଖଲ କରାଯିବ। ଯେଉଁମାନେ ଶେଷ ମୁହୂର୍ତ୍ତରେ ଫି’ ଦାଖଲ କରିବେ, ସେମାନଙ୍କ ପାଇଁ ଫର୍ମ ଦାଖଲର ଶେଷ ତାରିଖ ୧୯ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ସମୟ ରହିଛି। ୨୪ ଘଣ୍ଟିଆ ଅନ୍‌ଲାଇନ୍ ଆବେଦନ ଚାଲୁ ରହିବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଖାତାର ଅବିକଳ ନକଲ ବୋର୍ଡର ୱେବ୍‌ସାଇଟ୍‌ରୁ ଡାଉନଲୋଡ୍ କରିହେବ। ମଧ୍ୟମା,ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାର୍ଥୀ ଅଫ୍‌ଲାଇନ୍‌ରେ ଆବେଦନ କରିବେ। କେବଳ କାର୍ଯ୍ୟ ଦିବସରେ ବୋର୍ଡ ମୁଖ୍ୟ ଓ ଶାଖା ଅଫିସରେ ଆବେଦନ ସୁବିଧା ରହିବ ବୋଲି ବୋର୍ଡର ଉପସଭାପତି ତଥା ପରୀକ୍ଷା ନିୟନ୍ତ୍ରକ ଡ. ନିହାର ରଞ୍ଜନ ମହାନ୍ତି କହିଛନ୍ତି।

# ଆତଙ୍କ ଖେଳାଉଥିବା କୁମ୍ଭୀର କାବୁ



କୁମ୍ଭୀର ଉଦ୍ଧାର କରାଯାଉଛି।

କେନ୍ଦ୍ରାପଡ଼ା ଅଫିସ, ୪।୮

କେନ୍ଦ୍ରାପଡ଼ା ବ୍ଲକ ଇନ୍ଦୁପୁର ବିରୂପା ନଦୀ ଶାଖା ପଠାରୁ ମଙ୍ଗଳବାର ୬ ଫୁଟରୁ ଊର୍ଦ୍ଧ୍ୱ ଏକ କୁମ୍ଭୀର ଉଦ୍ଧାର ହୋଇଛି। ଦୀର୍ଘ ୪ବର୍ଷ ଧରି ଉକ୍ତ ସ୍ଥାନରେ ଆତଙ୍କ ଖେଳାଉଥିବା କୁମ୍ଭୀରକୁ ବନ ବିଭାଗ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ଉଦ୍ଧାର କରାଯାଇଛି। ଏହାକୁ ଭିତରକନିକାରେ ଛଡାଯିବ ବୋଲି ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ କହିଛନ୍ତି। ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ଉଦ୍ଧାର ସ୍ଥାନଠାରୁ ୨ କିମି ନଦୀ ଅଞ୍ଚଳରେ କୁମ୍ଭୀରଟି ୪ ବର୍ଷ ଧରି ବୁଲୁଥିଲା। ବିଭିନ୍ନ ସମୟରେ ଗାଈ, ଛେଳି, ମେଣ୍ଢା, କୁକୁର, ଘୁଷୁରି ଆଦି ଶିକାର କରୁଥିବା ବେଳେ ୨୦୧୯ ଜୁଲାଇରେ ସ୍ଥାନୀୟ ଅଞ୍ଚଳର ମିଟୁ ଜେନାଙ୍କୁ ଆକ୍ରମଣ କରିଥିଲା। ତେବେ ସୌଭାଗ୍ୟବଶତଃ କ୍ଷତାକ୍ତ ମିଟୁ ମଇଁଷି ଲାଞ୍ଜ ଧରି ନଦୀ ପାର ହୋଇଥିଲେ। ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ବିଭୂତି ଜେନାଙ୍କ ଘୁଷୁରିକୁ ଏହି କୁମ୍ଭୀର ଟାଣି ନେଇଥିଲା। ଅର୍ଦ୍ଧେକ ଖାଇବା ପରେ ଛାଡି ପଳାଇବାରୁ ବିଭୂତି ଏହି ଘୁଷୁରିକୁ ଏକ ଛୋଟ ଗଡିଆ ନିକଟରେ ବାନ୍ଧି ଦେଇଥିଲେ। ରାତିରେ କୁମ୍ଭୀର ଆସିବା ପରେ ବିଭୂତି ଓ ସ୍ଥାନୀୟ ଗ୍ରାମବାସୀ ଗଡିଆର ବାଟ ବନ୍ଦ କରି ବନ ବିଭାଗକୁ ଖବର ଦେଇଥିଲେ। ଏହି ସ୍ଥାନରେ କୁମ୍ଭୀର ଭୟ ଯୋଗୁ ୪ବର୍ଷ ଧରି ନଦୀକୁ କେହି ଗାଧୋଇବା ପାଇଁ ଯାଉ ନ ଥିଲେ।

**ଆଜିର ସମ୍ପାଦକୀୟ** ଅନ୍ଧକାର ବର୍ଷ

ଆଇପିଏଲ୍-୨୦୨୦: ଓହରିପାରେ ଭିଭୋ (ପୃଷ୍ଠା-୫)


# ଅଯୋଧ୍ୟା ଉତ୍ସବ ମୁଖର


ସୁସଜ୍ଜିତ ଅଯୋଧ୍ୟା

**୨୦୧୯ ନଭେମ୍ବର ୯। ଏହା ହେଉଛି ସେହି ତାରିଖ, ଯେଉଁ ଦିନ ଦୀର୍ଘ ୧୩୪ ବର୍ଷ ଧରି ଚାଲିଥିବା ଆଇନଗତ ଲଢ଼େଇ ଓ ପ୍ରତୀକ୍ଷାର ଅନ୍ତ ଘଟିଥିଲା। ବିଶ୍ୱର ଅନ୍ୟତମ ବହୁ ଚର୍ଚ୍ଚିତ ଅଯୋଧ୍ୟା ମାମଲାର ଐତିହାସିକ ରାୟ ଏହି ଦିନ ପ୍ରକାଶ ପାଇବା ସହ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ବିବାଦର ସମାଧାନ ହୋଇଥିଲା। ବିବାଦୀୟ ସ୍ଥଳରେ ରାମମନ୍ଦିର ନିର୍ମାଣ ପାଇଁ ସୁପ୍ରିମକୋର୍ଟ ପଥ ପରିଷ୍କାର କରିଥିଲେ। ୨.୭୭ ଏକର ବିବାଦୀୟ ଭୂମିର ମାଲିକାନା ସ୍ୱତ୍ୱ ରାମ ଲାଲା ପକ୍ଷଙ୍କୁ ହସ୍ତାନ୍ତର ସହ ସେଠାରେ ମନ୍ଦିର ନିର୍ମାଣ ପାଇଁ କେନ୍ଦ୍ର ସରକାର ୩ ମାସ ମଧ୍ୟରେ ଏକ ଟ୍ରଷ୍ଟ ଗଠନ କରି ରୂପରେଖ ପ୍ରସ୍ତୁତ କରିବେ ବୋଲି ଦେଶର ସର୍ବୋଚ୍ଚ ଅଦାଲତ ରାୟ ଦେଇଥିଲେ। ଏହାସହ ସରକାର ଏକ ପ୍ରମୁଖ ସ୍ଥାନରେ ୫ ଏକର ପରିମିତ ଉପଯୁକ୍ତ ଜମି ସୁନ୍ନି ୱାକଫ୍ ବୋର୍ଡକୁ ହସ୍ତାନ୍ତର କରିବେ। ୱାକଫ୍ ବୋର୍ଡ ଉକ୍ତ ସ୍ଥାନରେ ମସ୍‌ଜିଦ ନିର୍ମାଣ କରିବ ବୋଲି ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ରହିଥିଲା। ତତ୍କାଳୀନ ସିଜେଆଇ ରଞ୍ଜନ ଗୋଗୋଇ ଅବସର ନେବା ପୂର୍ବରୁ ତାଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠରେ ପ୍ରକାଶ ପାଇଥିବା ୧୦୪୫ ପୃଷ୍ଠା ସମ୍ବଳିତ ଏହି ସର୍ବସମ୍ମତ ରାୟକୁ କେନ୍ଦ୍ର ସରକାର, ହିନ୍ଦୁତ୍ୱବାଦୀ ଓ ଦକ୍ଷିଣପନ୍ଥୀ ସଙ୍ଗଠନ ସମେତ ଅଧିକାଂଶ ମହଲରେ ସ୍ୱାଗତ କରିଥିଲେ। ସୁପ୍ରିମକୋର୍ଟଙ୍କ ରାୟର ପ୍ରାୟ ୯ ମାସ ପରେ ଅଗଣିତ ରାମ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସ୍ୱପ୍ନ ସାକାର ହେବାକୁ ଯାଉଛି।**


ଶ୍ରୀରାମ ତୀର୍ଥକ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ଟୁଇଟ୍ କରାଯାଇଥିବା ରାମମନ୍ଦିର ମଡେଲ।

## ଆଜି ରାମମନ୍ଦିର ଭୂମି ପୂଜନ

**ଅଯୋଧ୍ୟା,୪।୮:** ପୋଲିସ ବ୍ୟାରିକେଡ୍, ହଳଦିଆ ବ୍ୟାନର, କାନ୍ଥଗୁଡ଼ିକରେ ନୂଆ ପ୍ରଲେପ ଓ ଭଜନ କୀର୍ତ୍ତନ ସହ ବୁଧବାରକୁ ଅପେକ୍ଷା କରିଛି ଶ୍ରୀରାମଙ୍କ ଜନ୍ମଭୂମି ଅଯୋଧ୍ୟା ନଗରୀ। ରାମମନ୍ଦିର ଭୂମି ପୂଜନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅପରାହ୍ନ ୧୨ଟା ୩୦ରେ ଏହାର ଶିଳାନ୍ୟାସ କରିବେ। ରାମଲାଲାଙ୍କ ଭବ୍ୟ ମନ୍ଦିର ନିର୍ମାଣର ଏହି ଶୁଭ ମୁହୂର୍ତ୍ତ ପ୍ରତୀକ୍ଷାରେ ଅଗଣିତ ଭକ୍ତ ଓ ଶ୍ରଦ୍ଧାଳୁ। ରାମମନ୍ଦିର ଭୂମି ପୂଜନ ଉତ୍ସବ ପାଇଁ ଉତ୍ସବ ମୁଖର ହୋଇଛି ଉତ୍ତରପ୍ରଦେଶର ଅଯୋଧ୍ୟା ନଗରୀ। ରାମ ଜନ୍ମଭୂମିରେ ରାମଙ୍କ ମନ୍ଦିର ନିର୍ମାଣ ପାଇଁ ବୁଧବାର ଅନୁକୂଳ କରାଯିବ। ଏଥିପାଇଁ ଧାର୍ମିକ ରୀତିନୀତି ଆରମ୍ଭ ହୋଇସାରିଛି। ପ୍ରଧାନମନ୍ତ୍ରୀଙ୍କ ଯୋଗଦାନକୁ ଦୃଷ୍ଟିରେ ରଖି କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିଜେ ସମସ୍ତ ପ୍ରସ୍ତୁତିର ସମୀକ୍ଷା ଓ ଅନୁଧ୍ୟାନ କରିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେବାକୁ ଥିବା ଅତିଥିମାନେ ଅଯୋଧ୍ୟାରେ ପହଞ୍ଚିବାରେ ଲାଗିଛନ୍ତି।

ଇତିମଧ୍ୟରେ ଦେବଦେବୀଙ୍କୁ ଆବାହନ ପାଇଁ ଉଦ୍ଦିଷ୍ଟ ରାମଚରଣ ପୂଜା ଆରମ୍ଭ ହୋଇଛି। ବୁଧବାର ସକାଳ ୮ଟାରେ ଉତ୍ସବ ଆରମ୍ଭ ହୋଇ ଅପରାହ୍ନ ୨ଟାରେ ଶେଷ ହେବ। ମୁଖ୍ୟ ଭୂମି ପୂଜନ ୧୨ଟା ୩୦ରେ ☞ପୃଷ୍ଠା-୨

## ପ୍ରଦୀପ ସିଂ ସିଭିଲ ସର୍ଭିସ ଟପ୍ପର

### ଶ୍ରେଷ୍ଠ ୧୦ରେ ଓଡ଼ିଶାର ଅଭିଷେକ, ସଞ୍ଜିତା


ପ୍ରଦୀପ ସିଂ


ଅଭିଷେକ ସରାଫ


ସଞ୍ଜିତା ମହାପାତ୍ର

**ନୂଆଦିଲ୍ଲୀ, ୪।୮**

କେନ୍ଦ୍ରୀୟ ଲୋକସେବା ଆୟୋଗ(ୟୁପିଏସ୍‌ସି) ପକ୍ଷରୁ ମଙ୍ଗଳବାର ୨୦୧୯ ସିଭିଲ୍ ସର୍ଭିସ୍ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ହରିୟାଣାର ସୋନେପତ୍ ଜିଲା ନିବାସୀ ପ୍ରଦୀପ ସିଂ ଟପ୍ପର ହୋଇଥିବାବେଳେ ଦ୍ୱିତୀୟ ସ୍ଥାନରେ ଯତୀନ୍ କିଶୋର ଏବଂ ତୃତୀୟ ସ୍ଥାନରେ ପ୍ରତିଭା ବର୍ମା ରହିଛନ୍ତି। ଅପରପକ୍ଷରେ ଶ୍ରେଷ୍ଠ ୧୦ ତାଲିକାରେ ଓଡ଼ିଶାର ଦୁଇ ପରୀକ୍ଷାର୍ଥୀ ରହିଛନ୍ତି। ଅଭିଷେକ ସରାଫଙ୍କୁ ଅଷ୍ଟମ ର୍‍ୟାଙ୍କ ମିଳିଥିବାବେଳେ ରାଉରକେଲାର ସଞ୍ଜିତା ମହାପାତ୍ର ଦଶମ ର୍‍ୟାଙ୍କ ପାଇଛନ୍ତି। ଏହାବ୍ୟତୀତ ଓଡ଼ିଶାରୁ ୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ର୍‍ୟାଙ୍କ ପାଇଥିବା ଜଣାପଡ଼ିଛି। ୧୦୭ତମ ସ୍ଥାନରେ ଅଂଶୁମାନ ରାଜ ଥିବାବେଳେ ୧୨୦ତମ ସ୍ଥାନରେ ଜଗତ୍‌ସିଂହପୁର ଜିଲା ନାଉଗାଁର ଅନୁପ ଦାସ, ୧୨୫ରେ ବଲାଙ୍ଗୀର କଣ୍ଟାବାଞ୍ଜିର ନବଲ କୁମାର ଜୈନ, ୧୬୮ତମ ର୍‍ୟାଙ୍କରେ କଳାହାଣ୍ଡି କେସିଙ୍ଗାର ରାହୁଲ୍ ଗୋଏଲ୍, ୧୮୨ତମ ସ୍ଥାନରେ କୁମାର ବିଶ୍ୱରଞ୍ଜନ, ୧୯୦ତମ ସ୍ଥାନରେ ☞ପୃଷ୍ଠା-୨


## ଧର୍ମେନ୍ଦ୍ରଙ୍କୁ କରୋନା


ଧର୍ମେନ୍ଦ୍ର ପ୍ରଧାନ

**ଭୁବନେଶ୍ୱର,୪।୮(ବ୍ୟୁରୋ)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର କରୋନାରେ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। କରୋନା ପରୀକ୍ଷାର ରିପୋର୍ଟ ପଜିଟିଭ ଆସିବାପରେ ଧର୍ମେନ୍ଦ୍ର ଗୁରୁଗାଁଓସ୍ଥିତ ମେଦାନ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହଙ୍କ ପରେ ଧର୍ମେନ୍ଦ୍ର କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏନେଇ ସେ ନିଜେ ଟୁଇଟ୍ ଯୋଗେ ☞ପୃଷ୍ଠା-୨

## ଶୁଣାଣି ବେଳେ କ୍ୟାମେରା ବନ୍ଦ


ପ୍ରଶାନ୍ତ ଭୂଷଣ

**ପ୍ରଶାନ୍ତ ଭୂଷଣଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା**

**ନୂଆଦିଲ୍ଲୀ,୪।୮**

ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣଙ୍କ ବିରୋଧରେ ଅଦାଲତ ଅବମାନନା ମାମଲାର ଶୁଣାଣି ମଙ୍ଗଳବାର ଶେଷ ହୋଇଛି। ଜଷ୍ଟିସ୍ ଅରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହାର ରାୟ ସଂରକ୍ଷିତ ରଖିଛନ୍ତି। ତେବେ ଉକ୍ତ ମାମଲାର ଶୁଣାଣି ବେଳେ କୋର୍ଟରୁମ୍‌ର ସମସ୍ତ କ୍ୟାମେରା ବନ୍ଦ ହୋଇଯାଇଥିଲା।

୨୦୦୯ରେ ପ୍ରଶାନ୍ତ ଭୂଷଣ ତେହେଲକା ମାଗାଜିନକୁ ଏକ ସାକ୍ଷାତ୍କାର ଦେଇଥିଲେ। ସେତେବେଳେ ସେ ନ୍ୟାୟପାଳିକା ସମ୍ପର୍କରେ ଦେଇଥିବା ମନ୍ତବ୍ୟକୁ ନେଇ ☞ପୃଷ୍ଠା-୨

## ଆଜି ମୃତ କୋଭିଡ୍ ଯୋଦ୍ଧାଙ୍କ ସମ୍ମାନାର୍ଥେ ନୀରବ ପ୍ରାର୍ଥନା


**ଭୁବନେଶ୍ୱର,୪।୮(ବ୍ୟୁରୋ)**

**ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ**

**ସନ୍ଧ୍ୟା ୬ଟାରେ ପ୍ରାର୍ଥନା, ଶପଥପାଠ**

କୋଭିଡ୍-୧୯ ମହାସଂଗ୍ରାମରେ ଆଗଧାଡ଼ିରେ ରହି ନିଜର ଜୀବନ ହରାଇଥିବା କୋଭିଡ୍ ଯୋଦ୍ଧାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ନୀରବ ପ୍ରାର୍ଥନା କରାଯିବ। ଏଥିସହିତ କୋଭିଡ୍ ଯୋଦ୍ଧାଙ୍କୁ ଉତ୍ସାହିତ କରିବା ଲାଗି ଶପଥ ପାଠ କରାଯିବ। ବୁଧବାର ସନ୍ଧ୍ୟା ୬ଟାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନିଜେ ଛିଡ଼ା ହୋଇ ନୀରବ ପ୍ରାର୍ଥନା କରିବା ସହ ଟିଭି ଓ ସୋସିଆଲ ମିଡିଆରେ ଶପଥ ପାଠ କରାଇବେ। ଯିଏ ଯେଉଁଠି ଥିବେ ଛିଡ଼ା ହୋଇ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ସେ ଅନୁରୋଧ କରିଛନ୍ତି।

ମଙ୍ଗଳବାର ଭିଡିଓ କନଫରେନ୍ସ ମାଧ୍ୟମରେ ବାର୍ତ୍ତା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନ ମାନବ ଜାତି ତା'ର ଇତିହାସର ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**
"ଲୋକଙ୍କୁ ଖର୍ଚ୍ଚାନ୍ତ ନ କରି ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ସରକାର ସୁନିଶ୍ଚିତ କରନ୍ତୁ।
-ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଓମ୍
ପରିବାରବର୍ଗ


ଅଂଶୁମାନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କରୋନାରେ ଆସିକା ଏନ୍ଏସି ନିର୍ବାହୀ ଅଧିକାରୀଙ୍କ ମୃତ୍ୟୁ

**ଆସିକା,୪।୮(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଆସିକା ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା(୫୪)ଙ୍କ ମଙ୍ଗଳବାର ପରଲୋକ ଘଟିଛି। ଏନ୍ଏସିରେ କରୋନା ସଂକ୍ରମଣକୁ ପ୍ରତିହତ କରିବା ଲାଗି ସେ ଅହରହ ଚେଷ୍ଟା ଚଳାଇଥିବା ବେଳେ ନିଜେ ସଂକ୍ରମିତ ହୋଇଯାଇଥିଲେ। ଅସୁସ୍ଥ ଅନୁଭବ କରିବାରୁ ଗତ୨୫ ତାରିଖରେ କୋଭିଡ୍ ଟେଷ୍ଟ କରାଇଥିଲେ। ରିପୋର୍ଟ ପଜିଟିଭ୍ ଆସିବା ପରେ ଏନ୍ଏସି କାର୍ଯ୍ୟାଳୟର ଏକ ପ୍ରକୋଷ୍ଠରେ ସେ ସଙ୍ଗରୋଧରେ ଥିଲେ। ଗତ ୧ ତାରିଖରେ ଗୁରୁତର ହୋଇପଡ଼ିବାରୁ ନିର୍ବାହୀ ଅଧିକାରୀ ପଣ୍ଡାଙ୍କୁ ପ୍ରଥମେ ଆସିକା ଡାକ୍ତରଖାନା ଓ ପରେ ବ୍ରହ୍ମପୁର ସିଟି ହସ୍ପିଟାଲକୁ ନିଆଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ଲାଗି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।


ଅଶୋକ ପଣ୍ଡା

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ସ୍ୱତନ୍ତ୍ର ଏଡିଏମ୍ ବିଶାଲ ସିଂ, ଆସିକା ବିଡିଓ ରୋଶନ ଶତପଥୀ, ତହସିଲଦାର ସଦାନନ୍ଦ ସେଠୀ, ଏନ୍ଏସିରେ ନିଯୁକ୍ତ ସ୍ୱତନ୍ତ୍ର ଅଧିକାରୀ ଜିତେନ୍ଦ୍ରିୟ ଦାସ ପ୍ରମୁଖ ଆସିକା ଏନ୍ଏସି କାର୍ଯ୍ୟାଳୟରେ ପହଞ୍ଚି କାର୍ଯ୍ୟନିର୍ବାହୀ ଅଧିକାରୀ ପଣ୍ଡାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରିଥିଲେ। ସ୍ୱର୍ଗତ ପଣ୍ଡା ପ୍ରବାସୀ ଓଡିଆଙ୍କୁ ସଂଘରୋଧ କେନ୍ଦ୍ରରେ ରଖି କରୋନା ମୁକାବିଲା ଠିକ୍ ଭାବେ କରିପାରୁଥିଲେ କହି ଜିଲାପାଳ ତାଙ୍କର ସ୍ମୃତିଚାରଣ କରିଥିଲେ। ଡିଆର୍ଡିଏ ପିଡି ତଥା ଆସିକା ଏନଏସିର ପ୍ରଶାସକ ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମଧ୍ୟ ଏନ୍ଏସି କାର୍ଯ୍ୟାଳୟରେ ପହଞ୍ଚି ଶୋକ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ହିଞ୍ଜିଳିକାଟୁ ଓ ଚିକିଟି ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥାଇ ମଧ୍ୟ ପଣ୍ଡା ୨୦୧୮ ନଭେମ୍ବର ୨୯ରେ ଆସିକା ଏନ୍ଏସିରେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିଲେ। ପରେ ସେ ଆସିକାରେ ସ୍ଥାୟୀ ଭାବେ ଦାୟିତ୍ୱ ତୁଲାଉଥିଲେ।

ପ୍ରଥମ ପୃଷ୍ଠାରୁ...

## ଶୁଣାଣି ବେଳେ...

ସୁପ୍ରିମକୋର୍ଟରେ ଅଦାଲତ ଅବମାନନା ମାମଲା ରୁଜୁ ହୋଇଥିଲା। ଜଷ୍ଟିସ୍ ଅରୁଣ ମିଶ୍ରଙ୍କ ଖଣ୍ଡପୀଠ ମଙ୍ଗଳବାର ଏହାର ଶୁଣାଣି କରୁଥିବାବେଳେ ପ୍ରଶାନ୍ତ ଭୂଷଣଙ୍କ ଓକିଲ ରାଜୀବ ଧାୱନଙ୍କୁ ଏହି ଦୀର୍ଘ ଆଇନଗତ ପ୍ରକ୍ରିୟାର ସମାଧାନ ନେଇ ମତାମତ ଲୋଡ଼ିଥିଲେ। ଏହି ସମୟରେ ଅଦାଲତରେ କ୍ୟାମେରା ଅଫ୍‌ଲାଇନ୍ ହୋଇଯାଇଥିଲା। ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେଙ୍କ ଆବେଦନ ଅନୁସାରେ ଏହି ଅବମାନନା ମାମଲା ରୁଜୁ ହୋଇଥିଲା। ଭିଡିଓ କନ୍‌ଫରେନ୍ସ ଜରିଆରେ ଶୁଣାଣି ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ସମାଧାନ ପାଇଁ ଖଣ୍ଡପୀଠ ରାଜୀବ ଧାୱନଙ୍କ ପରାମର୍ଶ ନେଇଥିଲେ। ଜଷ୍ଟିସ୍ ମିଶ୍ର ପଚାରିଥିଲେ, ଅଭିବ୍ୟକ୍ତିର ସ୍ୱାଧୀନତା ଓ ଅବମାନନା ମଧ୍ୟରେ ଏକ ସୂକ୍ଷ୍ମ ରେଖା ରହିଛି। ଏହି ବ୍ୟବସ୍ଥା ଆପଣଙ୍କର। ବିବାଦ ଏଡ଼ାଇବା ଲାଗି ଆପଣ କିଛି ଉପାୟ ବତାଇପାରିବେ କି? ଆପଣ ଏହାର ସମାଧାନ କରିପାରିବେ ବୋଲି ଜଷ୍ଟିସ୍ ମିଶ୍ର କହିଥିଲେ। ଏହାର ଉତ୍ତରରେ ରାଜୀବ ଧାୱନ କହିଥିଲେ, ପ୍ରଶାନ୍ତ ଭୂଷଣ ଏନେଇ ସ୍ପଷ୍ଟୀକରଣ ଦେଇସାରିଛନ୍ତି। ତାଙ୍କ ସ୍ପଷ୍ଟୀକରଣ ଏହାକୁ ବିରାମ ଦେଇପାରେ। ଏହା ପରେ ଭିଡିଓ କନ୍‌ଫରେନ୍ସ ଜରିଆରେ ବିଚାର ବନ୍ଦ କରି ଇନ୍-କ୍ୟାମେରା ଶୁଣାଣି କରାଯାଇଥିଲା, ଯାହାକି ପ୍ରାୟ ଘଣ୍ଟାଏ ଧରି ଚାଲିଥିଲା। ଶେଷରେ ସୁପ୍ରିମକୋର୍ଟ ସ୍ପଷ୍ଟୀକରଣକୁ ଗ୍ରହଣ କରିବେ ନା ବିଚାର ପ୍ରକ୍ରିୟାକୁ ବନ୍ଦ କରିବେ ସେନେଇ ରାୟ ସଂରକ୍ଷିତ ରଖିଥିଲେ।

ପ୍ରଥମ ପୃଷ୍ଠାରୁ...

## ଅଯୋଧ୍ୟା ଉତ୍ସବ...

କରାଯିବାକୁ ସ୍ଥିର ହୋଇଥିବାବେଳେ ଭିତ୍ତିପ୍ରସ୍ତର ସ୍ଥାପନ ୧୨ଟା ୪୦ରେ ହେବ। ଦୂରଦର୍ଶନରେ ମଙ୍ଗଳବାର ରାତି ୭ଟାରେ ଦୀପୋତ୍ସବର ସିଧାପ୍ରସାରଣ କରାଯାଇଥିବାବେଳେ ବୁଧବାର ମୁଖ୍ୟ କାର୍ଯ୍ୟକ୍ରମ ପାଇଁ ମଧ୍ୟ ଏହା ଜାରି ରହିବ। ଦର୍ଶକମାନେ ସମ୍ପୂର୍ଣ୍ଣ ଉତ୍ସବ ବୁଧବାର ସକାଳ ୬ଟାରୁ ଡିଡି ନ୍ୟୁଜ୍ ଲାଇଭ, ଡିଡି ଇଣ୍ଡିଆ ଲାଇଭ୍ ଏବଂ ଡିଡି ନ୍ୟାଶନାଲରେ ଦେଖିପାରିବେ। ଦୂରଦର୍ଶନ ଓ ଏହାର ଅନ୍ୟ ଚ୍ୟାନେଲଗୁଡ଼ିକର ଟୁଇଟର ହ୍ୟାଣ୍ଡେଲରେ ମଧ୍ୟ ସମସ୍ତ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଂ କରାଯିବ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏସବୁ ବ୍ୟବସ୍ଥା କରାଯାଇଛି। ମଞ୍ଚ ଉପରେ ପ୍ରଧାନମନ୍ତ୍ରୀ ମୋଦି, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ମହନ୍ତ ନୃତ୍ୟ ଗୋପାଳ ଦାସ, ଆର୍ଏସ୍ଏସ୍ ମୁଖ୍ୟ ମୋହନ ଭାଗବତ ଓ ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦିବେନ ପଟେଲ ଉପସ୍ଥିତ ରହି ଜନସାଧାରଣଙ୍କୁ ସମ୍ବୋଧିତ କରିବେ। ବରିଷ୍ଠ ଭାଜପା ନେତା ଲାଲକୃଷ୍ଣ ଆଡଭାନୀ ଓ ମୁରଲୀ ମନୋହର ଜୋଷୀ ଭିଡିଓ କନ୍‌ଫରେନ୍ସ ଜରିଆରେ କାର୍ଯ୍ୟକ୍ରମରେ ସାମିଲ ହେବେ। ନିମନ୍ତ୍ରିତ ୧୭୫ ଅତିଥିଙ୍କ ମଧ୍ୟରେ ମୁସଲିମ ପକ୍ଷର ଇକ୍‌ବାଲ ଅନ୍‌ସାରି ମଧ୍ୟ ରହିଛନ୍ତି।

## ପ୍ରଦୀପ ସିଂ ସିଭିଲ...

ଶୈଳଜା ଦାସ, ୧୯୫ତମ ସ୍ଥାନରେ ବରଗଡ଼ ଜିଲା ଝାରବନ୍ଧର ବେଦ ଭୂଷଣ ଓ ୨୦୨ତମ ସ୍ଥାନରେ ରାହୁଲ ମିଶ୍ର ରହିଛନ୍ତି। ସେହିପରି ୨୨୫ତମ ର୍‍ୟାଙ୍କରେ ହେମା ନାୟକ ଥିବାବେଳେ ୨୨୯ତମ ସ୍ଥାନରେ ଆରୁଷି ମିଶ୍ର, ୨୯୧ ର୍‍ୟାଙ୍କରେ ଆଶିଷ ଦାସ, ୨୯୪ତମ ସ୍ଥାନରେ କଳାହାଣ୍ଡି ଜିଲା ଭବାନୀପାଟଣାର ଅଙ୍କିତ ଶଙ୍କର ମିଶ୍ର ରହିଛନ୍ତି। ଏହାବ୍ୟତୀତ ସୋନାଲି ମିଶ୍ର ୩୦୦ତମ ସ୍ଥାନ ଅଧିକାର କରିଥିବାବେଳେ ଦିବ୍ୟା ମିଶ୍ର ୩୧୨, ଅର୍ଘ୍ୟ ପଟ୍ଟନାୟକ ୩୬୧ ଓ ଜୁବିନ ମହାପାତ୍ର ୩୭୯, ମୟୂରଭଞ୍ଜ ଉଦଳାର ସମୀର କୁମାର ଜେନା ୪୪୧, ମାନସ ରଞ୍ଜନ ସାହୁ ୫୬୭, ଶିଭମ ମିଶ୍ର ୭୧୨, ଓମ୍ ପ୍ରସାଦ ମହାନ୍ତି ୭୧୫, କନ୍ଧମାଳ ଜିଲା ବ୍ରାହ୍ମଣୀଗାଁ ଥାନା କଳିଙ୍ଗି ଗ୍ରାମର ବିଭୂତି ଭୂଷଣ ନାୟକ ୮୧୯ତମ ସ୍ଥାନରେ ରହିଛନ୍ତି। ୨୦୧୯ ସେପ୍ଟେମ୍ବରରେ ଲିଖିତ ପରୀକ୍ଷା କରାଯାଇଥିବାବେଳେ ସାକ୍ଷାତ୍‌କାର ପରୀକ୍ଷା ୨୦୨୦ ଅଗଷ୍ଟ ସୁଦ୍ଧା ଶେଷ ହୋଇଥିଲା। କରୋନା ସଂକ୍ରମଣ ଯୋଗୁ ପୂର୍ବରୁ ସାକ୍ଷାତ୍‌କାର ପରୀକ୍ଷାକୁ ସ୍ଥଗିତ କରି ଦିଆଯାଇଥିଲା। ୨୦୧୯ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ମୋଟ ୮୨୯ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ସାଧାରଣ ବର୍ଗରୁ ୩୦୪, ଆର୍ଥିକ ଦୁର୍ବଳ ଶ୍ରେଣୀରୁ ୭୮, ଅନ୍ୟାନ୍ୟ ପଛୁଆ ବର୍ଗରୁ ୨୫୧, ଅନୁସୂଚିତ ଜାତିରୁ ୧୨୯ ଓ ଅନୁସୂଚିତ ଜନଜାତିରୁ ୬୭ ପ୍ରାର୍ଥୀ ସଫଳତା ପାଇଛନ୍ତି। ପରୀକ୍ଷାରେ ରଖିଥିବା ନମ୍ବର ଅନୁସାରେ ଆଇଏଏସ୍, ଆଇପିଏସ୍, ଆଇଆର୍ଏସ୍, ଆଇଏଫ୍ଏସ୍ ଆଦିର ତାଲିକା ପ୍ରକାଶ ପାଇଛି। ପରୀକ୍ଷା ଫଳ ୟୁପିଏସ୍‌ସି ୱେବସାଇଟ୍‌ରେ ପ୍ରକାଶ ପାଇଛି। ଛାତ୍ରୀଛାତ୍ରମାନେ ପରୀକ୍ଷା ଫଳ ଘୋଷଣାର ୧୫ଦିନ ମଧ୍ୟରେ ୱେବ୍‌ସାଇଟ୍ upsc.gov.inରୁ ମାର୍କ ଜାଣିପାରିବେ ବୋଲି କମିଶନ ପକ୍ଷରୁ କୁହାଯାଇଛି। ସିଭିଲ୍ ସର୍ଭିସ ପରୀକ୍ଷାରେ ଓଡ଼ିଶାରୁ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ ଯୋଗେ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଆଜି ମୃତ କୋଭିଡ୍...

ସବୁଠାରୁ କଷ୍ଟକର ପରିସ୍ଥିତି ଦେଇ ଗତିକରୁଛି। ପ୍ରତ୍ୟେକ ଦେଶ ଅତ୍ୟନ୍ତ ଗମ୍ଭୀର ପରିସ୍ଥିତି ଦେଇ ଗତିକରୁଛନ୍ତି। ଭାରତ ମଧ୍ୟ କୋଭିଡ୍ ମହାମାରୀର ଭୟାବହତାର ଶିକାର ହୋଇଛି। ଭାରତରେ ପ୍ରତିଦିନ ୫୦ ହଜାରରୁ ଅଧିକ ନୂଆ ସଂକ୍ରମଣ ଦେଖାଦେଉଛି। ବର୍ତ୍ତମାନ ଭାରତରେ ଦୈନିକ ସଂକ୍ରମଣ ସାରା ବିଶ୍ୱରେ ସର୍ବାଧିକ। ଆମର ସ୍ଥିତି ଦେଖିଲେ ଗମ୍ଭୀରତା ସ୍ପଷ୍ଟ ଅନୁମେୟ। ତେଣୁ ଏହାକୁ ଆଦୌ ହାଲୁକା ଭାବରେ ନେବା ଉଚିତ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ ୫ ମାସ ହେଲା କରୋନା ବିରୋଧରେ ଲଢ଼େଇ ଜାରି ରହିଛି। ଓଡ଼ିଶାର ଜନସାଧାରଣ ଏଥିରେ ସାମିଲ ହୋଇଛନ୍ତି। ବୁଧବାର ରାଜ୍ୟରେ ଆରୋଗ୍ୟଙ୍କ ସଂଖ୍ୟା ୨୫ ହଜାର ଟପିବ। କୋଭିଡ୍ ମହା ସଂଗ୍ରାମରେ ଏହା ହେଉଛି ମହତ୍ତ୍ୱପୂର୍ଣ୍ଣ ଘଟଣା। ସମସ୍ତଙ୍କ ସହଯୋଗରେ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଆମେ ଅଧିକ ଜୀବନ ରକ୍ଷା କରିପାରିଛୁ। ରାଜ୍ୟରେ ମୃତ୍ୟୁ ହାର ୦.୫୭ ପ୍ରତିଶତ ରହିଛି; ଯାହାକି ସାରା ଦେଶ ତୁଳନାରେ ସବୁଠାରୁ କମ୍। ପ୍ରତ୍ୟେକଟି ଜୀବନ ଆମ ପାଇଁ ମୂଲ୍ୟବାନ। ପ୍ରତି ଲୋକର ଜୀବନ ରକ୍ଷା ହେଉଛି ଆମର ମିଶନ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ହଜାର ହଜାର କୋଭିଡ୍ ଯୋଦ୍ଧାଙ୍କ ପ୍ରତିବଦ୍ଧତା, ନିଷ୍ଠା ଓ ଅହର୍ନିଶ ସେବା ଯୋଗୁ ଏହା ସମ୍ଭବ ହୋଇପାରିଛି। ଆମ ସମସ୍ତଙ୍କୁ ନିରାପଦ ରଖିବା ପାଇଁ ସେମାନେ ବିରାଟ ତ୍ୟାଗ ସ୍ୱୀକାର କରିଛନ୍ତି। ଏହି ଭୟାନକ ଯୁଦ୍ଧରେ ଅନେକଙ୍କ ଜୀବନ ଗଲାଣି। କୋଭିଡ୍ ଯୋଦ୍ଧାମାନଙ୍କର ମାନବ ଜାତି ପାଇଁ ଏହା ସର୍ବୋଚ୍ଚ ତ୍ୟାଗକୁ ପୁନଃ ସ୍ମରଣ କରିବା ଓ ସମ୍ମାନ ଜଣାଇବା ପାଇଁ ସେମାନଙ୍କ ସ୍ମୃତିରେ ସେ ଏକ ନୀରବ ପ୍ରାର୍ଥନାର ନେତୃତ୍ୱ ନେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୁଧବାର ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ଏହି ପ୍ରାର୍ଥନା ସଭାରେ ଯୋଗ ଦେବା ପାଇଁ ଓଡ଼ିଶାର ସାଢ଼େ ୪ କୋଟି ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଏହି ପ୍ରାର୍ଥନା ସଭା ପରେ ଆମେ ସମସ୍ତେ ଏକ ଶପଥ ନେବା। କୋଭିଡ୍ ଯୁଦ୍ଧରେ ଆମ ପରିବାର ଓ ଆମର ସୁରକ୍ଷା ପାଇଁ କୋଭିଡ୍ ନିୟମାବଳୀର କଡ଼ାକଡ଼ି ପାଳନ ସମ୍ପର୍କରେ ଏହା ଆମକୁ ଦାୟିତ୍ୱବାନ ଭାବରେ କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେବ। କୋଭିଡ୍ ଯୋଦ୍ଧାମାନଙ୍କୁ ସହଯୋଗ କରିବା, ସେମାନଙ୍କ କାର୍ଯ୍ୟକୁ ସମର୍ଥନ କରିବା ଏବଂ ସେମାନଙ୍କ ତ୍ୟାଗକୁ ସମ୍ମାନ ଜଣାଇ ଏହି ଯୁଦ୍ଧରେ ଆମର ଦାୟିତ୍ୱ ପାଳନ କରିବା ପାଇଁ ଏହା ହେବ ଏକ ଶ୍ରେଷ୍ଠ ମାର୍ଗ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୁଧବାର ସନ୍ଧ୍ୟାରେ ଯିଏ ଯେଉଁଠି ଥିବେ ସେଠାରେ ଛିଡ଼ାହୋଇ କୋଭିଡ୍ ଯୋଦ୍ଧାଙ୍କ ସମ୍ମାନାର୍ଥେ ଏକମିନିଟ୍ ନୀରବ ପ୍ରାର୍ଥନା କରିବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏହି ଲଢ଼େଇ ଜାରି ରଖିଥିବା କୋଭିଡ୍ ଯୋଦ୍ଧାଙ୍କୁ ଉତ୍ସାହିତ କରିବା ପାଇଁ ଶପଥ କାର୍ଯ୍ୟକ୍ରମରେ ଭାଗ ନେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି।

## ଧର୍ମେନ୍ଦ୍ରଙ୍କୁ କରୋନା

ସୂଚନା ଦେଇଛନ୍ତି। ତାଙ୍କର କେତେଜଣ ସହଯୋଗୀଙ୍କ କରୋନା ପଜିଟିଭ ଆସିବାପରେ କେନ୍ଦ୍ରମନ୍ତ୍ରୀ ନିଜକୁ ସଙ୍ଗରୋଧରେ ରଖିଥିଲେ। ଏହାପରେ ଲକ୍ଷଣ ଦେଖାଯିବାରୁ ସେ ନିଜର ଟେଷ୍ଟ କରାଇଛନ୍ତି। ଏହାସହ ତାଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟମାନଙ୍କୁ ସଙ୍ଗରୋଧରେ ରହିବାକୁ ସେ ନିବେଦନ କରିଛନ୍ତି। ଧର୍ମେନ୍ଦ୍ର ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି ଯେ, କୋଭିଡ୍-୧୯ର ଲକ୍ଷଣ ଦେଖାଯିବା କାରଣରୁ ସେ ପରୀକ୍ଷା କରାଇଥିଲେ। ଏହାପରେ ରିପୋର୍ଟ ପଜିଟିଭ ଆସିଛି। ତେଣୁ ଡାକ୍ତରଙ୍କ ପରାମର୍ଶକ୍ରମେ ସେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ଏବଂ ସୁସ୍ଥ ଅଛନ୍ତି। ଏହା ପୂର୍ବରୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବି.ଏସ୍.ୟେଦୁରାପ୍ପା, କର୍ଣ୍ଣାଟକ ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧରାମେୟା ମଧ୍ୟ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଶାହାଙ୍କ କରୋନା ପଜିଟିଭ ଆସିବାପରେ ନିକଟରେ କ୍ୟାବିନେଟ୍ ବୈଠକରେ ତାଙ୍କ ସହ ସାମିଲ ଥିବା ଅନ୍ୟ ନେତାମାନଙ୍କୁ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦେଇଥିଲେ। ଧର୍ମେନ୍ଦ୍ରଙ୍କ ରିପୋର୍ଟ ପଜିଟିଭ ପରେ ତାଙ୍କ ଶୁଭେଚ୍ଛୁମାନେ ଟୁଇଟ୍ କରି ଆଶୁ ଆରୋଗ୍ୟ କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଖବର ପାଇବା ପରେ ଧର୍ମେନ୍ଦ୍ରଙ୍କ ସହ କଥା ହେବା ସହିତ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହାସହ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, ଅନ୍ୟ ବରିଷ୍ଠ କେନ୍ଦ୍ରମନ୍ତ୍ରୀ ପ୍ରମୁଖ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଏକାଦଶସ୍ଥ ଚନ୍ଦ୍ର ପ୍ରଭାବରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। କର୍ମକ୍ଷେତ୍ରରେ କର୍ମଚାରୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ଶିଳ୍ପ,ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ମଧ୍ୟ ଶିଥିଳତା ଦେଖାଦେବ। ନୂତନ ଗୃହୋପକରଣ କ୍ରୟ କରିପାରନ୍ତି।

**ବୃଷ** କର୍ମସ୍ଥ ଚନ୍ଦ୍ର ପ୍ରଭାବରୁ ପରିବାର ସକାଶେ ପରିସ୍ଥିତି ତାଡନାରେ କେତେକ କାମ କରିବାକୁ ବାଧ୍ୟ ହେବେ। ଦୀର୍ଘଦିନରୁ ପରିକଳ୍ପନା କରିଥିବା ନୂତନ ଯୋଜନା ପାଇଁ ଅନୁକୂଳ ପରିବେଶ ସୃଷ୍ଟିହେବ। ସହକର୍ମୀଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମିଥୁନ** ଆର୍ଥିକ ଅଭାବ ଅନଟନ ମାନସିକ ଶାନ୍ତିକୁ ନଷ୍ଟକରିପାରେ। ଶିଳ୍ପ, ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଆଶାନୁଯାୟୀ ଫଳ ପାଇବେ। ସାମାଜିକ ସ୍ତରରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ପୁନର୍ବସୁ ନକ୍ଷତ୍ରର ବହୁ ବିଳମ୍ବରେ ହେଲେ ମଧ୍ୟ କାମଗୁଡିକ ଠିକ୍ ଭାବରେ ସମ୍ପନ୍ନ ହେବ।

**କର୍କଟ** ବୁଧାଦିତ୍ୟ ଯୋଗ ପ୍ରଭାବରୁ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ପ୍ରଶାସନିକ ସ୍ତରରେ, ସାଂଗଠନିକ ସ୍ଥିତିରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ସାଧାରଣ ଭାବରେ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେଇପାରେ।

**ସିଂହ** କର୍ମ କ୍ଷେତ୍ରରେ ଆହ୍ୱାନ ବ୍ୟତିରେକ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି। ପାରିବାରିକ ସ୍ତରରେ ବିଭିନ୍ନ ପ୍ରକାରର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ବନ୍ଧୁମାନଙ୍କୁ କୌଶଳପୂର୍ଣ୍ଣ କଥା କହି ନିଜର କାର୍ଯ୍ୟ ହାସଲ କରିନେବେ।

**କନ୍ୟା** ପୂର୍ବରାଗ ଶୁଝାଇବାକୁ ଯାଇ ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ପୁରାତନ ରୋଗ, ଋଣ ଓ କାର୍ଯ୍ୟହାନି ଯୋଗୁ ଅଧିକାଂଶ ସମୟ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା** ରାହୁ ଦୃଷ୍ଟିରେ ଚନ୍ଦ୍ର ହେତୁ ବିଭିନ୍ନ ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିତି ବିଶେଷ ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିବ। ବନ୍ଧୁଙ୍କ ନିକଟରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ବିଛା** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟହାସଲ ସକାଶେ ନିଜର ଆତ୍ମୀୟ ମାନଙ୍କ ସହ ଆଲୋଚନା କରିପାରନ୍ତି। କର୍ମକ୍ଷେତ୍ରରେ ଶତ୍ରୁତା ପଥରୋଧ କରୁଥିବାର ସନ୍ଦେହ କରି ପଡୋଶୀଙ୍କ ସହ କଳହ ଲାଗିପାରେ। ଆଇନ, ଅଦାଲତ ଓ ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

**ଧନୁ** ପାରିବାରିକ କ୍ଷେତ୍ରରେ ଆପୋଷ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଉତ୍ତରାଷାଢା ନକ୍ଷତ୍ରର ମାନସିକ ଅବସାଦ ଯୋଗୁଁ କୌଣସି କାମ ଉତ୍ସାହପ୍ରଦ ହୋଇ ନ ପାରେ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ କୌଣସି ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଯିବାର ସୂଚନା ରହିଛି।

**ମକର** ପରିବାରରେ ସାଧାରଣ ଘଟଣାକୁ କେନ୍ଦ୍ରକରି ଅଶାନ୍ତି ଉପୁଜିପାରେ। ଶ୍ରବଣା ନକ୍ଷତ୍ରର ପ୍ରତିଯୋଗିତାରେ ସଫଳତା ଯୋଗୁଁ ମନ ଖୁସି ରହିବ। କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଯାତ୍ରା ସମୟରେ ଅନ୍ୟମନସ୍କ ରହି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ।

**କୁମ୍ଭ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ସ୍ୱାସ୍ଥ୍ୟହାନି, ଅର୍ଥାଭାବ, ପଡୋଶୀଙ୍କ କଳହ, ଆତ୍ମୀୟଙ୍କ ବେଖାତିର ଯୋଗୁ ମନ ଅଶାନ୍ତ ରହିବ। ଯାତ୍ରା, ବାଣିଜ୍ୟ, ପରିବହନ ବାଧାପ୍ରାପ୍ତ ହେବନାହିଁ।

**ମୀନ** ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ଟେନ୍ସନ ଜମା ଛାଡିବ ନାହିଁ। ବନ୍ଧୁଙ୍କ ପରାମର୍ଶକୁ ଅନୁଧ୍ୟାନ କରି ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ଶତ୍ରୁମାନେ ବିଭିନ୍ନ ସମସ୍ୟା ସୃଷ୍ଟି କରିପାରନ୍ତି। ବନ୍ଧୁଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ଆଧ୍ୟାତ୍ମିକ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହେବେ।

ଆଜି ଭାଦ୍ରବ କୃଷ୍ଣ ଦ୍ୱିତୀୟା ବୁଧବାର, ବୁଧିବାମନ ଓଷା ପ୍ରଥମପାଳି, ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ, ଅଗଷ୍ଟ ୫ ତାରିଖ, ଦିବା ଘ.୦୯.୩୧ମି. ଗତେ, ରାଶି ନକ୍ଷତ୍ର-ଧନିଷ୍ଠା/କୁମ୍ଭ, କର୍କଟ ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫.୨୭ମି. ଗତେ ଘ.୦୭.୧୦ମି. ମଧ୍ୟେ, ଘ.୦୯.୪୪ମି. ଗତେ ଘ.୧୧.୨୬ମି. ମଧ୍ୟେ, ଘ.୦୩.୪୩ମି. ଗତେ ଘ.୦୫.୨୬ମି. ମଧ୍ୟେ, ସନ୍ଧ୍ୟା ଘ.୦୭.୦୨ମି.ଗତେ ଘ.୦୯.୧୬ମି. ମଧ୍ୟେ, ରାତ୍ରି ଘ.୦୧.୪୪ମି. ଗତେ ଘ.୦୫.୨୭ମି. ମଧ୍ୟେ ଅମୃତବେଳା। ଦିବା ଘ.୦୨.୦୦ମି.ଗତେ ଘ.୦୩.୪୩ମି. ମଧ୍ୟେ, ରାତ୍ରି ଘ.୦୯.୧୬ମି. ଗତେ ଘ.୧୦.୪୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୧.୫୨ମି. ଗତେ ଘ.୦୧.୨୮ମି. ମଧ୍ୟେ ରାହୁକାଳ।


# classifieds Everyday
**0674-2580101, 2549302**




**GROOM WANTED**

ଜାତି ବାଧକ ନୁହେଁ। 36,5'4", M.A, BED Govt. Teacher. ମାସିକ ଆୟ 42000, ବରପାତ୍ର ଆବଶ୍ୟକ।ଅବିବାହିତ, ଛାଡପତ୍ରପ୍ରାପ୍ତ ଘରଜ୍ୱାଇଁ ଗ୍ରହଣଯୋଗ୍ୟ। 7247766402. D-17859

Bhubaneswarରେ ଚାକିରି 52ବୟସ୍କା widow ବ୍ରାହ୍ମଣ ଝିଅଙ୍କୁ any caste ପୁଅ ଦରକାର। 9668488654. D-67949

Age-36, divorce, Secretariateରେ ଚାକିରି କରିଥିବା ସୁନ୍ଦର ବ୍ରାହ୍ମଣ ଝିଅଙ୍କ ପାଇଁ ଯେ କୌଣସି ଜାତିର ପୁଅ ଦରକାର। Contact: 7327035373. D-17861




**SALE**

Infocity-2 ପାଖରେ 200ft. ରୋଡ୍‌କୁ ଲାଗି ପାଚେରି ହୋଇ ପ୍ଲଟ୍ ବିକ୍ରି କରାଯାଉଛି। 9439864322. D-69138

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- outright. 9348232008, 6371569855. D-69131

**Fully developed gharabari demarcated plot for immediate construction at Balianta, Bhubaneswar. 7978209813.** D-69136

CV Raman College ପାଖରେ 15ଗୁଣ୍ଠ plot ବିକ୍ରିହେବ। Contact: 9778928492. D-68358

**ପୁରୀ ବାଟମଙ୍ଗଳା ମନ୍ଦିର ସାମ୍ନାରେ ନୂଆ ବାଇପାସ୍ ରୋଡ୍‌କୁ ଲାଗି 146 ଡିସିମିଲ ଓ ପୁରୀ ସହର prime ଲୋକେସନରେ commercial plot ବିକ୍ରୟହେବ। ଯୋଗାଯୋଗ: 9438109040, 8144658008.** D-17883

Gita College 200ft. road ପାଖରେ 4800sqft. ଘରବାରି plot ବିକ୍ରିହେବ। Contact: 9778928492. D-68359

**1950sft. plot immediately sale Jharpada, Bhubaneswar, BDA yellow zone, buyers directly Contact- DEEPAK- 9937329999.** D-68098

2BHK flat 1400sqft. at Utkal Vatika, Jharpada canal road. 7978645695. D-17877

CV Raman College ପାଖରେ 27500sqft. plot ବିକ୍ରିହେବ। Contact: 9778928492. D-68360

**GA plot for immediate sale at Saheed Nagar & Ashok Nagar, buyers Contact- DEEPAK- 9937329999.** D-68099

**GENERAL**

**SALE**


ୱାର୍ଲ୍ଡ ଭିଜନ ଇଣ୍ଡିଆ, ଏଡିପି, ସମ୍ବଲପୁର ଅଫିସ ଦ୍ୱାରା ୨ଟି ପୁରୁଣା ଓ ବ୍ୟବହାର୍ଯ୍ୟ କମ୍ପ୍ୟୁଟର i.e. Dell Computer-1, HP Desktop-1 ଏବଂ ଗୋଟିଏ କଲର୍ ପ୍ରିଣ୍ଟର ବିକ୍ରି କରାଯିବ। ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୧୭।୦୮।୨୦୨୦ ତାରିଖ ସୁଦ୍ଧା ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। । World Vision, ADP, Sambalpur, plot No- 3087, Chaitanya Nagar near St. John School Chowk, Sambalpur- 768001, Ph: 0663- 2548530. D-17888

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Fully furnished single Non- AC room at Damana Square, Bhubaneswar for immediate rent, 7749883585. D-69323




Herbal full body massage by smart/expert therapist. Contact: 8338067247. D-69713

Newly open SPA Centre full body massage Bamikhal, Bhubaneswar. 7205187702. D-59955

Get refreshment body massage by expert therapist contact for. 9556978408. D-69705

Newly open SPA centre full body massage, Rasulgarh, Bhubaneswar. 7846814019. D-59956

**BUSINESS**

ମାତ୍ର 6999ରେ ନିଜ ଘରେ LED Bulbର ଉଦ୍ୟୋଗ ବସାଇ ଲାଭବାନ୍ ହୁଅନ୍ତୁ। For details, Contact Mr. Traders- 8117900742, 9337782650. D-17889

**କୃତିତ୍ୱ**



ଜଗତ୍‌ସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକର ଗୋପାଳପୁରସ୍ଥିତ ବଟମଙ୍ଗଳା ହାଇସ୍କୁଲର ଛାତ୍ରୀ ରତ୍ନପର୍ଣ୍ଣା ପରିଡ଼ା ୫୫୮ (୯୩ ପ୍ରତିଶତ) ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଭବିଷ୍ୟତରେ ଜଣେ ପ୍ରଶାସନିକ ଅଧିକାରୀ ହେବା ତାଙ୍କ ଲକ୍ଷ୍ୟ। ଏହି ସଫଳତାର ଶ୍ରେୟ ସେ ମାତା-ପିତା, ପରିବାର, ଗୁରୁଜନ ଓ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଦିଅନ୍ତି। ଧ-୧୭୮୬

**୬ଷ୍ଠ ତମ ଜନ୍ମଦିନ ଶୁଭେଚ୍ଛା**




**ଅଂଶୁମାନ ବେହେରା**
ଡମଣା, ଭୁବନେଶ୍ୱର
ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା ତୋତେ ସର୍ବଦା ଭଲରେ ରଖନ୍ତୁ।
**-:ଶୁଭେଚ୍ଛା ସହ:-**
ଜେଜେ, ବଡ଼ ବାପା, ବଡ଼ ବୋଉ, ବାପା, ମାଆ, ଲୁବୁନ୍, ଟୁବୁନ୍, ରାନୀ, ବନ୍ଧୁ ଓ ପରିବାରବର୍ଗ।
ଧ-୧୭୮୭



ମହାରାଷ୍ଟ୍ରର ଭାଜପା ନେତା ନାରାୟଣ ରାଣେ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କୁ ହତ୍ୟା କରାଯାଇଛି ବୋଲି ମଙ୍ଗଳବାର ଅଭିଯୋଗ କରିଛନ୍ତି। ସେ ଆତ୍ମହତ୍ୟା କରିନାହାନ୍ତି , ଉଦ୍ଧବ ସରକାର କାହାକୁ ସୁରକ୍ଷା ଦେବା ଲାଗି ଏଭଳି କହୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। କଂଗ୍ରେସ ଚାପରେ ଉଦ୍ଧବ ଠାକ୍ରେ ସୁଶାନ୍ତ ହତ୍ୟାକାଣ୍ଡରେ ସମ୍ପୃକ୍ତ ବଲିଉଡ୍ ମାଫିଆଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ହୋଇଛି।





ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦର ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ଶ୍ରୀନଗରରେ ଦୁଇଦିନିଆ କର୍ଫ୍ୟୁ ଜାରି କରାଯାଇଥିବାବେଳେ ଲାଲ୍‌ଚୌକରେ ସିଆର୍‌ପିଏଫ୍ ଭ୍ୟାନ।



ଅଯୋଧ୍ୟାରେ ନିର୍ମାଣ ହେବାକୁ ଥିବା ରାମମନ୍ଦିରର ପ୍ରତିରୂପ।

# ୩୭୦ ଉଚ୍ଛେଦରୁ ରାମମନ୍ଦିର ଶିଳାନ୍ୟାସ

**ନୂଆଦିଲ୍ଲୀ,୪।୮**

୨୦୧୯ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ କେନ୍ଦ୍ର ସରକାର ଉଚ୍ଛେଦ କରିଦେଇଥିଲେ। ଏହାସହ ଜମ୍ମୁ-କଶ୍ମୀର ପାଇଁ ଥିବା ସ୍ୱତନ୍ତ୍ର ସମ୍ବିଧାନ ଏବଂ ଅନୁଚ୍ଛେଦ ୩୫ଏ ସମେତ ଅନ୍ୟ ସମସ୍ତ ନିୟମ ସ୍ୱତଃ ଉଚ୍ଛେଦ ହୋଇଯାଇଥିଲା। ସେହିପରି ଜମ୍ମୁ-କଶ୍ମୀରଠାରୁ ଲଦାଖକୁ ଅଲଗା କରି ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ ପ୍ରତିଷ୍ଠା କରାଯାଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଗତ କରିଥିବା ପ୍ରସ୍ତାବ ପାର୍ଲାମେଣ୍ଟରେ ଗୃହୀତ ହେବା ସହ ଭାରତର ଆତ୍ମାକୁ ଥରାଇଦେଇଥିବା ଦୀର୍ଘ ୭୨ ବର୍ଷ ପୁରୁଣା ସମସ୍ୟାର ସମାଧାନ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ଦ୍ୱିତୀୟ ପାଳି ଶାସନରେ ସବୁଠୁ ଦୁଃସାହସିକ ବୋଲି କୁହାଯାଉଥିବା ଏହି ଐତିହାସିକ ପଦକ୍ଷେପକୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ଅଂଶୀଦାର ଦଳଗୁଡ଼ିକ ସ୍ୱାଗତ କରି ଉତ୍ସବ ମନାଇଥିବାବେଳେ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ନିନ୍ଦା କରିଥିଲେ। ଏହି ପଦକ୍ଷେପର ସପ୍ତାହେ ପୂର୍ବରୁ ଉପତ୍ୟକାକୁ ୩୮ ହଜାର ସୈନ୍ୟ ପଠାଯାଇଥିଲା। ୩୭୦ ଉଚ୍ଛେଦ ପରେ ଗୃହବନ୍ଦୀ କରାଯାଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍‌ଦୁଲ୍ଲା ଓ ଓମାର ଅବ୍‌ଦୁଲ୍ଲାଙ୍କୁ ଇତିମଧ୍ୟରେ ମୁକ୍ତ କରାଯାଇଛି। ତେବେ ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତିଙ୍କ ସମେତ ଅନେକେ ଅଦ୍ୟାବଧି ମୁକୁଳିପାରିନାହାନ୍ତି। କେନ୍ଦ୍ରର ଏହି ଆଇନକୁ ନେଇ କେବଳ କଶ୍ମୀର କି ଭାରତ ନୁହେଁ, ବରଂ ବିଦେଶରେ ମଧ୍ୟ ଜୋର୍ ଧରିଥିଲା ବିବାଦ ଓ ବିତର୍କ। ୩୭୦ ଉଚ୍ଛେଦକୁ ବୁଧବାର ବର୍ଷେ ପୂରଣ ହେଉଥିବାବେଳେ ଶ୍ରୀନଗର ସମେତ କେତେକ ସ୍ଥାନରେ କର୍ଫ୍ୟୁ ଜାରି କରାଯାଇଛି। ଏହି ପଦକ୍ଷେପର ଠିକ୍ ବର୍ଷକ ପରେ ରାମମନ୍ଦିର ନିର୍ମାଣ ନିମନ୍ତେ ଶ୍ରୀରାମଙ୍କ ନଗରୀ ଅଯୋଧ୍ୟାରେ ଭୂମି ପୂଜନ ହେବାକୁ ଯାଉଛି। ତିନିଦିନିଆ ଭୂମି ପୂଜନ ଉତ୍ସବ ସୋମବାର ଶ୍ରୀଗଣେଶ, ଶ୍ରୀରାମ ଓ ଦେବୀ ସୀତାଙ୍କ କୁଳଦେବତାଙ୍କ ପୂଜାର୍ଚ୍ଚନା ସହ ଆରମ୍ଭ ହୋଇଥିବାବେଳେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିତ୍ତିପ୍ରସ୍ତର ସ୍ଥାପନ କରିବା ପରେ ଶେଷ ହେବ। ମଙ୍ଗଳବାର ହନୁମାନ ଗଡ଼ି ମନ୍ଦିରରେ ସ୍ୱତନ୍ତ୍ର ପୂଜା ସହ ନିଶାଣ ପୂଜନ କରାଯାଇଛି। ଆଲୋକମାଳାରେ ଝଲସିଉଠିଛି ଅଯୋଧ୍ୟା ନଗରୀ। ସରଯୂ ନଦୀକୂଳରେ ଦୀପ ଜାଳି ଅଯୋଧ୍ୟାବାସୀ ସେମାନଙ୍କ ଆରାଧ୍ୟ ଦେବତା ତଥା ଅଯୋଧ୍ୟାର ରାଜା ରାମଚନ୍ଦ୍ରଙ୍କୁ ସ୍ୱାଗତ କରିଛନ୍ତି।



ଅଯୋଧ୍ୟାର ରାମ କୀ ପଇଡ଼ିରେ ଛାତ୍ରୀଛାତ୍ର ଦୀପ ସଜାଡ଼ି ରଖୁଛନ୍ତି।

## ଅଯୋଧ୍ୟାରେ ୩ ଘଣ୍ଟା ରହିବେ ମୋଦି

**ନୂଆଦିଲ୍ଲୀ,୪।୮**

ରାମମନ୍ଦିର ଭୂମିପୂଜା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ପୂର୍ବାହ୍ନରେ ଅଯୋଧ୍ୟା ଗସ୍ତ କରିବେ। ସେଠାରେ ସେ ପ୍ରାୟ ୩ ଘଣ୍ଟା ରହିବେ ବୋଲି ଜଣାପଡ଼ିଛି। ପୂର୍ବାହ୍ନ ୯.୩୫ରୁ ମୋଦି ନୂଆଦିଲ୍ଲୀ ଛାଡ଼ିବେ। ୧୦.୩୫ରେ ସେ ଉତ୍ତରପ୍ରଦେଶରେ ଲକ୍ଷ୍ନୌରେ ପହଞ୍ଚି ପ୍ରଥମେ ନବନିର୍ମିତ ଭଗବାନ ହନୁମାନ ମନ୍ଦିରକୁ ଯିବେ। ସେଠାରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥଙ୍କ ସହ ମୋଦି ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିବେ। ୧୦.୪୦ ପରେ ସେ ରାମମନ୍ଦିର ଭୂମିପୂଜା ସ୍ଥଳ ଗସ୍ତ କରିବେ ବୋଲି ଜଣାପଡ଼ିଛି। ମଧ୍ୟାହ୍ନ ୧୨ଟାରେ ପ୍ରଧାନମନ୍ତ୍ରୀ ରାମ ଜନ୍ମଭୂମି କମ୍ପ୍ଲେକ୍ସରେ ପହଞ୍ଚିବେ। ଅଯୋଧ୍ୟାର ସାକେତ୍ କଲେଜ୍ କ୍ୟାମ୍ପସ୍‌ରେ ନବନିର୍ମିତ ହେଲିପ୍ୟାଡ୍‌ରେ ମୋଦିଙ୍କ ହେଲିକପ୍ଟର ଅବତରଣ କରିବାର କାର୍ଯ୍ୟକ୍ରମ ରହିଛି। ସେଠାରେ ଥିବା ରାମ ଲାଲା ବିରାଜମାନ ନିକଟରେ ୧୦ ମିନିଟ୍ ପୂଜା କରିବେ। ସେଠାରେ ଏକ ପାରିଜାତ ଚାରା ରୋପଣ ମଧ୍ୟ କରିବେ। ଭୂମିପୂଜା ଅପରାହ୍ନ ୧୨.୩୦ରେ ଆରମ୍ଭ ହେବ। ୧୨.୪୦ରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ରାମମନ୍ଦିର ଲାଗି ଭୂମିପୂଜା ଶିଳାନ୍ୟାସ କରାଯିବ। ଅପରାହ୍ନ ୨.୦୫ରେ ମୋଦି ସାକେତ୍ କଲେଜ୍‌ରୁ ହେଲିକପ୍ଟର ଯୋଗେ ଲକ୍ଷ୍ନୌ ଆସିବେ। ପ୍ରାୟ ୩ ଘଣ୍ଟା କାଳ ସେ ଅଯୋଧ୍ୟାରେ କଟାଇବେ ବୋଲି ଜଣାପଡ଼ିଛି।



## କାର୍ଯ୍ୟକ୍ରମରୁ ଦଳିତଙ୍କୁ ଦୂରେଇ ରଖାଯାଉଛି'

**ସିଦ୍ଧାର୍ଥନଗର, ୪।୮**

ଅଯୋଧ୍ୟାରେ ରାମମନ୍ଦିର ଭୂମିପୂଜା ଲାଗି ପ୍ରସ୍ତୁତି ଯୁଦ୍ଧକାଳୀନ ଭାବେ ଚାଲିଥିବାବେଳେ ବିଭିନ୍ନ ଅତିଥିଙ୍କୁ ମଧ୍ୟ ଏଥିରେ ଯୋଗଦେବା ଲାଗି ନିମନ୍ତ୍ରଣ କରାଯାଇଛି। ହେଲେ ଏହି କାର୍ଯ୍ୟକ୍ରମରୁ ଦଳିତ ଓ ପଛୁଆବର୍ଗଙ୍କୁ ଦୂରେଇ ରଖାଯାଉଛି ବୋଲି ଆପ୍‌ନା ଦଳ ବିଧାୟକ ତଥା ଶୋହରତ୍‌ଗଡ଼ ନେତା ଚୌଧୁରୀ ଅମର ସିଂ ଅଭିଯୋଗ କରିଛନ୍ତି। କୌଣସି ଦଳିତଙ୍କୁ ଏଥିଲାଗି ଆମନ୍ତ୍ରଣ କରାଯାଇ ନ ଥିବା ସେ କହିଛନ୍ତି। ରାମମନ୍ଦିର ନିର୍ମାଣ ଲାଗି ଗଠିତ ଟ୍ରଷ୍ଟରେ ମଧ୍ୟ କୌଣସି ଦଳିତ, ପଛୁଆବର୍ଗ, ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କୁ ସାମିଲ କରାଯାଇ ନାହିଁ। ଏହା ଏକ ବେଦପ୍ରସ୍ଥ ଟ୍ରଷ୍ଟ ଓ ଭଗବାନ ରାମ କେବଳ ଭାଜପାର ବୋଲି ସେ କଟାକ୍ଷ କରି କହିଛନ୍ତି। ରାମମନ୍ଦିର ନିର୍ମାଣ ଲାଗି ପ୍ରଧାନମନ୍ତ୍ରୀ ଯେଉଁ ଉତ୍ସାହ ଦେଖାଇଛନ୍ତି, ସେଭଳି ଗରିବଙ୍କୁ ଘର ଓ ସହାୟତା ପ୍ରଦାନ କ୍ଷେତ୍ରରେ ଦେଖାଇବା ଉଚିତ। ପ୍ରକାଶଥାଉ କି, ଉତ୍ତରପ୍ରଦେଶର ଭାଜପା ସରକାରରେ ଆପ୍‌ନା ଦଳ ସହଯୋଗୀ ରହିଛି।


## ଜାତୀୟ ଏକତାର ପ୍ରତୀକ ହେଉ ଭୂମିପୂଜା: ପ୍ରିୟଙ୍କା

ନୂଆଦିଲ୍ଲୀ,୪।୮: ରାମମନ୍ଦିର ଭୂମିପୂଜା ଉତ୍ସବ ଜାତୀୟ ଏକତା, ଭାଇଚାରା ଓ ସାଂସ୍କୃତିକ ସଦ୍‌ଭାବର ପ୍ରତୀକ ହେଉ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ କହିଛନ୍ତି। ଭୂମିପୂଜା ପୂର୍ବରୁ ସେ କହିଛନ୍ତି, ଭଗବାନ ରାମଙ୍କ ଚରିତ୍ର ଦେଶରେ ଏକତାର ଉତ୍ସ ପାଲଟିଛି। ରାମାୟଣ ବିଶ୍ୱରେ ଭାରତୀୟ ସଭ୍ୟତାର ଗୁଣଗାନ କରୁଛି। ଭଗବାନ ରାମ ସମସ୍ତଙ୍କ ଭିତରେ ଥିବାରୁ ତାଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ଭାବେ ବର୍ଣ୍ଣନା କରାଯାଏ। ତେଣୁ ଏହି ଉତ୍ସବ ସମସ୍ତଙ୍କ ଲାଗି ଏକତା, ଭାଇଚାରା ଆଣିଦେବାରେ ସହାୟକ ହେବ।




ଭୂମି ପୂଜନ ପାଇଁ ଉଦ୍ଦିଷ୍ଟ ରୁପା ଇଟା।

## ତୁଟିଛି ଶତାବ୍ଦୀ ପୁରୁଣା ବିବାଦ



୧୯୯୦ରେ ବାବ୍ରି ମସ୍‌ଜିଦର ଦୃଶ୍ୟ।

ଅଯୋଧ୍ୟାର ରାମ ଜନ୍ମଭୂମିକୁ ନେଇ ବିବାଦ ଥିଲା ଦେଶର ସବୁଠୁ ପୁରୁଣା ଜମି ବିବାଦ ମାମଲା। ଐତିହାସିକଙ୍କ ମତରେ ୧୫୨୮ରେ ମୋଗଲ ସମ୍ରାଟ ବାବରଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ କମାଣ୍ଡର ମୀର ବାକି ସେଠାରେ ଏକ ଢାଞ୍ଚା ନିର୍ମାଣ କରିଥିଲେ, ଯାହାକି ବାବ୍ରୀ ମସ୍‌ଜିଦ ନାମରେ ପରିଚିତ ଥିଲା। ଉକ୍ତ ସ୍ଥାନରେ ପୂର୍ବରୁ ଭଗବାନ ରାମଙ୍କର ଏକ ମନ୍ଦିର ଥିଲା ବୋଲି ହିନ୍ଦୁମାନେ ବିଶ୍ୱାସ କରନ୍ତି। ୧୮୮୫ ମସିହାରେ ମହନ୍ତ ରଘୁବୀର ଦାସ ଫୈଜାବାଦ ଜିଲା କୋର୍ଟରେ ପ୍ରଥମେ ଏକ ପିଟିଶନ ଦାଏର କରିଥିଲେ। ବିବାଦୀୟ ଢାଞ୍ଚା ବାହାରେ ଏକ ଛତରି ନିର୍ମାଣ ପାଇଁ ଅନୁମତି ଦେବାକୁ ସେ ଏଥିରେ ଅନୁରୋଧ କରିଥିଲେ। ଗତବର୍ଷ ନଭେମ୍ବର ୯ରେ ସୁପ୍ରିମକୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ୧୯୯୨ ଡିସେମ୍ବର ୬ରେ କାର ସେବକମାନେ ଷୋଡ଼ଶ ଶତାବ୍ଦୀର ଉକ୍ତ ବିବାଦୀୟ ଢାଞ୍ଚାକୁ ଭାଙ୍ଗିଦେଇଥିଲେ। ରଘୁବର ଦାସଙ୍କ ପିଟିଶନ ବେଳରୁ ଆରମ୍ଭ ହୋଇଥିବା ଶତାବ୍ଦୀ ପୁରୁଣା ବିବାଦ ସର୍ବୋଚ୍ଚ ଅଦାଲତଙ୍କ ରାୟ ପରେ ସମାଧାନ ହୋଇଥିଲା। ଏହା ପୂର୍ବରୁ ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ୨.୭୭ ଏକର ଭୂମିକୁ ତିନି ପକ୍ଷ ମଧ୍ୟରେ ସମାନ ଭାବେ ବଣ୍ଟନ କରି ରାୟ ଦେଇଥିଲେ। ଉକ୍ତ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ୧୪ଟି ପିଟିଶନ ଦାଏର କରାଯାଇଥିଲା। ଆଲ୍ଲାହାବାଦ ହାଇକୋର୍ଟଙ୍କ ସେହି ରାୟକୁ ସୁପ୍ରିମକୋର୍ଟ ଭୁଲ୍ ବୋଲି କହିଥିଲେ।

# ସିବିଆଇ ତଦନ୍ତ ଲାଗି ନୀତୀଶଙ୍କ ସୁପାରିସ

**ସୁଶାନ୍ତ ସିଂ ମୃତ୍ୟୁ ଘଟଣା**

**ନୂଆଦିଲ୍ଲୀ,୪।୮**

ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ଘଟଣାରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ୍ କୁମାର ମଙ୍ଗଳବାର ସିବିଆଇ ତଦନ୍ତ ଲାଗି ସୁପାରିସ କରିଛନ୍ତି। ବିହାର ପୋଲିସ ମୁଖ୍ୟ ଗୁପ୍ତେଶ୍ୱର ପାଣ୍ଡେ ସୁଶାନ୍ତଙ୍କ ବାପା କେ. କେ. ସିଂଙ୍କ ସହ ଏନେଇ ଆଲୋଚନା କରିବା ପରେ ସେ ଏହି ପଦକ୍ଷେପ ନେଇଛନ୍ତି। ଦଳମତ ନିର୍ବିଶେଷରେ ବିହାରର ସମସ୍ତ ରାଜନେତା ମଧ୍ୟ ବିଧାନସଭାରେ ଏହି ଘଟଣାରେ ସିବିଆଇ ତଦନ୍ତ କରାଯିବା ଉଚିତ ବୋଲି ମତ ରଖିଥିଲେ। ମଙ୍ଗଳବାର ନୀତୀଶ୍ କୁମାର ଟୁଇଟ କରି ସୁଶାନ୍ତଙ୍କ ବାପା ଦେଇଥିବା ଏଫ୍‌ଆଇଆର୍‌କୁ ଆଧାର କରି ସିବିଆଇ ତଦନ୍ତ କରାଯିବା ଲାଗି ସୁପାରିସ୍ କରିଛନ୍ତି। ଆଗକୁ ବିହାର ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ କୌଣସି ରାଜନୈତିକ ଦଳ ଏହାକୁ ବିରୋଧ ମଧ୍ୟ କରିନାହାନ୍ତି। ମହାରାଷ୍ଟ୍ର ପୋଲିସ ଘଟଣାର ଠିକ୍ ତଦନ୍ତ କରୁନାହିଁ ବୋଲି ଅଭିଯୋଗ କରାଯାଇଛି। ସେପଟେ ଘଟଣା ମହାରାଷ୍ଟ୍ରରେ ଘଟିଛି ଓ ମାମଲାର ତଦନ୍ତ ଏଠାରେ ହେବା ଉଚିତ ବୋଲି ମୁମ୍ବାଇ ପୋଲିସ ମୁଖ୍ୟ ପ୍ରକାଶ କରିଛନ୍ତି। କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ୍ କୁମାରଙ୍କୁ ସମାଲୋଚନା କରି ପୁଣି ଥରେ ସମ୍ବିଧାନ ପଢ଼ିବାକୁ ପରାମର୍ଶ ଦେଇଛନ୍ତି। ଆଇନ ଶୃଙ୍ଖଳା ରକ୍ଷା ରାଜ୍ୟ ସରକାରଙ୍କ ଅଧୀନରେ ରହିଛି। ଏଭଳି ସ୍ପର୍ଶକାତର ମାମଲା ମୁମ୍ବାଇରେ ଘଟିଥିବାରୁ ମହାରାଷ୍ଟ୍ର ସରକାର ମାମଲାର ତଦନ୍ତ କରିବା ଉଚିତ। ମାମଲାକୁ ରାଜନୈତିକ ରୂପ ନ ଦେବାକୁ ସେ ପରାମର୍ଶ ଦେଇଛନ୍ତି। ପୂର୍ବରୁ ମହାରାଷ୍ଟ୍ରର ଉଦ୍ଧବ ଠାକ୍‌ରେ ସରକାର ଘଟଣାର ସିବିଆଇ ତଦନ୍ତ କରାଯିବ ନାହିଁ ବୋଲି ମତ ଦେଇଥିଲେ।


# ପାକ୍‌ର ନୂଆ ମାନଚିତ୍ରରେ ଜମ୍ମୁ-କଶ୍ମୀର

**ଇସ୍‌ଲାମାବାଦ/ ନୂଆଦିଲ୍ଲୀ,୪।୮**

ପାକିସ୍ତାନ ପକ୍ଷରୁ ମଙ୍ଗଳବାର ନୂଆ ରାଜନୈତିକ ମାନଚିତ୍ର ଜାରି କରାଯାଇଛି। ଏଥିରେ ଜମ୍ମୁ-କଶ୍ମୀରକୁ ସମ୍ପୂର୍ଣ୍ଣଭାବେ ପାକିସ୍ତାନର ବୋଲି ଦର୍ଶାଯାଇଛି। ଗୁଜରାଟର ମଧ୍ୟ କିଛି ଅଞ୍ଚଳକୁ ଏହି ମାନଚିତ୍ରରେ ସାମିଲ କରାଯାଇଛି। ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଏହାକୁ ଜାରି କରିଛନ୍ତି। ଏହି ବିବାଦୀୟ ମାନଚିତ୍ରକୁ ନେଇ ରାଜନୈତିକ ଉଷ୍ମତା ପରିଲକ୍ଷିତ ହୋଇଥିବା ବେଳେ ପାକିସ୍ତାନର ଏହା ଏକ ରାଜନୈତିକ ମୂର୍ଖତା ବୋଲି ଭାରତ କହିଛି। ଉତ୍ତେଜନା ସୃଷ୍ଟିକରିବା ଲାଗି ଏଭଳି ପ୍ରୟାସ କରାଯାଇଛି। ଏହାକୁ ଆଇନଗତ ସ୍ୱୀକୃତି ମିଳିବନି କି ଅନ୍ତର୍ଜାତୀୟ ସ୍ତରରେ ଗ୍ରହଣ କରାଯିବ ନାହିଁ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହା କେବଳ ପାକିସ୍ତାନର ମାନସିକ ଦୂରବସ୍ଥା ସମ୍ପର୍କରେ ସୂଚାଉଛି। ନୂଆ ମାନଚିତ୍ରରେ ଭାରତର ଭୂଖଣ୍ଡ ସ୍ପଷ୍ଟ ବାରିହୋଇ ପଡୁଛି। ତେବେ ଚାଇନାକୁ ଲାଗିଥିବା ଲଦାଖ ଓ କଶ୍ମୀର ସୀମା ଠିକ୍ ଭାବେ ଦର୍ଶାଯାଇ ନ ଥିବା ଜଣାପଡ଼ିଛି। ଏଥିରେ ଏଲ୍‌ଓସିକୁ କରକୋରମ୍ ପାସ୍ ନିକଟକୁ ନିଆଯାଇ ସିଆଚେନ୍‌କୁ ପାକିସ୍ତାନର ବୋଲି ଦର୍ଶାଯାଇଛି। ଏଲଓସିକୁ ନାଲି ଚିହ୍ନରେ ଅଙ୍କନ କରାଯାଇଛି। ଜମ୍ମୁ-କଶ୍ମୀରରୁ ଧାରା ୩୭୦ ପ୍ରତ୍ୟାହାର (ଅଗଷ୍ଟ ୫) କରାଯାଇ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ କରାଯିବାର ଠିକ୍ ବର୍ଷକ ପୂର୍ବରୁ ପାକିସ୍ତାନ ନୂଆ ମାନଚିତ୍ର କାଢ଼ି ଏଭଳି କନ୍ଦଳ ଆରମ୍ଭ କରିଛି। ହେଲେ ଭାରତ ଏଥିରେ ବିଚଳିତ ହେବାର ନାହିଁ, ଠିକ୍ କ'ଣ ସମସ୍ତଙ୍କୁ ଜଣା ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।




## ଇବ୍ରାହିମ ଅଲ୍‌କାଜିଙ୍କ ପରଲୋକ



ନୂଆଦିଲ୍ଲୀ,୪।୮: ଥିଏଟର ଲିଜାଣ୍ଡ ଇବ୍ରାହିମ୍ ଆଲ୍‌କାଜିଙ୍କ ମଙ୍ଗଳବାର ନୂଆଦିଲ୍ଲୀର ଏସ୍‌କର୍ଟ ହସ୍ପିଟାଲରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୯୫ ବର୍ଷ ହୋଇଥିଲା। ଭାରତରେ ଥିଏଟର ଜଗତରେ ଇବ୍ରାହିମ୍ ବିପ୍ଳବ ଆଣିଥିଲେ। ୪୦ ଦଶକରେ ମୁମ୍ବାଇରେ ଜଣେ ବିଶିଷ୍ଟ ଥିଏଟର ଆର୍ଟିଷ୍ଟ ଭାବେ ତାଙ୍କର ନାମ ଥିଲା। ୩୭ ବର୍ଷ ବୟସରେ ସେ ଦିଲ୍ଲୀ ଯାଇ ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମାର ନିର୍ଦ୍ଦେଶକ ଭାବେ ଦୀର୍ଘ ୧୫ ବର୍ଷ ଦାୟିତ୍ୱ ଗ୍ରହଣ କରିଥିଲେ। ଫାଇନ୍ ଆର୍ଟ ଓ ଥିଏଟର ପ୍ରତି ତାଙ୍କର ବିଶେଷ ଆକର୍ଷଣ ଥିଲା।

# ଆମେରିକା ସୁଧୁରୁଛି, ଭାରତରେ ଭୟଙ୍କର

**କରୋନାକୁ ନେଇ ଟ୍ରମ୍ପଙ୍କ ମତ**

**ମୁମ୍ବାଇ,୪।୮**

ମହାମାରୀ କରୋନା ସାରା ବିଶ୍ୱକୁ ଥରହର କରିପକାଇ ଥିବାବେଳେ ସବୁଠାରୁ ଅଧିକ ଆକ୍ରାନ୍ତ ହୋଇଛି ଆମେରିକା। ଏଠାରେ ୪୮ ଲକ୍ଷରୁ ଅଧିକ ଲୋକ ଭୂତାଣୁ ଆକ୍ରାନ୍ତ ହୋଇଥିବାବେଳେ ୧.୫୯ ଲକ୍ଷ ଜୀବନ ଗଲାଣି। ତୁଳନାତ୍ମକ ଭାବେ ଦେଖିଲେ ଭାରତ ଆମେରିକାଠାରୁ ବହୁ ପଛରେ ରହିଛି। ଭାରତରେ ଏବେ ୧୮.୬୪ ଲକ୍ଷ ଆକ୍ରାନ୍ତ ଥିବାବେଳେ ୩୯ ହଜାର ଜୀବନ ଯାଇଛି। ହେଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆମେରିକା ସ୍ଥିତି ସୁଧୁରୁଥିବା କହିଛନ୍ତି। ବଡ଼ ଦେଶଗୁଡ଼ିକ ମଧ୍ୟରେ ଭାରତ ଭୟଙ୍କର ସ୍ଥିତିରେ ରହିଥିବା ସେ ମତ ଦେଇଛନ୍ତି। କରୋନା ମୁକାବିଲାରେ ଆମେରିକା ଭଲ ପ୍ରଦର୍ଶନ କରୁଥିବା ସେ ପ୍ରକାଶ କରିଛନ୍ତି। ଚାଇନା ଏହି ଭୂତାଣୁ ଛାଡ଼ି ବିଶ୍ୱରେ ଆତଙ୍କ ଖେଳାଇଥିବା ସେ ଅଭିଯୋଗ କରିଛନ୍ତି। ଭାରତରେ ଗତ କିଛିଦିନ ହେବ ଉଗ୍ର ସଂକ୍ରମଣ ସ୍ଥିତି ଦେଖାଦେଇଛି। ମଙ୍ଗଳବାର ୫୨,୦୫୦ ନୂଆ ମାମଲା ସାମ୍ନାକୁ ଆସିଛି। ଗତ ଏକ ସପ୍ତାହ ହେବ ବହୁ ମାତ୍ରାରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଚାଇନାରେ ମଙ୍ଗଳବାର ମାତ୍ର ୩୬ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆମେରିକା ୬ କୋଟି ଲୋକଙ୍କ କରୋନା ପରୀକ୍ଷା କରିଥିବା ଟ୍ରମ୍ପ ଏକ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି। ଏତେ ମାତ୍ରାରେ ପରୀକ୍ଷା କୌଣସି ଦେଶରେ କରାଯାଇ ନ ଥିବା ସେ ଦାବି କରିଛନ୍ତି। ପ୍ରାରମ୍ଭରୁ ଆମେରିକାରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିଲା। ଏବେ କିନ୍ତୁ ସପ୍ତାହେ ହେବ ୬% କମିଛି। ଆରିଜୋନାରେ ୩୭%, ଟେକ୍ସାସ୍‌ରେ ୧୮.୭%, ଫ୍ଲୋରିଡାରେ ୨୧.୨% କମିଛି। ଜର୍ଜିଆ, ମିସିସିପି, ଟେନେସି, ଓକ୍‌ଲାହୋମା, ମିସୌରିରେ ସ୍ଥିତି ନିୟନ୍ତ୍ରଣକୁ ଆସିଯିବ ବୋଲି ଟ୍ରମ୍ପ କହିଛନ୍ତି। ନ୍ୟୁଜର୍ସି, ନ୍ୟୁୟର୍କ, ଆଲାସ୍କା, କନେକ୍ଟିକଟ୍, ଡେଲାୱାରେ, ମ୍ୟାରିଲାଣ୍ଡ ସମେତ ୧୮ ରାଜ୍ୟରେ ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା କମୁଥିବା ସେ ପ୍ରକାଶ କରିଛନ୍ତି।

ମାତଃ ଦୁର୍ଗେ ! ଜୀବନ ସଂଗ୍ରାମରେ, ଭାରତ ସଂଗ୍ରାମରେ ତୋର ପ୍ରେରିତ ଯୋଦ୍ଧା ଆମ୍ଭେମାନେ। ଦିଅ ମା ! ମନେ ପ୍ରାଣେ ଅସୁରର ଶକ୍ତି– ଅସୁରର ଉଦ୍ୟମ। ଦିଅ ମା, ହୃଦୟରେ ବୁଦ୍ଧିରେ ଦେବ ଚରିତ୍ର, ଦିବ୍ୟଜ୍ଞାନ !! –ଶ୍ରୀଅରବିନ୍ଦ

# ଅନ୍ଧକାର ବର୍ଷ

ବର୍ଷକ ପୂର୍ବେ ୫ ଅଗଷ୍ଟ ୨୦୧୯ରେ ଜମ୍ମୁ ଓ କଶ୍ମୀରକୁ ଦିଆଯାଇ ଆସୁଥିବା ସ୍ୱତନ୍ତ୍ର ସୁବିଧା ସଂକ୍ରାନ୍ତ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରାଯାଇଥିଲା। ଏହି ସମୟ ମଧ୍ୟରେ ଜମ୍ମୁ ଓ କଶ୍ମୀର ଏବଂ ଲଦାଖ ନାମରେ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ ସୃଷ୍ଟି ହୋଇଛି। ୩୭୦ ଉଚ୍ଛେଦ ପରେ କେନ୍ଦ୍ର ସରକାରଙ୍କ ତୁଙ୍ଗ ନେତାମାନେ କହିଥିଲେ, ଏହି ସୀମାନ୍ତ ରାଜ୍ୟର ସର୍ବାଙ୍ଗୀନ ବିକାଶ କରିବା ହେଉଛି ମୂଳ ଲକ୍ଷ୍ୟ। ୫ ଅଗଷ୍ଟ ୨୦୨୦କୁ ଦେଖିଲେ ଅଦ୍ୟାବଧି ନ୍ୟାଶନାଲ କନ୍‌ଫରେନ୍ସର ୧୬ ଓ ପିଡିପିର ୮ ନେତା ଗୃହବନ୍ଦୀ ହୋଇ ରହିଛନ୍ତି। ଗତ ସପ୍ତାହରେ ପିଡିପି ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତିଙ୍କ ଅଟକ ଅବଧିକୁ ଆହୁରି ୩ ମାସ ବୃଦ୍ଧି କରାଯାଇଛି। ସେହିପରି ପୂର୍ବତନ ଆଇଏଏସ୍ ଅଫିସର ତଥା ଜମ୍ମୁ ଓ କଶ୍ମୀର ପିପୁଲ୍ସ ମୁଭ୍‌ମେଣ୍ଟ ମୁଖ୍ୟ ଶାହ ଫୈଜାଲଙ୍କ ସମେତ ଅନେକ ସ୍ଥାନୀୟ ନେତାଙ୍କୁ ଅଟକ ରଖାଯାଇଛି। ରାଜନେତାଙ୍କ ଗୃହବନ୍ଦୀ କିମ୍ବା ଅଟକରେ ସେଠାକାର ଦୁର୍ଦ୍ଦଶା ଅଟକି ଯାଇ ନାହିଁ। ସାଧାରଣ ଲୋକ ବର୍ଷଯାକ ବହୁ ଅସ୍ୱାଭାବିକ ପରିସ୍ଥିତିର ସାମ୍ନା କରି ଚାଲିଛନ୍ତି। କୋଭିଡ୍‌-୧୯ ଯୋଗୁ ସମଗ୍ର ଦେଶରେ ଲାଗୁ କରାଯାଇଥିବା ଲକ୍‌ଡାଉନ୍ ସ୍ଥିତିରେ ଲୋକେ କିଭଳି ହନ୍ତସନ୍ତ ହେଉଛନ୍ତି ତାହା ସମସ୍ତେ ଉପଲବ୍‌ଧି କରିଛନ୍ତି। ସେଭଳି ସ୍ଥଳେ ଜମ୍ମୁ ଓ କଶ୍ମୀରବାସିନ୍ଦା ଗତ ବର୍ଷ ଅଗଷ୍ଟ ୫ରୁ କଷ୍ଟ ସହୁଥିବା ବେଳେ କୋଭିଡ୍‌-୧୯ ସେହି ଦୁଃଖକୁ ଅଧିକ ମାତ୍ରାରେ ବଢ଼ାଇ ଦେଇଛି। ସେଠାକାର ଦୃଶ୍ୟ ଓ ଲୋକଙ୍କ ଯନ୍ତ୍ରଣା ଗଣମାଧ୍ୟମରେ ଠିକ୍ ଭାବେ ପ୍ରତିଫଳିତ ହୋଇପାରୁ ନାହିଁ। କାରଣ କେନ୍ଦ୍ର ସରକାରଙ୍କ ଦ୍ୱାରା ସବୁ ଖବରକୁ ଯାଞ୍ଚ କରି ଛଡ଼ାଯାଉଛି। ୪ଜି ଇଣ୍ଟରନେଟ୍ ସୁବିଧା ଉପଲ୍‌ବଧ ହେଉ ନ ଥିବାରୁ ଡାକ୍ତରମାନେ ଚିକିତ୍ସା ସଂକ୍ରାନ୍ତ ସେବା ଠିକ୍ ଭାବେ ଯୋଗାଇପାରୁ ନାହାନ୍ତି। ଆଜି କୋଭିଡ୍‌-୧୯ ଯୋଗୁ ଦେଶବ୍ୟାପୀ ପିଲାଙ୍କ ପାଠପଢ଼ା ଅନ୍‌ଲାଇନ୍‌ରେ କରାଯାଉଛି। ହେଲେ କଶ୍ମୀରର ଛାତ୍ରୀଛାତ୍ରଙ୍କ ପାଇଁ ବିନା ଇଣ୍ଟରନେଟ୍ ସେବାରେ ପାଠପଢ଼ା ଅସମ୍ଭବ ହୋଇପଡ଼ିଛି।

ଅନୁଚ୍ଛେଦ ୩୭୦ ଉଚ୍ଛେଦ ବେଳେ କୁହାଯାଇଥିଲା ଯେ ଏହା ଦ୍ୱାରା ଜମ୍ମୁ ଓ କଶ୍ମୀରରେ ଆତଙ୍କବାଦୀଙ୍କ କାର୍ଯ୍ୟକଳାପ ହ୍ରାସ ପାଇବ। ବେରୋଜଗାର ଥିବା ଯୁବକମାନେ ଅନନ୍ୟୋପାୟ ହୋଇ ଯେଭଳି ଆତଙ୍କବାଦୀ ସଙ୍ଗଠନରେ ଯୋଗ ଦେଉଥିଲେ ସେଥିରେ ରୋକେ। ଲାଗିବ। କେନ୍ଦ୍ର ସରକାର ସେଠାକାର ଯୁବପିଢ଼ିଙ୍କୁ ପର୍ଯ୍ୟାପ୍ତ ଚାକିରି ଦେବାର ବ୍ୟବସ୍ଥା କରିବେ ବୋଲି କହିଥିଲେ। ହେଲେ ସ୍ଥିତିରେ ଆଦୌ ଉନ୍ନତି ପରିଲକ୍ଷିତ ହୋଇ ନ ଥିବା ଅନେକ ତଥ୍ୟରୁ ଜଣାପଡ଼ିଛି। ଗତ ଏକ ବର୍ଷ ମଧ୍ୟରେ କୌଣସି ସରକାରୀ ନିଯୁକ୍ତି ଦିଆଯାଇ ନାହିଁ। ବରଂ ୧୦,୦୦୦ ପଦବୀ ଖାଲି ପଡ଼ିଛି। ହେଲେ ନିକଟରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା ଯେ, ଜମ୍ମୁ ଓ କଶ୍ମୀରରେ ପରିବର୍ତ୍ତନ ଅଣାଯିବା ପରେ ଆତଙ୍କବାଦ କାର୍ଯ୍ୟରେ ସ୍ଥାନୀୟ ଯୁବପିଢ଼ିର ଯୋଗଦାନ ୪୨ ପ୍ରତିଶତ ହ୍ରାସ ପାଇଛି। କିନ୍ତୁ ସେନାର ଅନେକ ଉଚ୍ଚପଦସ୍ଥ ଅଧିକାରୀ ଓ ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି ଯେ, ଯୁବକମାନଙ୍କ ଆତଙ୍କବାଦୀ ସଙ୍ଗଠନରେ ଯୋଗଦାନ ହ୍ରାସ ପାଇବା ପରିବର୍ତ୍ତେ ବୃଦ୍ଧି ପାଉଛି।

ଅର୍ଥନୈତିକ ଦିଗକୁ ଦେଖିଲେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଲାଗୁ କରାଯାଇଥିବା କଟକଣା ଓ ଲକ୍‌ଡାଉନ୍ ଯୋଗୁ ପ୍ରଥମ ୪ ମାସ ମଧ୍ୟରେ କଶ୍ମୀର ଅର୍ଥନୀତିରେ ୧୭,୮୮୭ କୋଟି ଟଙ୍କା କ୍ଷତି ଘଟିଥିଲା। ଏକ ବ୍ୟବସାୟିକ ସଙ୍ଗଠନ ସେତେବେଳେ କ୍ଷତିର ଆକାର ଏତିକି ଦେଖାଇଥିବା ବେଳେ ବର୍ଷକର ହିସାବ କଲେ ଏହା କାହିଁ କେତେ ଗୁଣ ବଢ଼ିଯାଇଥିବ। ଫଳ ଚାଷ ଉପରେ ନିର୍ଭର କରୁଥିବା ଚାଷୀ ଓ ବ୍ୟବସାୟୀ ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। କଶ୍ମୀରର ଅର୍ଥନୈତିକ ମେରୁଦଣ୍ଡ କୁହାଯାଉଥିବା ପର୍ଯ୍ୟଟନ ଶିଳ୍ପ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ସେହି ଭୂଖଣ୍ଡକୁ ପର୍ଯ୍ୟଟକଙ୍କ ସଂଖ୍ୟା ବହୁଳ ଭାବେ କମିଯିବା ଯୋଗୁ ପର୍ଯ୍ୟଟନଜନିତ ବ୍ୟବସାୟ ୮୬ ପ୍ରତିଶତ ହ୍ରାସ ଘଟିଛି ଓ ୧,୪୪,୫୦୦ ଲୋକଙ୍କ ଚାକିରି ଚାଲିଯାଇଥିବା ତଥ୍ୟ ମିଳୁଛି।

କଶ୍ମୀର ସହିତ କରାଯାଇଥିବା ଅବିଚାର ସେଠାକାର ଯୁବପିଢ଼ିକୁ ଦୀର୍ଘକାଳ ପର୍ଯ୍ୟନ୍ତ ଭାରତ ବିରୋଧୀ କରାଇଦେଉଛି। ଭାରତୀୟ ବ୍ୟବସ୍ଥା ମଧ୍ୟ କଶ୍ମୀର ସମସ୍ୟାକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରିଚାଲିଛି। ଉଦାହରଣ ସ୍ୱରୂପ, ସୁପ୍ରିମକୋର୍ଟରେ ଯଥେଷ୍ଟ ବିଚାରପତିଙ୍କ ଉପସ୍ଥିତି ଏବଂ ସମୟର ଅଭାବ ନ ଥିବାର ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି। ପ୍ରଶାନ୍ତ ଭୂଷଣଙ୍କ ଭଳି ଜଣେ ବ୍ୟକ୍ତିଙ୍କ ଟୁଇଟ୍‌କୁ ନେଇ ତିନିଜଣିଆ ପୀଠ ମାନହାନି ମକଦ୍ଦମା ଦାଏର କରି ତତ୍‌କ୍ଷଣାତ୍ ଶୁଣାଣି ଆରମ୍ଭ କରିଦେଇପାରୁଛନ୍ତି। କିନ୍ତୁ ସେହି ସର୍ବୋଚ୍ଚ ନ୍ୟାୟାଳୟ ଅନୁଚ୍ଛେଦ ୩୭୦ ଉଚ୍ଛେଦ ସାମ୍ବିଧାନିକ କି ନୁହେଁ ଏବଂ ଇଣ୍ଟରନେଟ୍ ସେବା ବନ୍ଦ କରିଦେବା ମୌଳିକ ମାନବ ଅଧିକାର ଉଲ୍ଲଂଘନ କରୁଛି କି ନାହିଁ, ତାହାକୁ ନେଇ ପଡ଼ିରହିଥିବା ଅନେକ ଆବେଦନର ଶୁଣାଣି ଆରମ୍ଭ କରିବାକୁ ସମୟ ପାଉନାହାନ୍ତି। ୩ ମାର୍ଚ୍ଚ ୨୦୨୦ରେ ଶୀର୍ଷ ଅଦାଲତ ୩୭୦ ଉଚ୍ଛେଦ ମାମଲାକୁ ୭ ଜଣିଆ ବୃହତ୍ତର ପୀଠରେ ବିଚାର ହେବା ବିଷୟକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଯେତେବେଳେ ଦେଶର ସରକାର ନିଜ ନାଗରିକଙ୍କ ଅଧିକାରକୁ ଦୃଷ୍ଟି ନ ଦେବେ ଏବଂ ସେମାନଙ୍କ ସୁରକ୍ଷା ଓ ସୁବିଧାକୁ ଦୀର୍ଘଦିନ ଧରି ଗୌଣ କରି ରଖିବେ, ସେତେବେଳେ ସମ୍ପୃକ୍ତ ନାଗରିକମାନେ ଅଧିକ ବିପଥଗାମୀ ହେବାକୁ ଚାହିଁବା ସ୍ୱାଭାବିକ। କଶ୍ମୀର ସମସ୍ୟା ଅତ୍ୟନ୍ତ ଜଟିଳ। ସମାଧାନ କଦାପି ସହଜ ନୁହେଁ। ତେବେ ଏକବିଂଶ ଶତାବ୍ଦୀରେ କୌଣସି ଅଞ୍ଚଳର ଜନସାଧାରଣଙ୍କୁ ସାମରିକ ଭୟରେ ଅଧିକ ଦିନ ଦମନ କରି ରଖିବା ଏକ ଗଣତାନ୍ତ୍ରିକ ଦେଶ ପାଇଁ ସମ୍ଭବପର ହେବ ନାହିଁ। ଏହା ଜଣା ଯେ, ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ଥିଲା ଭାଜପାର ଦୀର୍ଘକାଳୀନ ସ୍ୱପ୍ନ। ଅଗଷ୍ଟ ୫, ୨୦୧୯ରେ ୩୭୦ ଗଲା। ଅଗଷ୍ଟ ୫, ୨୦୨୦ରେ ଅଯୋଧ୍ୟାରେ ରାମମନ୍ଦିର ଭୂମିପୂଜା ହେଲା। ଏହିସବୁ ନାଟକୀୟ କାର୍ଯ୍ୟ ଆସନ୍ତାକାଲିର ଭାରତୀୟ ଯୁବପିଢ଼ିକୁ ନିଜ ଜୀବନରେ କେତେଦୂର ଅର୍ଥନୈତିକ ଓ ସାମାଜିକ ସ୍ତରରେ ସହାୟକ ହେବ, ତାହା କେବଳ ସମୟ କହିବ।

# ରେଳ ଘରୋଇକରଣ ଜନ ବିରୋଧୀ



କିଶୋର ଜେନା

ପୁଞ୍ଜିବାଦର ମୁଖ୍ୟ ଦର୍ଶନ ହେଉଛି ସମସ୍ତ ସରକାରୀ ଓ ରାଷ୍ଟ୍ରାୟତ୍ତ କ୍ଷେତ୍ରର ଘରୋଇକରଣ, ଯାହାର ଅର୍ଥ ବ୍ୟକ୍ତିମାଲିକାନାର ପ୍ରତିଷ୍ଠା ଏବଂ ଲାଭ କରିବା। ଆମ ଦେଶରେ ଘରୋଇକରଣର ସୂଚନାପର୍ବ ଆରମ୍ଭ ହୁଏ ୧୯୯୧ରେ ନରସିଂହ ରାଓଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ। ସେହି ସମୟରୁ ଅନ୍ୟାନ୍ୟ ସହ ଭାରତୀୟ ରେଳବାଇର ଘରୋଇକରଣର ପ୍ରଚେଷ୍ଟା ଆରମ୍ଭ ହୋଇଥିଲା। କିନ୍ତୁ ଏହା ବିରୁଦ୍ଧରେ ବ୍ୟାପକ ପ୍ରତିବାଦ ହେବାରୁ ୧୯୯୨ଠାରୁ ଏ ପର୍ଯ୍ୟନ୍ତ ବିଗତ ସରକାରଗୁଡ଼ିକର ଏହି ଉଦ୍ୟମ ସାମୟିକ ଭାବେ ରୂପାୟିତ ହୋଇପାରି ନ ଥିଲା। କିନ୍ତୁ ବର୍ତ୍ତମାନର କେନ୍ଦ୍ର ସରକାର ଦେଶର ସାମ୍ପ୍ରତିକ ପରିସ୍ଥିତିର ସୁଯୋଗ ନେଇ ଘରୋଇକରଣ ଲକ୍ଷ୍ୟରେ ଭାରତୀୟ ରେଳର ୧୯୫୧ଟି ଦୂରଗାମୀ ଯାତ୍ରୀବହୁଳ ଟ୍ରେନ ବ୍ୟକ୍ତିମାଲିକାନା ହାତରେ ଦେଇଦେବାକୁ ସିଦ୍ଧାନ୍ତ ନେଇଛନ୍ତି। ଏଥିପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ସାମ୍ପ୍ରତିକ ପରିସ୍ଥିତି କ'ଣ ? (୧) ଦେଶରେ କରୋନା ମହାମାରୀ ଯୋଗୁ ଜନତା ଦିଗହରା; (୨) ଏକ ଉଦ୍ଦେଶ୍ୟ ମୂଳକ ଉଗ୍ର ଜାତୀୟତାବାଦ ସାରା ଦେଶରେ ସୃଷ୍ଟି କରାଯାଇଛି; (୩) ଶାସକ ଦଳର ସଂସଦରେ ଅତିମାତ୍ରାରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା; (୪) ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ସହ ବିରୋଧୀ ଶକ୍ତି ଦୁର୍ବଳ ଓ ବିଭେଦଗ୍ରସ୍ତ। ଏଣୁ ଶାସକ ଦଳ ଏହି ସମୟକୁ ଏହାର ଲକ୍ଷ୍ୟ ପୂରଣ ପାଇଁ ଠିକ୍ ବୋଲି ମନେକରି ଦେଶରେ ବ୍ୟାପକ ଭାବେ ଘରୋଇକରଣ କରିଚାଲିଛି।

ରେଳ ମନ୍ତ୍ରଣାଳୟର ବକ୍ତବ୍ୟ ହେଉଛି, ସାଧାରଣ ଯାତ୍ରୀମାନଙ୍କୁ ଉତ୍ତମ ସେବା ଦେବା ପାଇଁ ରେଳବାଇର ପୁଞ୍ଜି ନାହିଁ। ଏଣୁ ପୁଞ୍ଜି ସଂଗ୍ରହ ପାଇଁ ଏହି ସିଦ୍ଧାନ୍ତ। ଏହାଦ୍ୱାରା ରେଳବାଇକୁ ୩୦,୦୦୦ କୋଟି ଟଙ୍କାର ପୁଞ୍ଜି ମିଳିବ ଓ ସେହିପରି ସାଧାରଣ ଯାତ୍ରୀ ଉନ୍ନତ ସେବା ପାଇବେ, ଟ୍ରେନର ଗତି ବୃଦ୍ଧି ହେବ ଓ ରେଳବାଇର ସାମଗ୍ରିକ ଉନ୍ନତି ହେବ। ରେଳ ମନ୍ତ୍ରଣାଳୟ କହୁଛି ଯେ, ସମ୍ପୃକ୍ତ ଘରୋଇ ସଂସ୍ଥାମାନେ ଉନ୍ନତ ମାନର କୋଚ ନିର୍ମାଣ କରିବେ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ସେମାନେ ହିଁ କରିବେ। ରେଳ ପ୍ରଶାସନ ଏହିସବୁ ଘରୋଇ ସଂସ୍ଥାକୁ ରେଳବାଇର ବର୍ତ୍ତମାନର ଭିତ୍ତିଭୂମିକୁ ବ୍ୟବହାର କରିବାକୁ ଦେବ ଏବଂ ରେଳବାଇର ଗାର୍ଡ ଓ ଡ୍ରାଇଭରମାନେ ଏହି ଟ୍ରେନଗୁଡ଼ିକରେ କାମ କରିବେ।

ରେଳ ମନ୍ତ୍ରଣାଳୟର ବକ୍ତବ୍ୟ ଗ୍ରହଣୀୟ ନୁହେଁ। ପ୍ରଥମ ଦଫା ୩୦,୦୦୦ କୋଟି ଟଙ୍କାର ଭିତ୍ତି କ'ଣ ? ବିପୁଳ ପରିମାଣର ଅର୍ଥ ବିନିମୟରେ ଘରୋଇ ସଂସ୍ଥା ନୂଆ କୋଚ୍ ନିର୍ମାଣ କରିବେ। ଏହି ସଂସ୍ଥାଗୁଡ଼ିକୁ ଏବେ ରେଳ ଲାଇନ ବସାଇବାକୁ ପଡ଼ିବ ନାହିଁ। ବର୍ତ୍ତମାନର ରେଳ ଲାଇନରେ ସେମାନଙ୍କ ଟ୍ରେନ ଚଳାଇବେ। କିନ୍ତୁ ରକ୍ଷଣାବେକ୍ଷଣ କାର୍ଯ୍ୟ ତ କରିବାକୁ ହେବ। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଭାରତୀୟ ରେଳର ସିଂହଭାଗ କାର୍ଯ୍ୟ ଠିକ୍ ଭାବେ ରକ୍ଷଣାବେକ୍ଷଣ (କୋଚ୍, ବଗି, ୱାଗନ, ରେଳଲାଇନ, ସିଗ୍‌ନାଲ, ବିଦ୍ୟୁତ୍ ସରବରାହ ଓ ଅନ୍ୟାନ୍ୟ ବହୁ ଆନୁଷଙ୍ଗିକ କାର୍ଯ୍ୟ) ସମ୍ପନ୍ନ ନ ହେଲେ ଦୁର୍ଘଟଣା ଘଟିବ। ଭାରତୀୟ ରେଳର ୧୩ଲକ୍ଷ କର୍ମଚାରୀଙ୍କ ମଧ୍ୟରୁ ୮/୯ ଲକ୍ଷ ବିଭିନ୍ନ ବିଭାଗର ରକ୍ଷଣାବେକ୍ଷଣ କାର୍ଯ୍ୟ ସହ ସମ୍ପୃକ୍ତ। ରେଳବାଇ କର୍ମଚାରୀଙ୍କ ବେତନର ସାମାନ୍ୟ ଅଂଶ ଦେବ। ଏହି ନୂଆ କର୍ମଚାରୀ ସମସ୍ତେ ଠିକା ଶ୍ରମିକ ହେବେ। ଏମାନେ ରେଳରେ ଗୁରୁତ୍ୱପୂର୍ଣ୍ଣ ରକ୍ଷଣାବେକ୍ଷଣ କାର୍ଯ୍ୟକୁ କେତେ ପରିମାଣରେ ଠିକ୍ ଭାବେ କରିପାରିବେ, ତାହା ହିଁ ବିରାଟ ପ୍ରଶ୍ନ। ବିପଦ ଏବଂ ଦୁର୍ଘଟଣାର ସମ୍ଭାବନା ବଢ଼ିବ। ଏହା ମଧ୍ୟ ସିଦ୍ଧାନ୍ତ ହୋଇଛି ଯେ, ବେସରକାରୀ ସଂସ୍ଥା ରେଳବାଇରେ ସେବା ଦେବା କ୍ଷେତ୍ରରେ କୌଣସି ପ୍ରକାରର ସାମାଜିକ ଦାୟିତ୍ୱ (ବରିଷ୍ଠ ନାଗରିକ, ମହିଳା, କ୍ୟାନ୍‌ସର ରୋଗୀ, ଦିବ୍ୟାଙ୍ଗ, ବର୍ତ୍ତମାନ ଓ ପ୍ରାକ୍ତନ ସାଂସଦ, ବିଧାୟକ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଶିକ୍ଷା ପରିଭ୍ରମଣ, କ୍ରୀଡ଼ାବିତ୍‌ଙ୍କ ପ୍ରତିଯୋଗିତା ପାଇଁ ଗମନାଗମନ ଇତ୍ୟାଦି କ୍ଷେତ୍ରରେ ଭଡ଼ାରେ ରିହାତି ) ପାଳନ କରିବେ ନାହିଁ। ଯାତ୍ରୀଙ୍କ ଯାତାୟାତ ଭଡ଼ା ସେମାନେ ନିର୍ଦ୍ଧାରଣ କରିବେ। ଫଳରେ ଟ୍ରେନ ଭଡ଼ା ଅବଶ୍ୟ ମାତ୍ରାଧିକ ବୃଦ୍ଧି ପାଇବ। କାରଣ ସମ୍ପୃକ୍ତ ସଂସ୍ଥାକୁ ୩୦ ହଜାର କୋଟି ସହ ଲାଭ ଅସୁଲ କରିବାକୁ ପଡ଼ିବ। ଭାରତୀୟ ରେଳର ଘରୋଇକରଣ କେବଳ ୧୫୦ଟି ଟ୍ରେନ ମଧ୍ୟରେ ସୀମାବଦ୍ଧ ରହିବ ନାହିଁ। ଏହାପରେ ଆହୁରି ମେଲ୍, ଏକ୍ସପ୍ରେସ୍ ଟ୍ରେନ, ସହରତଳି (ଲୋକାଲ) ଟ୍ରେନ ୱାର୍କଶପ୍ ଏବଂ ପ୍ରଡକ୍ସନ ୟୁନିଟ୍‌କୁ ଘରୋଇକରଣର ପରିସରକୁ ଅଣାଯିବାର ଆଶଙ୍କା ରହିଛି। ଏବେ ରେଳବାଇରେ ଯେଉଁ ୧୩ଲକ୍ଷ ନିୟମିତ କର୍ମଚାରୀ ନିଯୁକ୍ତ ଅଛନ୍ତି ସେମାନଙ୍କ ମଧ୍ୟରେ ଯେଉଁମାନଙ୍କ ବୟସ ୫୦ ବା ଚାକିରିକାଳ ୩୦ ବର୍ଷ ପୂର୍ଣ୍ଣ ହୋଇଥିବ ସେମାନଙ୍କୁ ବାଧ୍ୟତାମୂଳକ ଅବସର ଦିଆଯିବ। ଯାହା ବିଏସ୍‌ଏନ୍‌ଏଲ୍‌ରେ କରାଯାଇଛି, ଏବେ ତୈଳ କମ୍ପାନୀ ବିପିସିଏଲ୍‌ରେ ଅନୁରୂପ ନିର୍ଦ୍ଦେଶ ଦିଆଯାଇଛି। ଆଉ ନିୟମିତ ସ୍ଥାୟୀ କର୍ମଚାରୀଙ୍କୁ ଅବସର ଦେଇ ସେହି ସ୍ଥାନରେ କମ୍ ମଜୁରିରେ ଠିକା ଅସ୍ଥାୟୀ କର୍ମଚାରୀ ନିଯୁକ୍ତ ହେବେ। ରେଳବାଇରେ ନିଯୁକ୍ତି ସଂଖ୍ୟା ହ୍ରାସ ପାଇବ।

ଭାରତୀୟ ରେଳ ଦେଶର ଏକାତ୍ମତା ଓ ଐକ୍ୟର ପ୍ରତୀକ। ଏହା ଜୀବନ ରେଖା ବୋଲି କୁହାଯାଏ। ଦେଶ ସ୍ୱାଧୀନ ହେବା ପୂର୍ବରୁ ଏହା ବିଭିନ୍ନ କମ୍ପାନୀଗୁଡ଼ିକର ନିୟନ୍ତ୍ରଣାଧୀନ ଥିଲା। ସ୍ୱାଧୀନତା ପରେ ସମସ୍ତ ରେଳବାଇକୁ କେନ୍ଦ୍ର ସରକାରଙ୍କ ଅଧୀନକୁ ଅଣାଗଲା। ଏଥର ଯଦି ସମଗ୍ର ଭାରତୀୟ ରେଳକୁ ଘରୋଇ ସଂସ୍ଥା ହାତରେ ସମର୍ପି ଦିଆଯାଏ, ତେବେ ଏଥିରେ ସାମଗ୍ରିକ ଭାବେ ବିଶୃଙ୍ଖଳା ସୃଷ୍ଟି ହୋଇପାରେ।

ଏହା ସତ୍ୟ ସଂପ୍ରତି ଭାରତୀୟ ରେଳର ଆୟ ହ୍ରାସ ପାଇଛି। ରେଳ ପ୍ରଶାସନରେ ଏକ ପରିଭାଷା ପ୍ରଚଳିତ ତାହା ହେଉଛି ଅପରେଟିଙ୍ଗ ରେସିଓ ଅର୍ଥାତ୍ ବାର୍ଷିକ ଆୟବ୍ୟୟର ତୁଳନାତ୍ମକ ଚିତ୍ର। ବିଗତ ଶତକର ୭୦/୮୦ ଦଶକରେ ଏହି ଅନୁପାତ ଥିଲା ପ୍ରାୟ ୭୫:୧୦୦ ଅର୍ଥାତ୍ ୭୫ ଟଙ୍କା ବ୍ୟୟ କରି ଟଙ୍କାର ଆୟ। ବର୍ତ୍ତମାନ ରେଳ ବ୍ୟବସ୍ଥାରେ କ୍ଷତି ହେଉଛି। ଏଣୁ ରେଳବାଇର କୌଣସି ନୂତନ ପ୍ରକଳ୍ପ ହାତକୁ ନିଆଯାଉ ନାହିଁ। ଖାଲି ପଡ଼ିଥିବା ଲକ୍ଷାଧିକ ପଦପଦବୀ ପୂରଣ ହେଉ ନାହିଁ। ଏଥିପାଇଁ ଦାୟୀ ସରକାରୀ ନୀତି ଓ କର୍ମଚାରୀଙ୍କ ଉଦାସୀନତା।

ଭାରତୀୟ ରେଳ ଆୟର ମୂଳ ଉତ୍ସ ହେଉଛି ମାଲ ପରିବହନ। ସ୍ୱାଧୀନୋତ୍ତର ସମୟରୁ ବେଶ୍ କେଇ ବର୍ଷ ଧରି ବାର୍ଷିକ ଆୟର ତୁଳନାତ୍ମକ ଚିତ୍ର ଥିଲା ମାଲ ପରିବହନର ଆୟ ୭୫ପ୍ରତିଶତ ଯାତ୍ରୀ ପରିବହନରୁ ଆୟ ୨୫ପ୍ରତିଶତ। ଯାତ୍ରୀ ପରିବହନରେ ରେଳର କ୍ଷତି ହୁଏ। ଏହି ଚିତ୍ର କେବଳ ଭାରତ ନୁହେଁ, ସାରା ପୃଥିବୀରେ ରେଳ ବ୍ୟବସ୍ଥାରେ। ଭାରତରେ ସଂପ୍ରତି ଯାତ୍ରୀ ପରିବହନରେ ୪୩ ପଇସା କ୍ଷତି ହୁଏ। ସମ୍ପ୍ରତି ପଣ୍ୟ ପରିବହନ ବାବଦରେ ରେଳର ଆୟ ପ୍ରାୟ ୩୦ ପ୍ରତିଶତ କମିଯାଇଛି।

ଭାରତ ସରକାର ରାଜକୋଷରୁ ବିପୁଳ ପରିମାଣର ଅର୍ଥ ନେଇ ଦେଶର ବିଭିନ୍ନ ଅଂଶରେ ବିଶାଳ ଦୀର୍ଘକାୟ ଜାତୀୟ ରାଜପଥ ନିର୍ମାଣ କରିଛନ୍ତି। ଏହା ସମର୍ଥନ ଯୋଗ୍ୟ ଓ ପ୍ରଶଂସନୀୟ। କିନ୍ତୁ ରେଳର ଆୟରେ ଏହା ପ୍ରତିବନ୍ଧକ ସୃଷ୍ଟି କରିଛି। ବଡ଼ ବଡ଼ ଶିଳ୍ପୋଦ୍ୟୋଗୀ ଏବଂ ବ୍ୟବସାୟୀମାନେ ଜାତୀୟ ରାଜପଥକୁ ବ୍ୟବହାର କରି ହଜାର ହଜାର ଟ୍ରକ ମାଧ୍ୟମରେ ବିଭିନ୍ନ ଜିନିଷପତ୍ର ଦେଶବ୍ୟାପି ପଠାଇ ଲାଭ ଉଠାଉଛନ୍ତି, ଯାହା ଅତୀତରେ ରେଳ ପରିବାହିତ କରୁଥିଲା। ସରକାରୀ ଅର୍ଥରେ ସଡ଼କ ନିର୍ମାଣକୁ ଅଗ୍ରାଧିକାର ଦିଆଯାଉଛି। ଆଉ ପ୍ରଦୂଷଣମୁକ୍ତ ଗରିବଙ୍କ ପରିବହନ ରେଳ କ୍ଷେତ୍ରରେ କୁହାଯାଉଛି ରେଳ ଯଦି ୧ମିଟର ନୂଆ ଲାଇନ ବସାଇବାକୁ ଚାହେଁ, ତେବେ ତାକୁ ଆୟ ବଢ଼ାଇ ବାସ୍ତବାୟିତ କରିବାକୁ ହେବ। ରେଳବୋର୍ଡର ୨୦୧୩ରେ ପ୍ରକାଶିତ "ଇଣ୍ଡିଆନ ରେଳ"ର ଏକ ସଂଖ୍ୟାରେ ପ୍ରକାଶ ପାଇଥିଲା ଯେ,୧୯୫୦-୫୧ରୁ ୨୦୦୭-୦୮ ପର୍ଯ୍ୟନ୍ତ ଭାରତୀୟ ରେଳର ଲାଇନ ୫୩,୦୦୦ କି.ମି.ରୁ ୬୩,୦୦୦ କି.ମି. ବୃଦ୍ଧି ପାଇଥିବାବେଳେ ସେହି ସମୟରେ ଜାତୀୟ ରାଜପଥ ୧୯,୮୦୦ କି.ମି.ରୁ ବୃଦ୍ଧି ପାଇଛି ୨,୨୧,୩୦୦ କି.ମି.କୁ।

ଭାରତୀୟ ରେଳବାଇ ଏହାର କ୍ରମଶଃ ନିମ୍ନଗାମୀ ଆୟରୁ ପ୍ରତିବର୍ଷ ବିପୁଳ ପରିମାଣର ଅର୍ଥ ବ୍ୟୟ କରିବାକୁ ପଡ଼େ ବିଭିନ୍ନ ବାବଦରେ। ଯେପରି କିଛି ସର୍ବନିମ୍ନ ପ୍ରକଳ୍ପ ନିର୍ମାଣ, କର୍ମଚାରୀଙ୍କ ବେତନ, ଭତ୍ତା ଓ ପେନ୍‌ସନ ପ୍ରଦାନ କରିବା ଛଡ଼ା ସାମାଜିକ ଦାୟିତ୍ୱ ପାଳନ, କେନ୍ଦ୍ର ସରକାରଙ୍କୁ ଲାଭାଂଶ ଦେବା, ଭାରତୀୟ ରେଳବାଇ ଅର୍ଥ ନିଗମ (ଆଇଆରଏଫସି)ର ଋଣ ଟଙ୍କାର ପରିଶୋଧ କରିବା ଇତ୍ୟାଦି। ୨୦୦୮-୦୯ରୁ ୨୦୧୨-୧୩ ପର୍ଯ୍ୟନ୍ତ ରେଳବାଇକୁ ଏହାର ଆୟ ୧,୪୬,୨୮.୨୩ କୋଟି ଟଙ୍କାରୁ ଏହି ୫ ବର୍ଷରେ ସାମାଜିକ ଦାୟିତ୍ୱ ବାବଦକୁ ୭୯,୮୨୧ କୋଟି ଟଙ୍କା ଲାଭାଂଶ ବା ଡିଭିଡେଣ୍ଡ ପ୍ରଦାନ ୨୬,୨୦୯.୨୩ କୋଟି ଟଙ୍କା ଓ ଆଇଆରଏଫସିକୁ ୪୦ ହଜାର କୋଟି ଟଙ୍କା ପରିଶୋଧ କରିଛି। ଏହି ବ୍ୟୟର ବୋଝ ଏବେ ମଧ୍ୟ ପ୍ରତିବର୍ଷ ବହନ କରିବାକୁ ପଡୁଛି। ରେଳବାଇକୁ ଯଦି ସାମାଜିକ ଦାୟିତ୍ୱ ପାଳନ, ଲାଭାଂଶ ପ୍ରଦାନ ଓ ଆଇଆରଏଫସିକୁ ଋଣ ପରିଶୋଧରୁ ଅବ୍ୟାହତି ଦିଆଯାଆନ୍ତା, ତେବେ ରେଳବାଇର ଆର୍ଥିକ ଅବସ୍ଥା ଅନେକ ପରିମାଣରେ ସୁଧୁରିଯାଆନ୍ତା। ଏସବୁ ପ୍ରତି କେନ୍ଦ୍ର ସରକାର ଦୃଷ୍ଟି ଦେଲେ ଭାରତୀୟ ରେଳ କ୍ଷତିର ସମ୍ମୁଖୀନ ହେବ ନାହିଁ।

ଉତ୍କଳମଣି ମାର୍ଗ, ଅପର୍ଣ୍ଣାନଗର,
ଚାଉଳିଆଗଞ୍ଜ, କଟକ
ମୋ: ୯୪୩୭୩୮୪୮୬୭

# ଫେରିବ କି ସ୍ୱପ୍ନଶିଳ୍ପର ସୁଦିନ



ହରିହର ତ୍ରିପାଠୀ

ମହାମାରୀ କରୋନା ମଣିଷ ଜୀବନର ସବୁକ୍ଷେତ୍ରକୁ ପ୍ରଭାବିତ କରିଥିବା ବେଳେ ଯେଉଁ କେତୋଟି କ୍ଷେତ୍ରକୁ ସମ୍ପୂର୍ଣ୍ଣ ଅଚଳ କରିଦେଇଛି ସେମାନଙ୍କ ଭିତରୁ ସିନେମା ଶିଳ୍ପ ଅନ୍ୟତମ। ଗତ ଚାରିମାସ ଧରି ସାରା ଦେଶରେ ସିନେମା ହଲ ବନ୍ଦ ରହିଛି । ତେବେ ଏହା ଭିତରେ ଖବର ଆସୁଛି ସିନେମା ହଲ ଖୋଲିବ। ସିନେମାକୁ ଭାରତରେ କୁହାଯାଏ ସ୍ୱପ୍ନର କାରିଗରୀ। ସ୍ୱପ୍ନର ସୌଦାଗରମାନେ ଅନୁପମ ଦୃଶ୍ୟାୟନ ଜରିଆରେ ଜନସାଧାରଣଙ୍କୁ ନେଇଯାନ୍ତି ଅଦ୍ଭୁତ ସ୍ୱପ୍ନଲୋକକୁ । ନଗରଠାରୁ ମଫସଲ ଯାଏ ଏଠି ଚଳଚ୍ଚିତ୍ର ସବୁରି ପ୍ରିୟ। ସେଥିପାଇଁ ଭାରତର ବିଶାଳ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ହିନ୍ଦୀ, ଇଂଲିଶ ସମେତ ବିଭିନ୍ନ ଆଞ୍ଚଳିକ ଭାଷାରେ ବହୁସଂଖ୍ୟକ ଚଳଚ୍ଚିତ୍ର ପ୍ରସ୍ତୁତ ହୁଏ। ସମଗ୍ର ବିଶ୍ୱ ପରିପ୍ରେକ୍ଷୀରେ ସର୍ବାଧିକ ସିନେମା ତିଆରି ହୁଏ ଆମ ଦେଶରେ। ପ୍ରଯୋଜକମାନେ ଅର୍ଜନ କରନ୍ତି ବିପୁଳ ଲାଭ, କିନ୍ତୁ ତା' ସହିତ ଲେଖକ, ନିର୍ଦ୍ଦେଶକ, କ୍ୟାମେରାମ୍ୟାନ, ଅଭିନେତା-ଅଭିନେତ୍ରୀଙ୍କଠାରୁ ଆରମ୍ଭକରି ବିଭିନ୍ନ ଶ୍ରେଣୀର ବୈଷୟିକ କାରିଗର, ସ୍ପଟବୟ ପ୍ରମୁଖ ସ୍ଥାୟୀ ତଥା ସାମୟିକ ନିଯୁକ୍ତି ପାଇଥାନ୍ତି। ଅନୁରୂପ ଭାବେ ଜନଗହଳି ପାଇଁ ସ୍ଥାନୀୟ ଜନତା ଅଥବା ଶିଳ୍ପ ଶ୍ରମିକଙ୍କର ବି ଦରକାର ପଡ଼େ। ସମସ୍ତେ ଏହି ଶିଳ୍ପୋଦ୍ୟୋଗରୁ ରୋଜଗାର କରନ୍ତି। ପ୍ରସ୍ତୁତି ପରେ ଏହାର ବ୍ୟବସାୟରେ ମଧ୍ୟ ଅନେକଙ୍କ ଉପାର୍ଜନର ସୁଯୋଗ ଥାଏ। କ୍ୟାମେରାରେ ଉତ୍ତୋଳିତ ଚଳଚ୍ଚିତ୍ରର ମାଧ୍ୟମ ବଡ଼ ପରଦା କିମ୍ବା ଛୋଟପରଦା ଯାହା ହେଉନା କାହିଁକି ସବୁ ବ୍ୟବସ୍ଥା ମାନ୍ଦାରେ ଚାଲିଛି । ହିସାବରୁ ଜଣାଯାଇଛି, ଗତ ୪ ମାସର ଭୂତାଣୁଜନିତ ପ୍ରଭାବ ଯୋଗୁ ଏହି ସ୍ୱପ୍ନଶିଳ୍ପରେ ବ୍ୟବସାୟ ଅଧାକୁ ନିମ୍ନକୁ ଖସିଆସିଥିବା କୁହାଯାଉଛି। ଏହାର ସୁଯୋଗ ନେଇ ଅନେକ ପ୍ରଯୋଜନା ସଂସ୍ଥା ବିଭିନ୍ନ ବିଭାଗରେ ତଳସ୍ତରରେ କାମକରୁଥିବା କର୍ମଚାରୀଙ୍କ ଦରମା ଦେଇନାହାନ୍ତି। ଫଳରେ ସ୍ୱଳ୍ପ ରୋଜଗାରୀଙ୍କ ସଂସାର ଚଳାଇବା କଷ୍ଟକର ହୋଇପଡ଼ିଛି। ଏହି ପୃଷ୍ଠଭୂମିରେ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ଅଭିନେତ୍ରୀମାନେ ଏହି ଶିଳ୍ପସହ ସଂଶ୍ଳିଷ୍ଟ ସମସ୍ତ ଦିନମଜୁରିଆ ଓ ସାମୟିକ ଶ୍ରମିକମାନଙ୍କୁ ବାକିଆ ଦେୟ ଦେଇଦେବାକୁ ନିବେଦନ କରିଛନ୍ତି। କାରଣ ଏହି ମନୋରଞ୍ଜନ ଶିଳ୍ପରେ ସମ୍ପୃକ୍ତ ଉପର ସ୍ତରର ବିଶିଷ୍ଟ ଓ ତଳସ୍ତରର କର୍ମୀମାନଙ୍କ ମଧ୍ୟରେ ଖୁବ୍ ବଡ଼ଧରଣର ପାର୍ଥକ୍ୟ ରହିଛି। ଏହା ହିଁ ନିମ୍ନ ଭାଗରେ କାର୍ଯ୍ୟରତ ଲୋକଙ୍କ ଦୁର୍ଦ୍ଦଶା ବଢ଼ାଇଦେଇଛି ।

ଅନ୍ୟପକ୍ଷରେ ଫିଲ୍ମଶିଳ୍ପ ମଧ୍ୟ ନୂଆନୂଆ ସମସ୍ୟାର ସମ୍ମୁଖୀନ ହେବାରେ ଲାଗିଛି। ସିନେମା ଓ ଟିଭି ସିରିଜ୍‌ର ନିର୍ମାଣଭୂମି ମୁମ୍ବାଇରେ ବର୍ତ୍ତମାନ କୋଭିଡ-୧୯ ସ୍ଥିତି ଅଣାୟତ୍ତ ହୋଇଥିବାରୁ ପ୍ରଯୋଜକ-ନିର୍ଦ୍ଦେଶକମାନେ ଏଠାରେ ଶୁଟିଂକାର୍ଯ୍ୟ ନ କରି ଦେଶର ଅନ୍ୟ କମ୍ ସଂକ୍ରମିତ ରାଜ୍ୟର ଗ୍ରୀନ୍ ଜୋନ୍‌ରେ ଉପଯୁକ୍ତ ସ୍ଥାନ ସନ୍ଧାନରେ ଅଛନ୍ତି । ତେଣୁ ସେମାନେ ମୁମ୍ବାଇରୁ ଅନେକ ଲାଗୁଆ ବୈଷୟିକ ଡିଜାଇନର ତଥା କର୍ମୀଙ୍କୁ ସାଥିରେ ନ ନେଇ ସ୍ଥାନୀୟ ଅଞ୍ଚଳରୁ ଯୋଗାଡ଼ କରୁଛନ୍ତି । ଏତଦ୍‌ବ୍ୟତୀତ ଫିଲ୍ମ-କ୍ରିୟୁ ସଂଖ୍ୟାରେ ଏବଂ ସେମାନଙ୍କ ବୟସକୁ ବିଚାରକୁ ନେବାକୁ ପଡୁଛି । ଅର୍ଥାତ୍ ଅଧିକ ସଂଖ୍ୟା ଓ ବୟସ ଉପରେ ପ୍ରତିବନ୍ଧକ ଲଗାଇବା ବ୍ୟତୀତ ପରିଚାଳକଙ୍କ ନିକଟରେ ଅନ୍ୟପନ୍ଥା ନାହିଁ । ପରିଣାମରେ ମୁମ୍ବାଇରେ ରହୁଥିବା ଅନେକ ସୁଦକ୍ଷ ଲୋକ ଯେ ଏବେ ବେକାର ହୋଇଯାଇଛନ୍ତି ତାହା କହିବା ଅନାବଶ୍ୟକ।

କୋଭିଡ୍ ପରବର୍ତ୍ତୀ ସମୟରେ ହେବାକୁ ଥିବା ସିନେମାର ରୂପରେଖ ନେଇ ମଧ୍ୟ ନାନା ଆଲୋଚନା ଚାଲୁ ରହିଛି । ସାମାଜିକ ଦୂରତା ଆଗାମୀ ଦିନରେ ଏକ ଜରୁରୀ ଆବଶ୍ୟକତା ହେବାକୁ ଯାଉଥିବାରୁ ଚଳଚ୍ଚିତ୍ରର ଦୃଶ୍ୟାୟନରେ ଏଣିକି କୌଣସି ଚୁମ୍ବନ ଓ ଆଲିଙ୍ଗନ ପରି ଅନ୍ତରଙ୍ଗ ମୁହୂର୍ତ୍ତ ରହିପାରିବ ନାହିଁ, ଯାହା ଦର୍ଶକମାନଙ୍କୁ ଆକର୍ଷିତ କରିବାରେ ବାଧକ ହେବ । ସ୍ୱାଭାବିକ ଭାବେ ନିବେଶରୁ ଲାଭ ମିଳିବା ମଧ୍ୟ କଷ୍ଟକର ହେବ ଏବଂ ଏହି ଶିଳ୍ପର ଅଭିବୃଦ୍ଧି ବ୍ୟାହତ ହେବ ଆଗାମୀ ଦିନରେ ଆଉ ଏକ ବାଟରେ ବି ସାଧାରଣ ପ୍ରେକ୍ଷାଳୟ ଓ ମଲ୍ଟିପ୍ଲେକ୍ସରେ ପ୍ରଦର୍ଶିତ ହେବାଲାଗି ନିର୍ମିତ ସିନେମା ଉପରେ ପଡ଼ିବ ।

ଏକ୍ଷେତ୍ରରେ ଆଉ ଏକ ଅଜଣାକଥା ହେଉଛି, ଏହି ଶିଳ୍ପରେ ସମ୍ପୃକ୍ତ ଥିଲେ ଦେଶର ବିଭିନ୍ନ ଅଞ୍ଚଳରୁ ଆସି ମୁମ୍ବାଇରେ ରହୁଥିବା ବହୁ ସଂଖ୍ୟକ ପ୍ରବାସୀ ଶ୍ରମିକ ବିଭିନ୍ନ ଫିଲ୍ମ ଓ ଟିଭି ପ୍ରୋଜେକ୍ଟର । ସେଟ୍‌ରେ ଏମାନେ କୁଶଳୀ ଓ ଅଣ-କୁଶଳୀ ଶ୍ରମିକ ରୂପେ ପ୍ରାୟ ୭୦-୮୦ ଦିନ ଲେଖାଏ କାମ ପାଉଥିଲେ। ଏମାନଙ୍କ ଭିତରୁ କେହି ସ୍ପଟ୍ ବୟ, ଲାଇଟ୍ ମେନ୍, ମେକ୍-ଅପ୍ ଆର୍ଟିଷ୍ଟ, ପେଣ୍ଟର, କାର୍ପେଣ୍ଟର, ଆର୍ଟ ଡିପାର୍ଟମେଣ୍ଟ କର୍ମଚାରୀ ହିସାବରେ ନିଯୁକ୍ତି ପାଇ ମାସକୁ ୨୦-୩୦ହଜାର ରୋଜଗାର କରିପାରୁଥିଲେ। ଅନେକ ରକମର ମୂଲ୍ୟବାନ ଉପକରଣ ବ୍ୟବହାର କ୍ଷେତ୍ରରେ ଏହି କର୍ମଚାରୀମାନେ ବର୍ଷ ବର୍ଷ ଧରି ତାଲିମ ନେଇ, କାର୍ଯ୍ୟକରି କୁଶଳୀ ହୋଇପାରିଥିଲେ। କିନ୍ତୁ ଏବେ ପ୍ରବାସୀମାନେ ଫେରିଯାଇଥିବାରୁ ସିନେମା ଶିଳ୍ପକୁ ଜୋରଦାର୍ ଝଟକା ଲାଗିଛି।

ଏଭଳି ସ୍ଥିତିରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅନଲକ୍ -୩ ରେ ସିନେମା ହଲ ଖୋଲିବାକୁ ଗୃହ ମନ୍ତ୍ରଣାଳୟକୁ ଯେଉଁ ସୁପାରିସ କରିଛି, ତାହାର ଫଳାଫଳ କ'ଣ ହେବ ସେକଥା ଏବେ ବି କହିବା ସମ୍ଭବ ହୋଇପାରୁନାହିଁ। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ଅମିତ ଖାରେଙ୍କ କହିବା ଅନୁଯାୟୀ, ଅଗଷ୍ଟ ୧ କିମ୍ବା ଅଗଷ୍ଟ ୩୧ରେ ସିନେମା ହଲ ଖୋଲିବାକୁ ପ୍ରସ୍ତାବ ଦିଆଯାଇଛି। ତେବେ ଯଦି ସିନେମା ଖୋଲାଯାଏ,ତେବେ ଦୁଇ ମିଟର ସାମାଜିକ ଦୂରତାର ନିୟମ ପାଳନ କରାଯିବ। ଲୋକମାନେ ପ୍ରଥମ ଲାଇନ୍‌ରେ ଗୋଟିଏ ସିଟ୍ ଛାଡି ପ୍ରେକ୍ଷାଳୟରେ ବସିବେ ଏବଂ ଦ୍ୱିତୀୟ ଲାଇନ ଖାଲି ରହିବ। ଏଥିସହ ଥିଏଟର ବାହାରେ ସାମାଜିକ ଦୂରତା ଅନୁସରଣ କରିବା ବାଧ୍ୟତାମୂଳକ ହେବ। ଅନ୍ୟପକ୍ଷରେ ସିନେମା ହଲ ମାଲିକମାନଙ୍କୁ କେବଳ ୨୫ ପ୍ରତିଶତ ସିଟ୍ ପୂରଣ କରିବାକୁ ଅନୁମତି ଦିଆଯିବ। ଏହା ସହିତ ସେଠାରେ ପରିଷ୍କାର ପରିଚ୍ଛନ୍ନତାର ସମ୍ପୂର୍ଣ୍ଣ ଯତ୍ନ ନେବାକୁ ପଡିବ। ତେବେ ହଲ ମାଲିକମାନେ ଏହି ନିୟମକୁ ବିରୋଧ କରିବା ଆରମ୍ଭ କରିଛନ୍ତି। ତାଙ୍କ କହିବାନୁସାରେ, ୨୫ ପ୍ରତିଶତ କ୍ଷମତାବିଶିଷ୍ଟ ପ୍ରେକ୍ଷାଳୟ ଖୋଲିବା ଅପେକ୍ଷା ନ ଖୋଲିବା ଭଲ। ଏଭଳି ସ୍ଥିତିରେ ବାସ୍ତବରେ ପରଦାରେ କୃତ୍ରିମ ଜୀବନ ଫେରିପାରିବ କି ନାହିଁ ତାହା ଏବେ ବି ସନ୍ଦେହରେ।

ବଡବେତରା, କେନ୍ଦ୍ରାପଡ଼ା,
ମୋ:୯୪୩୯୯୦୩୨୨୦

## ଏଇ ଭାରତରେ

ଗଛ ମ୍ୟୁଜିୟମ କଥା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। କେରଳର ଭି.ମହମ୍ମଦ କୋୟା ସୃଷ୍ଟି କରିଛନ୍ତି ଏଭଳି ଗଛ ମ୍ୟୁଜିୟମ। ଏହା ବି ଭି.କେ.ଏମ୍ ବଟାନିକାଲ ଗାର୍ଡେନ'ନାମରେ ଜଣାଶୁଣା। ଏଥିରେ ରହିଛ ୨୫୦ ପ୍ରକାରରୁ ଊର୍ଦ୍ଧ୍ୱ ଗଛ । ଆଶ୍ଚର୍ଯ୍ୟର ବିଷୟ , ମହମ୍ମଦ ବିଭିନ୍ନ ଉପନ୍ୟାସ ଓ କବିତାରେ ଉଲ୍ଲିଖିତ ଗଛର ନାମ ଜାଣି ତାହାକୁ ସଂଗ୍ରହ କରି ଲଗାଇଛନ୍ତି। ଏଣୁ ପ୍ରତ୍ୟେକ ଗଛ ପଛରେ ଏକ କାହାଣୀ ରହିଛି। ତାଙ୍କ ସାଙ୍ଗମାନଙ୍କ ବ୍ୟତୀତ ନର୍ସରି ଓ ଏମ୍‌ଏସ୍ ସ୍ୱାମୀନାଥନ ଗବେଷଣା ସଂସ୍ଥାରୁ ମଞ୍ଜି ଏବଂ ଚାରା ସଂଗ୍ରହ କରି ଲଗାଇଛନ୍ତି। କୋଝିକୋଡେ ଜିଲା କୋଡୁଭ୍ୟାଲି ପଞ୍ଚାୟତର ଆରାମ୍ବାରେ ଏହି ମ୍ୟୁଜିୟମ କରିବାକୁ ତାଙ୍କୁ ୨୦ ବର୍ଷ ଲାଗିଯାଇଛି। ୩ ଏକର ଜମିରେ ଏହା ଶୋଭା ପାଉଛି। ଏହା ଭିତରକୁ ପ୍ରବେଶ କରିବା ଲାଗି ସେକ୍ସସ୍ପିୟର ଗେଟ, ଶେର୍‌ଲକ ହଲ୍‌ମସ ଗେଟ୍, ଦି ପାଥର ପାଞ୍ଚେଲି ଗେଟ୍ ଏବଂ ତାଙ୍କ ସ୍ତ୍ରୀଙ୍କ ନାମରେ ଏକ ଲୈଲା ଗେଟ୍ ରଖିଛନ୍ତି। ପର୍ଯ୍ୟଟକମାନେ ମ୍ୟୁଜିୟମ ଭିତରକୁ ଗଲେ ମହମ୍ମଦ ସେମାନଙ୍କୁ ପ୍ରତ୍ୟେକ ଗଛର କାହାଣୀ ବୁଝାଇ ଦିଅନ୍ତି ଓ ଏଥିପାଇଁ କୌଣସି ଦେୟ ବି ନିଅନ୍ତିନି। ମହମ୍ମଦ ସୌଦିରେ ଏକ ଇଲେକ୍ଟ୍ରିକାଲ କମ୍ପାନୀରେ ଚାକିରି କରିଥିଲେ। ସେଠାରୁ ଫେରି ସେ ଗହଣା ବ୍ୟବସାୟ କରି ଯାହା ଆୟ କରିଥିଲେ ସେଥିରେ ୨.୫ ଏକର ଜମି କିଣିଥିଲେ। ପରେ ତାଙ୍କ ମା' ତାଙ୍କୁ ଅଧ ଏକର ଜମି ଦେବା ପରେ ୧୯୯୯ରେ ପ୍ରଥମେ ଗଛ ଲଗାଇବା ଆରମ୍ଭ କରିଥିଲେ। ଜଙ୍ଗଲ ସୃଷ୍ଟି କରିବା ତଥା ଏହାର ଗୁରୁତ୍ୱ ସମ୍ପର୍କରେ ଲୋକମାନଙ୍କ ସଚେତନ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି କହନ୍ତି ୬୦ ବର୍ଷୀୟ ମହମ୍ମଦ।

## ୨୫ ବର୍ଷ ତଳର ଧରିତ୍ରୀ

୫ ଅଗଷ୍ଟ ୧୯୯୫

- ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଫ୍ରାନ୍ସର ପ୍ରସ୍ତାବିତ ଆଣବିକ ପରୀକ୍ଷାକୁ ବନ୍ଦ କରିବା ଦାବିରେ ଜାପାନ ପାର୍ଲାମେଣ୍ଟରେ ଏକ ପ୍ରସ୍ତାବ ଗୃହୀତ ହୋଇଯାଇଛି।
- ବୋସନିଆର ପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଯୋଗୁ ପ୍ରଧାନମନ୍ତ୍ରୀ ହାରିସ୍ ସିଲାହର୍ଜିକ୍ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 9 | | | | | 7 | | C | 2 | 4 | A | | |
| 4 | A | | 7 | | 8 | | 5 | E | | B | | C | | |
| C | | 2 | | B | A | | D | | | 3 | 1 | | | E |
| 5 | | | | 2 | | | | | | | D | | | |
| | 0 | D | | | | | | | E | | | 6 | 9 | 3 |
| B | C | 6 | D | | 9 | | | | | | 7 | | E | |
| | | E | | | 1 | B | | 4 | | D | | | 2 | |
| | 9 | | A | | E | | | D | | 0 | 8 | 1 | | |
| D | | 7 | | 8 | | | 3 | | | 1 | | | | |
| | | | | | 7 | | E | 8 | | | 6 | | | |
| | | | | | | | 8 | 5 | | | | | 0 | |
| 1 | | B | | | | | | 0 | | | | 5 | | 6 |
| | 6 | | E | 0 | | 1 | | 2 | | 4 | 9 | | C | A |
| | | | | | 6 | | | | | | | 3 | | 1 |
| | D | | | | | 9 | | | | | C | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | A | 9 | 8 | 4 | 6 | 5 | B | D | 2 | 7 | C | 3 | E | 1 |
| 4 | 8 | 1 | B | C | A | 2 | 9 | E | 5 | 3 | 6 | D | 7 | 0 |
| 7 | D | E | 5 | 9 | 1 | 6 | 3 | A | 0 | B | 8 | C | 2 | 4 |
| 5 | 2 | 3 | 7 | E | 0 | C | 4 | 1 | A | D | 9 | 8 | B | 6 |
| C | B | 6 | D | 2 | 3 | 7 | 0 | 8 | E | 4 | 1 | 9 | 5 | A |
| A | 5 | D | C | 0 | 8 | 1 | 7 | 6 | 4 | E | 3 | B | 9 | 2 |
| E | 3 | B | 9 | A | D | 4 | 8 | 5 | C | 6 | 2 | 0 | 1 | 7 |
| 2 | 4 | C | E | 1 | 7 | 0 | D | 9 | 8 | A | B | 6 | 3 | 5 |
| 9 | 1 | 7 | 2 | 6 | B | 3 | A | C | D | 5 | 0 | 4 | 8 | E |
| 8 | 6 | 0 | 4 | 3 | 5 | E | 2 | B | 1 | 9 | 7 | A | D | C |
| D | 0 | A | 3 | 5 | 4 | 9 | 1 | 2 | 6 | 8 | E | 7 | C | B |
| 6 | E | 8 | 1 | 7 | 2 | B | C | 3 | 9 | 0 | 4 | 5 | A | D |
| B | 7 | 4 | A | D | C | 8 | E | 0 | 3 | 2 | 5 | 1 | 6 | 9 |
| 3 | C | 2 | 6 | B | 9 | D | 5 | 4 | 7 | 1 | A | E | 0 | 8 |
| 1 | 9 | 5 | 0 | 8 | E | A | 6 | 7 | B | C | D | 2 | 4 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବେଆଇନ ମଦ କାରବାର ବନ୍ଦ ହେଉ

ମହାଶୟ,

କରୋନା ମହାମାରୀ ବିଶ୍ୱକୁ କବଳିତ କରି ରଖିଛି। ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ଶାସକ, ଗବେଷକ, ଡାକ୍ତର ଓ ବୈଜ୍ଞାନିକମାନେ ଅଶେଷ ଚିନ୍ତା ପ୍ରକଟ କରୁଛନ୍ତି। ଏହାକୁ ନିୟନ୍ତ୍ରଣରେ ରଖିବା ପାଇଁ ସାବଧାନତା ଓ ସତର୍କତାପୂର୍ଣ୍ଣ ଉପଦେଶମାନ ବିଶ୍ୱବାସୀଙ୍କୁ ସେମାନେ ସୂଚନା ଦେଉଛନ୍ତି। ସରକାର ମଧ୍ୟ ଅନେକ କଟକଣା ଜାରି କରିଛନ୍ତି। ବିପଦ କାଳରେ ମଦ ନ ପିଇବା ପାଇଁ ଲୋକଙ୍କୁ ସାବଧାନ କରିବା ସହ ମଦ ଦୋକାନମାନ ବନ୍ଦ କରିଦେଇଛନ୍ତି। ହେଲେ ମଦ ଦୋକାନ ବନ୍ଦ ଥିବାବେଳେ ଚୋରାମଦ ଯୋଗାଡ଼ କରି ନିଶାସକ୍ତ ଲୋକେ ପିଉଥିବାର ଦେଖାଯାଉଛି। ସାଧାରଣତଃ ଉପାନ୍ତ ଅଞ୍ଚଳରେ ବେଶି ଲୋକ ମଦ ବ୍ୟବହାର କରିଥାନ୍ତି। ସ୍ଥାନୀୟ ଲୋକେ ନିଜେ ମଦ ପ୍ରସ୍ତୁତ ପୂର୍ବକ ବ୍ୟବହାର କରିବା ସହ ଅନ୍ୟ ଲୋକଙ୍କୁ ବିକ୍ରି କରିଥାନ୍ତି। ବର୍ତ୍ତମାନ ଦେଶୀ ମଦ ରନ୍ଧା କାର୍ଯ୍ୟ ସହରତଳି ଅଞ୍ଚଳରେ ଦେଖିବାକୁ ମିଳୁଛି। କାରଣ ମଦରନ୍ଧା ପାଇଁ ଗୁଡ଼ ନୟାଗଡ଼ ଓ ଢେଙ୍କାନାଳରୁ ମିଳିଯାଉଛି। ଗୁଡ଼ରେ ଆଖର ମିଶି ମଦ ପ୍ରସ୍ତୁତ ହୋଇଥାଏ। ଏହି କାର୍ଯ୍ୟ ଗଛ ଉହାଡ଼, ଘର ପଛ କିମ୍ବା ଜଙ୍ଗଲ ମଧ୍ୟରେ ଅନାୟାସରେ ଚାଲୁଥିବାର ଖବର ମିଳେ। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗେ ଉପାନ୍ତ ଇଲାକାର ନିଶାସକ୍ତ ବ୍ୟକ୍ତି ସକାଳୁ ଆଗ ମଦରନ୍ଧା ପ୍ରତି ଗୁରୁତ୍ୱ ଦେଇଥାନ୍ତି। ଏହିଭଳି ମଦ ବ୍ୟବସାୟ ବଳବତ୍ତର ରହିଲେ ଦିନେ ନା ଦିନେ ମଦମୃତ୍ୟୁ ଘଟଣା ଘଟିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ଅବକାରୀ ବିଭାଗ ଏଥିପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

## ଚିରନ୍ତନୀ

କେନାଲର ଆର ପାଖେ
ତାଳବନ ଫାଁକେ ଫାଁକେ
ଧକେଇ କାଶବନ ହସଇ
ପ୍ରତୀଚୀର କୋଳେ ରବି ଖସଇ।
(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଓହରିପାରେ ପ୍ରାୟୋଜକ ଭିଭୋ

ନୂଆଦିଲ୍ଲୀ, ୪।୮ (ପି.ଟି.)

ସମ୍ପ୍ରତି ଭାରତ-ଚାଇନା ମଧ୍ୟରେ କୂଟନୈତିକ ଉତ୍ତେଜନା ବୃଦ୍ଧି ପାଇଥିବାରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସହିତ ଆପୋସ ବୁଝାମଣା ଜରିଆରେ ଚାଇନିଜ୍ ମୋବାଇଲ୍ କମ୍ପାନୀ ଭିଭୋ ଏହି ବର୍ଷ ପାଇଁ ଇଣ୍ଡିଆନ ପ୍ରିମିୟର ଲିଗ୍ ଟାଇଟଲ ସ୍ପନସରଶିପ୍‌ରୁ ଓହରିଯାଇପାରେ। ଦୁଇ ପଡୋଶୀ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ ଉନ୍ନତି ଆସିବା ପରେ ବିସିସିଆଇ ଏହି କମ୍ପାନୀ ସହ ୨୦୨୧-୨୦୨୩ ପର୍ଯ୍ୟନ୍ତ ସଂଶୋଧିତ ଚୁକ୍ତି କରିପାରେ। ନିଜ ନାମ ଗୋପନ ରଖିବା ସର୍ତ୍ତରେ ଭାରତୀୟ କ୍ରିକେଟ ବୋର୍ଡର ଜଣେ ବରିଷ୍ଠ କର୍ମକର୍ତ୍ତା ଏ ବିଷୟ ପ୍ରକାଶ କରିଛନ୍ତି। ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଓ ସମ୍ପାଦକ ଜୟ ଶାହା ଇତିମଧ୍ୟରେ କମ୍ପାନୀର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଛନ୍ତି। ଭିଭୋ ବର୍ଷକ ପାଇଁ ଟାଇଟଲ ପ୍ରାୟୋଜକ ନ ରହି ପାରେ ବୋଲି ସୂଚନା ଦେଇଛି।




ହେଲେ ଏହା କମ୍ପାନୀର ଚୂଡ଼ାନ୍ତ ନିଷ୍ପତ୍ତି ନୁହେଁ। ଇଷ୍ଟର୍ନ ଲଦାଖରେ ଦୁଇ ଦେଶର ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟି ୨୦ଜଣ ଭାରତୀୟ ଯବାନ ଶହୀଦ ହେବା ପରେ ଚାଇନିଜ କମ୍ପାନୀ ଓ ଉତ୍ପାଦକୁ ବର୍ଜନ ପାଇଁ ଆହ୍ୱାନ ଦିଆଯାଇଛି। ରବିବାର ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍‌ସିଲ ବୈଠକ ବସିଥିଲା। ଏଥିରେ ଭିଭୋ ସମେତ ସମସ୍ତ ପ୍ରାୟୋଜକ ସ୍ପନସରଙ୍କୁ ଚୁକ୍ତି କାଏମ ରଖାଯାଇଥିଲା। ଭିଭୋ ସହିତ ୨୦୨୨ ପର୍ଯ୍ୟନ୍ତ ହୋଇଥିବା ୫ ବର୍ଷିଆ ଚୁକ୍ତି ଅନୁଯାୟୀ ଏହି କମ୍ପାନୀ ବାର୍ଷିକ ହାରାହାରି ୪୪୦

**ଆଇପିଏଲ-୨୦୨୦**

କୋଟି ଟଙ୍କା ଦେଇଥାଏ। ଏହି କମ୍ପାନୀ ବର୍ଷକ ପାଇଁ ଦୂରେଇଯିବା ଯଥେଷ୍ଟ ସମ୍ଭାବନା ଦେଖା ଦେଇଛି। ବୋର୍ଡ ଅଫିସିଆଲ ଜଣକ ଏକଥା ମଧ୍ୟ କହିଛନ୍ତି ଯେ, ଯେତେବେଳେ ଏକ ନିଷ୍ପତ୍ତି ନିଆଯିବ ତାହା ଆପୋସ ବୁଝାମଣା ମାଧ୍ୟମରେ ହେବ ଏବଂ ବିସିସିଆଇ ବ୍ୟାଙ୍କ ଗ୍ୟାରେଣ୍ଟି ଉଠାଇପାରିବ ନାହିଁ। ତେବେ ଭିନ୍ନ ପରିସ୍ଥିତିରେ ଯଥା ସ୍ପନସର କମ୍ପାନୀ ଯଦି ଏହାର ପ୍ରତିଶ୍ରୁତି ଭଙ୍ଗ କରେ ତେବେ ବିସିସିଆଇ ବ୍ୟାଙ୍କ୍ ଗ୍ୟାରେଣ୍ଟି ଉଠାଇପାରିବ। କିନ୍ତୁ ଏଠାରେ ଉଭୟ ପକ୍ଷ ଆପୋସ ବୁଝାମଣାରେ ପଳାୟନ ପନ୍ଥା ଅନୁକରଣ ଲକ୍ଷ୍ୟରେ ଅଛନ୍ତି। କେନ୍ଦ୍ର ସରକାର ଯେତେବେଳେ ୬୦ଟି ଚାଇନିଜ ଆପ୍ ଓ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ବାସନ୍ଦ ଲାଗି ନିଷ୍ପତ୍ତି ନେଲେ ବିସିସିଆଇ ଚାଇନିଜ ସ୍ପନସରକୁ କାଏମ ରଖିଥିବାରୁ ପ୍ରଶ୍ନ ଉଠିଥିଲା। ବିସିସିଆଇ ଇତିମଧ୍ୟରେ କେତୋଟି ଭାରତୀୟ କମ୍ପାନୀ ସହ ଆଲୋଚନା କରିଛି। ସେମାନେ ସ୍ୱଳ୍ପକାଳୀନ ଚୁକ୍ତି ପାଇଁ ଅଗ୍ରହ ପ୍ରକାଶ କରିଛନ୍ତି। ସମ୍ଭବତଃ ଏକ ବର୍ଷ ପାଇଁ। ଟୁର୍ନାମେଣ୍ଟ ଏଥର ବିଦେଶରେ ଆୟୋଜିତ ହେଉଛି। ସ୍ୱଳ୍ପ ସମୟ ମଧ୍ୟରେ ୪୪୦ କୋଟି ଟଙ୍କା ଭରଣା କରିବା ସହଜ ହେବ ନାହିଁ। ଆହୁରିମଧ୍ୟ ଦର୍ଶକ ବିହୀନ ଷ୍ଟାଡିୟମର ଆକର୍ଷଣ ରହିବ ନାହିଁ। କିନ୍ତୁ ଭିଭୋ ବିଧିବଦ୍ଧ ଭାବେ ଓହରିଯିବା ଲାଗି ନିଷ୍ପତ୍ତି ନେବା ପରେ ଯାହା ବିଚାର କରାଯିବ ବୋଲି ବୋର୍ଡ ଅଫିସିଆଲ ଜଣକ କହିଛନ୍ତି।

# କାସିଲାସ୍‌ଙ୍କ ଅବସର

ମାଡ୍ରିଡ୍, ୪।୮ (ଏପି)

ରିୟଲ ମାଡ୍ରିଡ୍ ଓ ସ୍ପାନିଶ ଫୁଟ୍‌ବଲ ଇତିହାସର ଶ୍ରେଷ୍ଠ ଗୋଲକିପର ବୋଲି କୁହାଯାଉଥିବା ଇକର କାସିଲାସ୍ ମଙ୍ଗଳବାର ବିଧିବଦ୍ଧ ଫୁଟ୍‌ବଲରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ସେ ତାଙ୍କର ଶେଷ ମ୍ୟାଚ ବର୍ଷକ ପୂର୍ବେ ଖେଳିଥିଲେ। ୩୯ବର୍ଷୀୟ କାସିଲାସ ପର୍ତ୍ତୁଗିଜ୍ କ୍ଲବ୍ ପୋର୍ତ୍ତୋ ତରଫରୁ ଖେଳୁଥିଲେ। ହୃଦ୍‌ଘାତ ଯୋଗୁ ଗତ ମେ ମାସ ପରଠାରୁ ସେ କୌଣସି ପ୍ରତିଯୋଗିତାରେ ଖେଳିନାହାନ୍ତି। କାସିଲାସ୍ ୯ବର୍ଷ ବୟସରେ ରିୟଲ ମାଡ୍ରିଡ୍ କ୍ଲବରେ ଯୋଗ ଦେଇଥିଲେ। କ୍ଲବ ତରଫରୁ ୧୬ରୁ ଅଧିକ ସିଜନ ଧରି ୭୨୫ ମ୍ୟାଚ ଖେଳିବା ସହ ୧୯ ଟାଇଟଲ ଜିତିଥିଲେ। ୨୦୧୫ରେ ପୋର୍ତ୍ତୋ କ୍ଲବରେ ଯୋଗ ଦେବା ପରେ ଦୁଇଟି ପର୍ତ୍ତୁଗିଜ୍ ଲିଗ୍ ଟାଇଟଲ ସହ ପର୍ତ୍ତୁଗିଜ୍ କପ୍ ଏବଂ ଏକ ସୁପର କପ୍ ଟାଇଟଲ ହାସଲ କରିଥିଲେ। ସ୍ପେନ୍ ତରଫରୁ ସେ ୧୬୭ ମ୍ୟାଚ ଖେଳିଛନ୍ତି ଏବଂ ସେ ୨୦ ବର୍ଷରୁ କମ୍ ବିଶ୍ୱକପ୍ ବିଜୟୀ ହୋଇ ପାରିଥିଲେ। ସେ ଦୁଇଟି ୟୁରୋପିଆନ ଚାମ୍ପିୟନଶିପ୍ ମଧ୍ୟ ଜିତିଛନ୍ତି। ଉତ୍ତମ ବ୍ୟବହାର ଯୋଗୁ ସେ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଥିଲେ। କାସିଲାସ ଚଳିତବର୍ଷ ସ୍ପାନିଶ ଫୁଟ୍‌ବଲ ମହାସଂଘ ସଭାପତି ଦୌଡ଼ରେ ଥିଲେ। କିନ୍ତୁ କରୋନା ମହାମାରୀ ଯୋଗୁ ସେ ତାଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଥିଲେ।


ଇକର କାସିଲାସ

# ପ୍ରତି ୫ ଦିନରେ କୋଭିଡ୍ ଟେଷ୍ଟ


ନୂଆଦିଲ୍ଲୀ,୪।୮(ପି.ଟି.)

କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖି ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଆୟୋଜନ ହେବାକୁ ଯାଉଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସ୍ୱତନ୍ତ୍ର ଡ୍ରାଫ୍ଟ ପ୍ରସ୍ତୁତ କରିଛି। ଏହି ଡ୍ରାଫ୍ଟ ଅନୁସାରେ ୟୁଏଇରେ ଟ୍ରେନିଂ ଆରମ୍ଭ କରିବା ପୂର୍ବରୁ ଭାରତୀୟ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ମାନଙ୍କୁ କୋଭିଡ୍-୧୯ ଟେଷ୍ଟରେ ଅତିକମ୍‌ରେ ୫ଥର ନେଗେଟିଭ୍ ହେବାକୁ ପଡିବ। ଏହାପରେ ଆଇପିଏଲ୍ ଖେଳିବା ଅବସରରେ ଖେଳାଳିମାନଙ୍କୁ ପ୍ରତ୍ୟେକ ୫ ଦିନରେ ଏହି ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ।

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଅଧିକାରୀଙ୍କ କହିବା ଅନୁସାରେ ପ୍ରତ୍ୟେକ ଭାରତୀୟ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ସେମାନଙ୍କ ଦଳ ସହ ୧୪ ଦିନିକିଆ କ୍ୱାରାଣ୍ଟାଇନ୍‌ରେ ଯିବାର ଗୋଟିଏ ସପ୍ତାହ ପୂର୍ବରୁ ୨୪ ଘଣ୍ଟା ଅନ୍ତରରେ ଦୁଇଥର କୋଭିଡ୍-୧୯ ଆରଟି- ପିସିଆର ଟେଷ୍ଟର ସମ୍ମୁଖୀନ ହେବାକୁ ପଡିବ। ଯଦି କୌଣସି ଖେଳାଳି ପଜିଟିଭ୍ ବୋଲି ଜଣାପଡନ୍ତି ତା'ହେଲେ ସେ ୧୪ ଦିନିଆ କ୍ୱାରାଣ୍ଟାଇନ୍‌କୁ ଯିବେ। କ୍ୱାରାଣ୍ଟାଇନ୍ ପରେ ତାଙ୍କର ୨୪ ଘଣ୍ଟା ଅନ୍ତରରେ ଆହୁରି ଦୁଇଥର କୋଭିଡ୍-୧୯ ଆରଟି- ପିସିଆର ଟେଷ୍ଟ ହେବ। ଏହାପରେ ଯଦି ସେ ନେଗେଟିଭ୍ ବୋଲି ଜଣାପଡ଼ନ୍ତି ତା'ହେଲେ ସେ ସେପ୍ଟେମ୍ବର ୧୯ରେ ଆରମ୍ଭ ହେବାକୁ ଥିବା ଆଇପିଏଲ୍ ଖେଳିବା ପାଇଁ ୟୁଏଇ ଯାତ୍ରା କରିବେ।

ପୁଣି ୟୁଏଇରେ ପହଞ୍ଚିବା ପରେ ସପ୍ତାହେ ବ୍ୟାପୀ କ୍ୱାରାଣ୍ଟାଇନ୍ ଅବଧିରେ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ୩ଟି ଟେଷ୍ଟରେ ନେଗେଟିଭ୍ ହେବାକୁ ପଡିବ। ଖେଳାଳିମାନେ ନେଗେଟିଭ୍ ବୋଲି ଜଣାପଡିବା ପରେ ସେମାନେ ବାୟୋ-ବବଲରେ ପ୍ରବେଶ କରିବେ ଓ ଏହାପରେ ଟ୍ରେନିଂ ଆରମ୍ଭ କରିବେ। ଦଳଗୁଡିକ ତରଫରୁ ପରାମର୍ଶ ମିଳିବା ପରେ ନିୟମରେ କିଛି ପରିବର୍ତ୍ତନ କରାଯିବ। କିନ୍ତୁ ଖେଳାଳି ଓ ଅନ୍ୟମାନଙ୍କ ସ୍ୱାସ୍ଥ୍ୟଗତ ସୁରକ୍ଷାକୁ ଅଗ୍ରାଧିକାର ଦିଆଯିବ ବୋଲି ବିସିସିଆଇ ତରଫରୁ କୁହାଯାଇଛି। ୟୁଏଇରେ ପ୍ରଥମ ସପ୍ତାହରେ ଖେଳାଳି ଓ ଅଫିସିଆଲମାନେ କେହି କାହାରି ସହିତ ମିଶିପାରିବେ ନାହିଁ। ୩ ଥର ନେଗେଟିଭ ହେବା ପରେ ଯାଇ ଏମାନଙ୍କୁ ମିଶିବାକୁ ଅନୁମତି ଦିଆଯିବ।

**ନିୟମ ଉଲ୍ଲଂଘନ କଲେ ୭ ଦିନିଆ କ୍ୱାରାଣ୍ଟାଇନ୍**




ସେହିପରି ବିଦେଶୀ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ମାନେ ମଧ୍ୟ ୟୁଏଇ ପ୍ରସ୍ଥାନ କରିବା ପୂର୍ବରୁ ଦୁଇଥର କୋଭିଡ୍-୧୯ ଆରଟି- ପିସିଆର ଟେଷ୍ଟର ସମ୍ମୁଖୀନ ହେବେ। ଏଥିରେ ନେଗେଟିଭ୍ ହେଲେ ସେମାନେ ୟୁଏଇ ଯାତ୍ରା କରିବେ। କିନ୍ତୁ ଯଦି ନେଗେଟିଭ୍ ନ ହୁଅନ୍ତି ତା'ହେଲେ ଏମାନେ ୧୪- ଦିନର କ୍ୱାରାଣ୍ଟାଇନ୍ ଅବଧିରେ ରହିବେ। ଏହାପରେ ୨ଥର ଟେଷ୍ଟରେ ନେଗେଟିଭ୍ ହେଲେ ଏମାନେ ୟୁଏଇ ଯାତ୍ରା କରିପାରିବେ ବୋଲି ବିସିସିଆଇ ଅଧିକାରୀ ଜଣକ କହିଛନ୍ତି। ୟୁଏଇରେ କ୍ୱାରାଣ୍ଟାଇନ୍ ଅବଧିରେ ଖେଳାଳିମାନେ ପ୍ରଥମ, ତୃତୀୟ ଓ ଷଷ୍ଠ ଦିନ ପରୀକ୍ଷାର ସମ୍ମୁଖୀନ ହେବେ। ଏହି ପରୀକ୍ଷାରେ ନେଗେଟିଭ୍ ସାବ୍ୟସ୍ତ ହେଲେ ସବୁ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ମାନେ ୫୩ ଦିନ ଆଇପିଏଲ୍ ଖେଳିବା ଅବସରରେ ପ୍ରତ୍ୟେକ ୫ ଦିନରେ ପରୀକ୍ଷାର ସମ୍ମୁଖୀନ ହେବେ।

ବିସିସିଆଇର ଏହି ଟେଷ୍ଟିଂ ପ୍ରୋଟୋକଲକୁ ବାଦ୍ ଦେଲେ ଦଳଗୁଡିକ ସ୍ୱତନ୍ତ୍ର ଭାବେ ନିଜର ଟେଷ୍ଟ କରିପାରିବେ। ଏହା ବ୍ୟତୀତ ୟୁଏଇ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ନିୟମ ଅନୁସାରେ ଅତିରିକ୍ତ ପରୀକ୍ଷା ମଧ୍ୟ କରାଯାଇପାରିବ। ଅଗଷ୍ଟ ୨୦ ତାରିଖ ପୂର୍ବରୁ କୌଣସି ଦଳକୁ ୟୁଏଇ ଯିବାକୁ ବାରଣ କରାଯାଇଛି। ଏହା ଫଳରେ ଦଳଗୁଡିକ ଆବଶ୍ୟକୀୟ କ୍ୱାରାଣ୍ଟାଇନ ଡ୍ରିଲ ଓ ଟେଷ୍ଟ କରିବେ।

ଖେଳାଳିଙ୍କ ପରିବାରବର୍ଗ ସାଥିରେ ଯିବା ନେଇ ବିସିସିଆଇ ଦଳଗୁଡ଼ିକୁ ସ୍ୱାଧୀନତା ଦେଇଛି। ତେବେ ସମସ୍ତଙ୍କୁ କଡ଼ାକଡ଼ି ଭାବେ ନିୟମ ମାନିବାକୁ ହେବ ବୋର୍ଡ ତରଫରୁ ସ୍ପଷ୍ଟ କରାଯାଇଛି। ଜୈବ-ସୁରକ୍ଷିତ ପ୍ରୋଟୋକଲ ଉଲ୍ଲଂଘନ କରିଥିବା ବ୍ୟକ୍ତିଙ୍କୁ ୭ ଦିନ ସେଲ୍ଫ ଆଇସୋଲେଶନରେ ରହିବାକୁ ହେବ। ଷଷ୍ଠ ଓ ସପ୍ତମ ଦିନରେ ସେମାନଙ୍କର ଦୁଇଟି ଟେଷ୍ଟ ହେବ ବୋଲି ଅଧିକାରୀ ଜଣକ କହିଛନ୍ତି।

# ସୁଚିନ୍ତିତ ଭାବେ କାଶିଲେ ରେଡ୍‌କାର୍ଡ

**ଜୁରିଚ୍, ୪।୮(ଏପି):** ଜଣେ ଫୁଟବଲ ଖେଳାଳି ଯଦି ସୁଚିନ୍ତିତଭାବେ ଅନ୍ୟ ଜଣେ ଖେଳାଳିର ନିକଟତର ହେବାପରେ କାଶିବେ ତେବେ ମ୍ୟାଚ ଅଫିସିଆଲ ତାଙ୍କୁ ରେଡ଼ କାର୍ଡ ଦେଖାଇବେ। କୋଭିଡ-୧୯ ସ୍ଥିତିକୁ ଦୃଷ୍ଟିରେ ରଖି ଫୁଟବଲ ଖେଳର ଆଇନ ପ୍ରଣେତା ଅନ୍ତର୍ଜାତୀୟ ଫୁଟବଲ ଆସୋସିଏଶନ ବୋର୍ଡ ଏହାର ଗାଇଡଲାଇନ୍‌କୁ ଅପ୍‌ଡେଟ କରି ଏପରି ନିଷ୍ପତ୍ତି ନେଇଛି। ଜଣେ ଖେଳାଳି ଜାଣିଶୁଣି ଏପରି କରିଛି ବୋଲି ହୃଦ୍‌ବୋଧ ହେଲେ ଯାଇ ରେଫରି ରେଡ୍ କାର୍ଡ ଦେଖାଇବେ। ନଚେତ ହଳଦିଆ କାର୍ଡ ମଧ୍ୟ ଦେଖାଇ ପାରିବେ। ପୂର୍ବରୁ ଆକ୍ରମଣ, ଅପମାନ ସୂଚକ ମନ୍ତବ୍ୟ, ଗାଳିଗୁଲଜ କିମ୍ବା ଖରାପ ଅଙ୍ଗଭଙ୍ଗୀ ପ୍ରଦର୍ଶନ କ୍ଷେତ୍ରରେ ରେଡ୍‌କାର୍ଡ ଲାଗୁ ହେଉଥିଲା। ନୂଆ ନିୟମ ଅନୁସାରେ ଜାଣିଶୁଣି କାଶିବା ଏଥିରେ ଯୋଡ଼ି ହୋଇଯାଇଛି। ଯଦି କୌଣସି ଖେଳାଳି ଆବଶ୍ୟକ ଦୂରତା ରକ୍ଷା କରି କାଶେ କିମ୍ବା ଆକସ୍ମିକଭାବେ ଏହା ହୁଏ ତେବେ ସେ କ୍ଷେତ୍ରରେ ରେଫରି ଦଣ୍ଡ ଦେଇ ପାରିବେ ନାହିଁ।

# ମୋର୍ଗାନଙ୍କ ଶତକ

ସାଉଥାମ୍ପଟନ, ୪।୮

ଅଧିନାୟକ ଇଅନ ମୋର୍ଗାନଙ୍କ ଶତକ ସହାୟତାରେ ଇଂଲଣ୍ଡ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ମଙ୍ଗଳବାର ଅନୁଷ୍ଠିତ ଆୟର୍ଲାଣ୍ଡ ବିପକ୍ଷ ତୃତୀୟ ତଥା ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚରେ ୩୨୮ ରନ ସ୍କୋର କରିଛି। ଟମ୍ ବାଣ୍ଟନ ଓ ଡେଭିଡ ୱିଲି ଅର୍ଦ୍ଧଶତକ ହାସଲ କରିଛନ୍ତି।

ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ଆୟର୍ଲାଣ୍ଡ। ଦଳର ବୋଲରମାନେ ମାତ୍ର ୧୪ ରନରେ ୨ଟି ଉଇକେଟ ଅକ୍ତିଆର କରି ଇଂଲଣ୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ୪୪ ରନରେ ଇଂଲଣ୍ଡର ତୃତୀୟ ଉଇକେଟ ପତନ ଘଟିଥିଲେ ହେଁ ମୋର୍ଗାନ ଓ ବାଣ୍ଟନ ୪ର୍ଥ ଉଇକେଟ ଯୋଡ଼ିରେ ୧୪୬ ରନର ଭାଗୀଦାରି ଗଢ଼ି ଦଳକୁ ସମ୍ମାନଜନକ ସ୍ଥିତିରେ ପହଞ୍ଚାଇଥିଲେ। ୧୪ତମ ଦିନିକିଆ ଶତକ ହାସଲ କରିଥିବା ମୋର୍ଗାନ ୮୪ଟି ବଲ୍‌ର ସମ୍ମୁଖୀନ ହୋଇ ୧୫ ଚୌକା ଓ ୪ ଛକା ସହାୟତାରେ ୧୦୬ ରନର ଦ୍ରୁତ ଇନିଂସ ଖେଳିଥିଲେ। ତାଙ୍କ ପାର୍ଟନର ବାଣ୍ଟନ ୫୧ ବଲ୍‌ରୁ ୬ ଚୌକା ଓ ୧ ଛକା ସହ ୫୮ ରନ ସ୍କୋର କରିଥିଲେ। ମିଡଲ ଅର୍ଡରରେ ସାମ୍ ବିଲିଙ୍ଗ୍ସ ଓ ମୋଇନ୍ ଅଲୀ ଶୀଘ୍ର ଆଉଟ ହୋଇଯାଇଥିଲେ ହେଁ ଡେଭିଡ ୱିଲି(୫୧ ରନ, ୪୨ ବଲ, ୩ ଚୌକା, ୩ ଛକା)ଙ୍କ ଦ୍ରୁତ ଅର୍ଦ୍ଧଶତକ ଏବଂ ଟମ୍ କୁରାନଙ୍କ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ଜରିଆରେ ୩୦୦ ରନ ଅତିକ୍ରମ କରିଥିଲା। ୪୯.୫ ଓଭରରେ ଇଂଲଣ୍ଡ ୩୨୮ ରନ କରି ଅଲଆଉଟ ହୋଇ ଯାଇଥିଲା। କୁରାନ ୫୪ ବଲ୍‌ରୁ ୪ ଚୌକା ସହାୟତାରେ ୩୮ ରନକରି ଅପରାଜିତ ରହିଥିଲେ। ଆୟର୍ଲାଣ୍ଡ ପକ୍ଷରୁ କ୍ରେଗ୍ ୟଙ୍ଗ ୩ଟି, କର୍ଟିସ କ୍ୟାମ୍ଫର ଓ ଜୋଶୁଆ ଲିଟିଲ ୨ଟି ଲେଖାଏ ଏବଂ ମାର୍କ ଆଡେର ଓ ଗାରେଥ ଡେଲାନି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଶତକ ହାସଲ ପରେ ଇଅନ ମୋର୍ଗାନ।

# ହକି ଇଣ୍ଡିଆର କୋଚଙ୍କ ପାଇଁ ଏଏଚ୍‌ଏଫ୍ ୱାର୍କଶପ୍

**ନୂଆଦିଲ୍ଲୀ,୪।୮(ପି.ଟି.):** ହକି ଇଣ୍ଡିଆର କୋଚ୍ ଓ ଟେକ୍‌ନିକାଲ ଅଫିସିଆଲଙ୍କ ପାଇଁ ଏସିଆନ ହକି ଫେଡେରେଶନ (ଏଏଚ୍‌ଏଫ୍) ଚଳିତ ମାସ ଦ୍ୱିତୀୟ ଅନଲାଇନ୍ ଏଜୁକେଶନ୍ ୱାର୍କଶପ୍ ଆୟୋଜନ କରିବ। କୋଚ୍ ଓ ଟେକ୍‌ନିକାଲ ଅଫିସିଆଲଙ୍କୁ ନେଇ ଏକ ୧୫ ଜଣିଆ ଗ୍ରୁପ୍ ୫ଟି ୱାର୍କଶପ୍‌ରେ ଅଂଶଗ୍ରହଣ କରିବେ। ବିଭିନ୍ନ ଅନ୍ତର୍ଜାତୀୟ ମ୍ୟାଚ୍ ଓ ଟୁର୍ନାମେଣ୍ଟ ପରିଚାଳନାରେ ବୈଷୟିକ ଜ୍ଞାନ ବୃଦ୍ଧି ଓ ଦକ୍ଷ କରାଇବା ପାଇଁ ଏହି ୱାର୍କଶପ୍‌ର ଆୟୋଜନ କରାଯାଉଛି। ବିନାମୂଲ୍ୟରେ ଏହି ୱାର୍କଶପ୍ ଆୟୋଜନ କରାଯିବ। ମାଇକ୍ରୋସଫ୍ଟ ଟିମ୍ ଆପ୍ଲିକେଶନ ଦ୍ୱାରା ଅନ୍‌ଲାଇନ୍ ରେ ବିନାଖର୍ଚ୍ଚରେ କୋଚ୍ ଓ ଅଧିକାରୀମାନେ ପ୍ରତିନିଧିତ୍ୱ କରିପାରିବେ।

ପ୍ରତ୍ୟେକ ୱାର୍କଶପ୍ ୩ରୁ ୪ ଘଣ୍ଟା ବିଶିଷ୍ଟ ହେବ ଓ ଏଥିରେ ବ୍ରେକ୍ ରହିବ। ଟେକ୍‌ନିକାଲ ଅଫିସିଆଲଙ୍କ ପାଇଁ ଆଚରଣବିଧି କିପରି ବଜାୟ ରଖାଯିବ ତାହା ଉପରେ ଗୁରୁତ୍ୱ ଦିଆଯିବ। ଏଥିରେ ଖେଳାଳିଙ୍କ ଦ୍ୱାରା କରାଯାଉଥିବା ବିରୋଧକୁ ମଧ୍ୟ ସାମିଲ କରାଯାଇଛି।

सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
Central Mine Planning & Design Institute Ltd.
( A Subsidiary of Coal India Limited)
Gondwana Place, Kanke Road, Ranchi - 834031, JHARKHAND, INDIA
NOTICE
"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in/ respective Subsidiary Company (CMPDI,www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in. In addition, procurement is also done through GeM portal https://gem.gov.in."

STEEL AND POWER PLANT JOB
ଓଡିଶା ଶିଳ୍ପାଞ୍ଚଳ ଢେଙ୍କାନାଳ, ଅନଗୁଳ, କଟକ, ରାୟଗଡା, ବଲାଙ୍ଗୀର,ପାରାଦ୍ୱୀପ ଝାରସୁଗୁଡା, ପାଇଁ ତୁରନ୍ତ ପ୍ରାର୍ଥୀ ଆବଶ୍ୟକ
Qualification: 9th/10th to B.Tech
Salary : Rs 9,380/- to Rs 62,760/-
Email your CV to : essarplants21@gmail.com
WhatsApp : 6370014996

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
(A Statutory body under aegis of Ministry of Health and Family Welfare, Govt. of India)
Sijua, Post-Dumuduma, Bhubaneswar (Odisha) -751019
AIIMS/BBSR/CON/GUEST FACULTY/30 Date : 04.08.2020
ONLINE INTERVIEW FOR ENGAGEMENT OF GUEST FACULTY
Online interview purely on temporary basis will be conducted at 11 AM on 14th August 2020 through Google meet by AIIMS, Bhubaneswar to select the candidates for the post of Guest Faculty in the subjects Bio-Statistics & Sociology for M.Sc. Nursing & B.Sc.(Hons) Nursing. Applicants are advised to read the terms and conditions and download the application forms from website www.aiimsbhubaneswar.nic.in and do the needful.
Sd/-
Principal, College of Nursing
AIIMS, Bhubaneswar

VEER SURENDRA SAI UNIVERSITY OF TECHNOLOGY, BURLA
PO- ENGINEERING COLLEGE BURLA, DIST- SAMBALPUR, ODISHA-768018, INDIA
Advt. No.: VSSUT/PGSR/1256/2020 Date: 04.08.2020
ADMISSION NOTICE
Ph.D(Autumn) & M.Phil PROGRAMMES - 2020
The Online Test and interview for admission into different Programmes - 2020 are scheduled to be held as per the following:
Ph.D Programme (Autumn) - 2020

| Online Test (KNOCK) | Online viva voce for short-listed candidates | Department |
|---|---|---|
| 20.08.2020 (10.00 A.M to 11 A.M) | 21.08.2020 (3.00 P.M - 5.00 P.M) | Chemical Engg., Civil Engg., Computer Applications, Electrical Engg., EEE, Humanities |
| 21.08.2020 (10.00 A.M to 11 A.M) | 25.08.2020 (3.00 P.M - 5.00 P.M) | Architecture, Computer Sc. & Engg., Electronics & TC Engg., Metallurgical & Materials Engg., Production Engg. |
| 25.08.2020 (10.00 A.M to 11 A.M) | 26.08.2020 (3.00 P.M - 5.00 P.M) | Chemistry, Information Technology, Mathematics, Mechanical Engg., Physics |

Note:
➢ The merit list for M.Phil (Physics, Chemistry& Mathematics) will be prepared from the results of online test (KNOCK) for Ph.D Programmes (Physics, Chemistry& Mathematics).
For details please visit University Website: www.vssut.ac.in Sd/- Registrar

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ
ବିଜ୍ଞପ୍ତି ନଂ 793 (ଗୋପନୀୟ) ତା04/08/2020ରିଖ
ଏତଦ୍ୱାରା ସମ୍ପୃକ୍ତ ସମସ୍ତ ବ୍ୟକ୍ତି ବିଶେଷଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା, ୨୦୨୦ର SUBJECTIVE ଏବଂ OBJECTIVE ବିଷୟର ପୁନଃ ଯାଂଚ (Checking of Addition of Marks) ଏବଂ ସେହି ଖାତା ଗୁଡ଼ିକର ଅବିକଳ ନକଲ (Photo copy of answer books) ପାଇଁ ଦରଖାସ୍ତ ଓ ଫିସ୍ ଦାଖଲ ପ୍ରକ୍ରିୟା ତା୦୬/୦୮/୨୦୨୦ରିଖ ଠାରୁ ଆରମ୍ଭ ହୋଇ ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ଶେଷ ହେବ ।
୧. ON-LINEରେ ଆବେଦନ କରିବାର ନିୟମାବଳୀ www.bseodisha.ac.in ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ।
୨. ଫିସ୍ ଦାଖଲ State Bank, Collect ମାଧ୍ୟମରେ, ତା୧୮/୦୮/୨୦୨୦ରିଖ ମଧ୍ୟରାତ୍ର ସୁଦ୍ଧା ଶେଷ ହେବ । ଯେଉଁମାନେ ଶେଷ ମୁହୂର୍ତ୍ତରେ ଫିସ୍ ଦାଖଲ କରିଥିବେ, ସେମାନେ ତା୧୯/୦୮/୨୦୨୦ରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ Form ଦାଖଲ କରିପାରିବେ ।
୩. ଉପରୋକ୍ତ ତାରିଖ ମଧ୍ୟରେ ONLINE ଆବେଦନ ଅନବରତ (24 × 7) ଚାଲୁ ରହିବ ।
୪. ବୋର୍ଡ କର୍ତ୍ତୃପକ୍ଷ ଏହି ପ୍ରକ୍ରିୟାକୁ ୩ ମାସ ମଧ୍ୟରେ ସମାପ୍ତ କରି Revised Certificate-cum Memorandum of Marks ପ୍ରଦାନ କରିବେ ଏବଂ ଖାତାର ଅବିକଳ ନକଲ, ଆବେଦନ କାରୀମାନେ ବୋର୍ଡର ଉପରୋକ୍ତ website ରୁ download କରି ନେଇପାରିବେ । ଏହି ସମ୍ବନ୍ଧୀୟ ତଥ୍ୟ ପରବର୍ତ୍ତୀ ସମୟରେ ବିଜ୍ଞପ୍ତି ଜରିଆରେ ଜଣାଇ ଦିଆଯିବ ।
୫. ମଧ୍ୟମା ସଂସ୍କୃତ ପରୀକ୍ଷା, ୨୦୨୦ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା, ୨୦୨୦ରେ ଦେଇଥିବା ପରୀକ୍ଷାର୍ଥୀ ତା୨୮/୦୮/୨୦୨୦ରିଖ ମଧ୍ୟରେ Off-Line ଜରିଆରେ ମାଧ୍ୟମିକ ଶିକ୍ଷା ପରିଷଦର ମୁଖ୍ୟ ଏବଂ ଶାଖା କାର୍ଯ୍ୟାଳୟରେ କେବଳ କାର୍ଯ୍ୟ ଦିବସ ମାନଙ୍କରେ ଆବେଦନ କରିପାରିବେ ।
୬. ଅନ୍ୟକୌଣସି ପ୍ରକାରେ ଆବେଦନ ନିର୍ଦ୍ଦିଷ୍ଟ ଦିବସ ଓ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଅତୁବା ପରେ ଗ୍ରହଣ କରାଯିବ ନାହିଁ ।
ସ୍ୱା/- ସମ୍ପାଦକ

इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत In assessment, India trusts us
ପ୍ରାଧିକୃତ ୱେବ୍‌ସାଇଟ୍: www.ibps.in
କୌଣସି ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି http://cgrs.ibps.in/ ରେ ଲଗ୍ ଇନ୍ କରନ୍ତୁ
ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ ପ୍ରୋବେସନାରି ଅଫିସର୍ସ/ମ୍ୟାନେଜମେଣ୍ଟ ଟ୍ରେନିଙ୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୧-୨୨ର ଖାଲିସ୍ଥାନ ପାଇଁ ସିଆର୍‌ପି ପିଓ/ଏମ୍‌ଟି-X)
ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ ପ୍ରୋବେସନାରି ଅଫିସର/ମ୍ୟାନେଜମେଣ୍ଟ ଟ୍ରେନି ପଦବୀଗୁଡ଼ିକ ନିମନ୍ତେ କର୍ମଚାରୀ ଚୟନ ଲାଗି ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଓ ମେନ୍) ଅକ୍ଟୋବର/ନଭେମ୍ବର ୨୦୨୦ରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି ।
କାର୍ଯ୍ୟକ୍ରମର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍-ଲାଇନ୍ ପଞ୍ଜୀକରଣ ପ୍ରାର୍ଥୀଙ୍କ ଦ୍ୱାରା ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ | ୦୫।୦୮।୨୦୨୦ରୁ ୨୬।୦୮।୨୦୨୦ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଦେୟ ପୈଠ (ଅନ୍‌ଲାଇନ୍) | ୦୫।୦୮।୨୦୨୦ରୁ ୨୬।୦୮।୨୦୨୦ |
| ପ୍ରାକ୍-ପରୀକ୍ଷା ତାଲିମ ଲାଗି କଲ୍ ଲେଟର୍ ଡାଉନଲୋଡ୍* | ସେପ୍ଟେମ୍ବର ୨୦୨୦ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ* | ୨୧।୦୯।୨୦୨୦ରୁ ୨୬।୦୯।୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି ପାଇଁ କଲ୍ ଲେଟର୍ ଡାଉନଲୋଡ୍ | ଅକ୍ଟୋବର ୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି | ୦୩।୧୦।୨୦୨୦, ୧୦।୧୦।୨୦୨୦ ଓ ୧୧।୧୦।୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ଫଳାଫଳ | ଅକ୍ଟୋବର/ନଭେମ୍ବର, ୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍ ପାଇଁ କଲ୍ ଲେଟର୍ ଡାଉନଲୋଡ୍ | ନଭେମ୍ବର, ୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ | ୨୮।୧୧।୨୦୨୦ |
| ପରୀକ୍ଷାଫଳ ଘୋଷଣା – ମେନ୍ | ଡିସେମ୍ବର, ୨୦୨୦ |
| ସାକ୍ଷାତ୍‌କାର ପାଇଁ କଲ୍ ଲେଟର୍ ଡାଉନଲୋଡ୍ | ଜାନୁୟାରୀ, ୨୦୨୧ |
| ସାକ୍ଷାତ୍‌କାର ସଞ୍ଚାଳନ | ଜାନୁୟାରୀ/ଫେବୃୟାରୀ ୨୦୨୧ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ ୨୦୨୧ |

*ପିଇଟି ଆୟୋଜନ ସମ୍ଭବ ଓ ସୁରକ୍ଷିତ ହୋଇଥିଲେ
ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ମୁମ୍ବାଇ
ତାରିଖ: ୦୫।୦୮।୨୦୨୦ ନିର୍ଦ୍ଦେଶକ

ଭାରତୀୟ ରିଜର୍ଭ ବ୍ୟାଙ୍କ ସର୍ଭିସେସ୍ ବୋର୍ଡ, ମୁମ୍ବାଇ
ବିଜ୍ଞାପନ ସଂଖ୍ୟା. ୩ବି/୨୦୧୯-୨୦
୧. ଭାରତୀୟ ରିଜର୍ଭ ବ୍ୟାଙ୍କରେ ନିମ୍ନଲିଖିତ ପଦବୀ ନିମନ୍ତେ ପରାମର୍ଶଦାତା/ ବିଶେଷଜ୍ଞ/ବିଶ୍ଳେଷକ (ଚୁକ୍ତିନାମା ଆଧାରରେ) ଲାଟେରାଲ୍ ନିଯୁକ୍ତି ଦରଖାସ୍ତ ଆମନ୍ତ୍ରଣ କରାଯାଉଛି।

| କ୍ର.ସଂ. | ପଦବୀର ନାମ | ଖାଲିଥିବା ସ୍ଥାନ |
|---|---|---|
| ୧ | ପରାମର୍ଶଦାତା - ପ୍ରୟୋଗାତ୍ମକ ଗଣିତ | ୩ |
| ୨ | ପରାମର୍ଶଦାତା - ପ୍ରୟୋଗାତ୍ମକ ଇକୋନୋମେଟ୍ରିକ୍ସ | ୩ |
| ୩ | ଅର୍ଥନୀତିଜ୍ଞ - ମାକ୍ରୋ ଇକୋନୋମିକ ମଡ୍ଲେିଂ | ୧ |
| ୪ | ଡାଟା ବିଶ୍ଳେଷକ / ଏମ୍ ପି ଡି | ୧ |
| ୫ | ଡାଟା ବିଶ୍ଳେଷକ / (ଡି ଓ ଏସ – ଡି ଏନ ବି ଏସ) | ୨ |
| ୬ | ଡାଟା ବିଶ୍ଳେଷକ / (ଡି ଓ ଆର – ଡି ବି ଆର) | ୨ |
| ୭ | ରିସ୍କ ବିଶ୍ଳେଷକ / (ଡି ଓ ଏସ – ଡି ଏନ ବି ଏସ) | ୧ |
| ୮ | ରିସ୍କ ବିଶ୍ଳେଷକ / (ଡି ଇ ଆଇ ଓ) | ୨ |
| ୯ | ଆଇ ଏସ ଅଡିଟର | ୨ |
| ୧୦ | ଫୋରେଂସିକ ଅଡିଟ୍ ବିଶେଷଜ୍ଞ | ୧ |
| ୧୧ | ଏକାଉଣ୍ଟ ବିଶେଷଜ୍ଞ | ୧ |
| ୧୨ | ସିଷ୍ଟମ୍ ଆଡମିନିଷ୍ଟ୍ରେଟର | ୯ |
| ୧୩ | ପ୍ରୋଜେକ୍ଟ ଆଡମିନିଷ୍ଟ୍ରେଟର | ୫ |
| ୧୪ | ନେଟୱର୍କ ଆଡମିନିଷ୍ଟ୍ରେଟର | ୬ |

୨. ଅନ୍ୟ ସମସ୍ତ ବିବରଣୀ ଯଥା ଯୋଗ୍ୟତା ମାନଦଣ୍ଡ, ଖାଲିଥିବା ସ୍ଥାନର ସଂରକ୍ଷଣ, ଚୟନ ପ୍ରଣାଳୀ, ଅନ୍‌ଲାଇନ୍ ଦରଖାସ୍ତ ଆବେଦନ ପ୍ରଣାଳୀ ଏବଂ ଅନ୍ୟ ନିର୍ଦ୍ଦେଶାବଳୀ ପାଇଁ ରିଜର୍ଭ ବ୍ୟାଙ୍କର ୱେବସାଇଟ୍ (www.rbi.org.in)ରେ ମାର୍ଚ୍ଚ 27, 2020ରେ ପ୍ରକାଶିତ ବିସ୍ତୃତ ବିଜ୍ଞାପନ ଦେଖନ୍ତୁ। ପ୍ରାର୍ଥୀମାନେ ଏହି ପଦବୀଗୁଡ଼ିକ ପାଇଁ କେବଳ ଅନଲାଇନରେ ବ୍ୟାଙ୍କର ୱେବସାଇଟ୍ ମାଧ୍ୟମରେ ଆବେଦନ କରିପାରିବେ।
୩. ଗୁରୁତ୍ୱପୂର୍ଣ୍ଣ ତାରିଖ:

| | |
|---|---|
| ୱେବସାଇଟ୍ ଲିଙ୍କ ଉନ୍ମୁକ୍ତ-ଅନଲାଇନ ଦରଖାସ୍ତ ରେଜିଷ୍ଟ୍ରେସନ୍ ଓ ଫିସ୍ (fees)/ସୂଚନା ଶୁଳ୍କ ପ୍ରଦାନ ନିମନ୍ତେ | ୦୩.୦୮.୨୦୨୦ରୁ ୨୨.୦୮.୨୦୨୦ (ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ) |

ଦ୍ରଷ୍ଟବ୍ୟ : ଉପରୋକ୍ତ ବିଜ୍ଞାପନ ସମ୍ପର୍କୀୟ କୌଣସି ଶୁଦ୍ଧିପତ୍ର (corrigendum) କେବଳ ବ୍ୟାଙ୍କର ୱେବସାଇଟରେ ପ୍ରକାଶିତ ହେବ।

**୨ ଲକ୍ଷ କୋଟି ଟଙ୍କା ବଢ଼ିଲା ନିବେଶକଙ୍କ ସମ୍ପତ୍ତି**

ଗତ ୪ ସେସନରେ କ୍ଷତି ସହିବା ପରେ ମଙ୍ଗଳବାର ଦେଶର ପୁଞ୍ଜି ବଜାରରେ କାରବାର ବେଶ୍ ଉନ୍ନତ ରହିଛି। ଏହି ସମୟରେ ନିବେଶକଙ୍କ ସମ୍ପତ୍ତି ୨ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସୂଚକାଙ୍କ ଏହି ସମୟରେ ୭୪୧.୩୧ ପଏଣ୍ଟ ବୃଦ୍ଧି ଘଟିଛି। ଏଥିରେ ୨.୩୧% ବୃଦ୍ଧି ଘଟି ୩୭,୬୮୭.୯୧ ପଏଣ୍ଟ ସ୍ତରରେ କାରବାର ବନ୍ଦ ହୋଇଛି।



# ଟ୍ରାକ୍‌କୁ ଫେରୁଛି ଅର୍ଥ ବ୍ୟବସ୍ଥା




**ନୂଆଦିଲ୍ଲୀ,୪।୮**

କରୋନା ଯୋଗୁ ଦେଶ ମଧ୍ୟରେ ଅର୍ଥ ବ୍ୟବସ୍ଥାର କାର୍ଯ୍ୟକଳାପ ଉପରେ ଗଭୀର ପ୍ରଭାବ ପଡ଼ିଛି। ସଂକ୍ରମଣ ନିୟନ୍ତ୍ରଣକୁ ନ ଆସିବାରୁ ଅର୍ଥ ବ୍ୟବସ୍ଥାକୁ ଠିକ୍ କରିବା ଚ୍ୟାଲେଞ୍ଜ ହେଉଛି। ସଂକ୍ରମଣକୁ ନିୟନ୍ତ୍ରଣ କରିବାକୁ ରାଜ୍ୟଗୁଡିକ ନିଜ ମଧ୍ୟରେ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ବର୍ତ୍ତମାନ ଅନ୍‌ଲକ୍ ପ୍ରକ୍ରିୟା ଜାରି ରହିଛି। ବିଭିନ୍ନ କଟକଣା କୋହଳ କରାଯାଉଥିବା ଦେଖାଯାଉଛି। ଏଭଳି ସ୍ଥିତିରେ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା

## ଅର୍ଥ ମନ୍ତ୍ରଣାଳୟ ରିପୋର୍ଟ

ଏକ ରିପୋର୍ଟ ବଜାର ଲାଗି ଖୁସି ଖବର ଆଣିବ। ମନ୍ତ୍ରଣାଳୟ ଏହାର ରିପୋର୍ଟରେ କହିଛି ଯେ, ଭାରତୀୟ ଅର୍ଥ ବ୍ୟବସ୍ଥା ସାମ୍ନାରେ ରହିଥିବା ବିଭିନ୍ନ ଚ୍ୟାଲେଞ୍ଜ ସ୍ଥିତି ବର୍ତ୍ତମାନ ବିତିସାରିଛି। ମଙ୍ଗଳବାର ଜାରି କରାଯାଇଥିବା ଏହି ରିପୋର୍ଟରେ ଏକ ନିଷ୍କର୍ଷ ବାହାର କରାଯାଇଛି। କରୋନା ଭାଇରସ୍ ଦ୍ୱାରା ପ୍ରଭାବିତ ଅର୍ଥ ବ୍ୟବସ୍ଥାକୁ ଟ୍ରାକ୍‌କୁ ଫେରାଇ ଆଣିବା ଲାଗି କୃଷିକ୍ଷେତ୍ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ ବୋଲି ଏଥିରେ କୁହାଯାଇଛି। ମୌସୁମୀ ଚଳିତ ବର୍ଷ ଏ ଦିଗରେ ଉନ୍ନତ ଯୋଗଦାନ ରଖିବା ନେଇ ସମ୍ଭାବନା ରହିଛି। କରୋନା ଲାଗି ଏପ୍ରିଲ ମାସରେ ଅର୍ଥ ବ୍ୟବସ୍ଥା ସାମ୍ନା କରିଥିବା ସଙ୍କଟ ସ୍ଥିତି ପରେ ଏବେ ପୁନରୁଦ୍ଧାର ପ୍ରକ୍ରିୟା ଜାରି ରହିଛି। ସରକାର ଏବଂ କେନ୍ଦ୍ରୀୟ ବ୍ୟାଙ୍କ ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

ରିପୋର୍ଟରେ ପୁଣି କୁହାଯାଇଛି ଯେ, ଅର୍ଥ ବ୍ୟବସ୍ଥା ସାମ୍ନାରେ ରହିଥିବା ଖରାପ ସମୟ ବିତିଯାଇଛି। କରୋନା ସ୍ଥିତି ନିୟନ୍ତ୍ରଣାଧୀନ ହୋଇ ନ ଥିବାରୁ ରାଜ୍ୟଗୁଡିକ ବର୍ତ୍ତମାନ ସେମାନଙ୍କ ସ୍ତରରେ ପର୍ଯ୍ୟାୟ ଭିତ୍ତିରେ ଲକ୍‌ଡାଉନ କରୁଛନ୍ତି। ରାଜ୍ୟଗୁଡିକ ସେମାନଙ୍କ ସ୍ତରରେ ପ୍ରୟାସ ଜାରି ରଖିଥିଲେ ମଧ୍ୟ ମାମଲା ବଢୁଥିବା ଦେଖାଯାଉଛି। ଏହା ଉପରେ ନିରନ୍ତର ନଜର ରଖିବାର ଆବଶ୍ୟକତା ରହିଛି। କୃଷିକ୍ଷେତ୍ର ଉପରେ ରିପୋର୍ଟରେ ଭରସା କରାଯାଇଛି। କୋଭିଡ୍ ଝଟକାରୁ ଭାରତକୁ ବାହାରକୁ ଆଣିବା ଲାଗି କୃଷିକ୍ଷେତ୍ର ଏକ ପ୍ରମୁଖ ଯୋଗଦାନ ରଖିବ ବୋଲି ସରକାର ଆଶାବାଦୀ ରହିଛନ୍ତି। ସରକାର ଲକ୍‌ଡାଉନ ବେଳେ କୃଷିକ୍ଷେତ୍ର ପାଇଁ ବିଭିନ୍ନ କଟକଣା କୋହଳ କରିଥିଲେ। ରବି ଫସଲ ଠିକ୍ ସମୟରେ ଅମଳ କିମ୍ବା ଖରିଫ ଚାଷକାର୍ଯ୍ୟ ଠିକ୍ ସମୟରେ ଆରମ୍ଭ କରିବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିଲା। ରେକର୍ଡ ପରିମାଣର ଗହମ କ୍ରୟ କରାଯିବା ଯୋଗୁ କୃଷକଙ୍କ ହାତକୁ ୭୫ ହଜାର କୋଟି ଟଙ୍କାଯାଇଛି। ଏହାଦ୍ୱାରା ଗ୍ରାମାଞ୍ଚଳ କ୍ଷେତ୍ର ଚାହିଦା ଫେରିବାରେ ସହାୟକ ହେବ।

କୃଷିକ୍ଷେତ୍ର ସୁଧାର ଉପରେ ରିପୋର୍ଟରେ କୁହାଯାଇଛି ଯେ, ଉକ୍ତ କ୍ଷେତ୍ରକୁ ନିୟନ୍ତ୍ରଣମୁକ୍ତ କରାଯାଇଛି। କୃଷକଙ୍କ ସଶକ୍ତୀକରଣ ଦିଗରେ ପଦକ୍ଷେପ ସହ କୃଷକଙ୍କ ଯୋଗଦାନ ଅର୍ଥ ବ୍ୟବସ୍ଥାରେ ବଢାଇବା ଦିଗରେ ନିରନ୍ତର ପ୍ରୟାସ ଜାରି ରହିଛି। ମେ ମାସରେ ଔଦ୍ୟୋଗିକ ଉତ୍ପାଦନ ଏବଂ ୬ କୋର୍ ସେକ୍ଟରର କାର୍ଯ୍ୟକଳାପ ଏପ୍ରିଲ ତୁଳନାରେ ବିଶେଷ ସୁଧାର ପରିଲକ୍ଷିତ ହୋଇଛି।

# ବଜାରରେ ହିରୋ ଏକ୍ସଟ୍ରିମ୍ ୧୬୦ ଆର୍




**କଟକ,୪।୮:** ପ୍ରମୁଖ ୨ ଚକିଆ ଯାନ ନିର୍ମାଣକାରୀ କମ୍ପାନୀ ହିରୋ ମୋଟୋକର୍ପ ଲିମିଟେଡ୍ ପକ୍ଷରୁ 'ହିରୋ ଏକ୍ସଟ୍ରିମ୍ ୧୬୦ ଆର୍'କୁ ସ୍ଥାନୀୟ ଜେଏମ୍‌ଜି ଅଟୋମୋବାଇଲ ଠାରେ ବଜାର ପ୍ରବେଶ କରାଯାଇଛି। ଜେଏମ୍‌ଜି ହିରୋର ଏମ୍‌ଡି ପ୍ରଦୀପ ଅଗ୍ରୱାଲ ଏହାକୁ ବଜାର ପ୍ରବେଶ କରାଇଥିଲେ। କମ୍ପାନୀର ଏହି ବହୁ ପ୍ରତୀକ୍ଷିତ ମଡେଲରେ ଗ୍ରାହକମାନେ ଅତୁଳନୀୟ ପରଫରମାନ୍ସ, ଫିଚର ଏବଂ ଷ୍ଟାଇଲ ଲାଭ କରିପାରିବେ। ସେହିଭଳି ନୂଆ ମଡେଲଟିରେ କ୍ଲାସ୍ ଲିଡିଂ ଆକ୍ସିଲରେଶନ ସୁବିଧା ଏଥିରେ ରହିଛି। ସେହିଭଳି ଫାଷ୍ଟ ଇନ୍ ସେଗ୍‌ମେଣ୍ଟ ଫିଚର ଭାବେ ଗ୍ରାହକମାନେ ଏହି ମଡେଲରେ ଅଲ୍ ଏଲ୍‌ଇଡି ଲାଇଟ ପ୍ୟାକେଜ, ସାଇଡ୍ ଷ୍ଟାଣ୍ଡ ଇଞ୍ଜିନ କଟ୍‌ଅଫ୍ ରହିଛି। ଏହାବାଦ୍ ସ୍ପୋର୍ଟି, ଆରାମ ଏବଂ ନିୟନ୍ତ୍ରଣର ମିଶ୍ରଣ ସୁବିଧା ସହ ଆସୁଥିବା ଉକ୍ତ ମଡେଲଟିକୁ ଗ୍ରାହକମାନେ କମ୍ପାନୀର ବିଭିନ୍ନ ଡିଲରଶିପଗୁଡିକରେ ଲାଭ କରିପାରିବେ। ଯାନଟିର ବଜାର ଦର ୧.୦୪ ଲକ୍ଷ ଟଙ୍କା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହି ଅବସରରେ ଏମ୍‌ଡି ଅଗ୍ରୱାଲ କହିଛନ୍ତି ଯେ, ନୂଆ ଯାନଟିରେ ଅନେକ ଆକର୍ଷଣୀୟ ଫିଚର ଲାଭ କରିପାରିବେ। ନୂଆ ଯାନଟି ଗ୍ରାହକଙ୍କ ଠାରୁ ଭଲ ରେସପନ୍ସ ପାଇବୁ ବୋଲି ଆଶାବାଦୀ ରହିଛୁ।

# ଶଶୀଧର ହେବେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସିଇଓ



**ନୂଆଦିଲ୍ଲୀ,୪।୮:** ଆଦିତ୍ୟ ପୁରୀଙ୍କ ପରେ ପ୍ରମୁଖ ଘରୋଇ କ୍ଷେତ୍ର ବ୍ୟାଙ୍କ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ନୂଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ପଦବୀରେ କିଏ ନିଯୁକ୍ତ ହେବେ ସେ ନେଇ ବେଶ୍ ଚର୍ଚ୍ଚା ଲାଗି ରହିଥିଲା। ମଙ୍ଗଳବାର ସମସ୍ତ କଳ୍ପନାଜଳ୍ପନାରୁ ପରଦା ହଟିଛି। ଏହି ପଦବୀରେ ନିଯୁକ୍ତି ଲାଗି ଶଶୀଧର ଜଗଦୀଶନଙ୍କ ନାମ ସାମ୍ନାକୁ ଆସିଥିବା ଜଣାପଡିଛି। ବର୍ତ୍ତମାନ ସିଇଓ ଥିବା ଆଦିତ୍ୟ ପୁରୀଙ୍କ ପରେ ଜଗଦୀଶନ ବ୍ୟାଙ୍କର ମଙ୍ଗ ସମ୍ଭାଳିବାକୁ ଯାଉଛନ୍ତି। ପୁରୀ ଅକ୍ଟୋବରରେ ଅବସର ନେବେ। ୫୫ ବର୍ଷୀୟ ଜଗଦୀଶନ ବର୍ତ୍ତମାନ ବ୍ୟାଙ୍କର ଗ୍ରୁପ୍ ହେଡ୍ ଭାବେ କାର୍ଯ୍ୟ କରୁଥିବା ବେଳେ ଆଦିତ୍ୟ ପୁରୀଙ୍କ ପରେ ବ୍ୟାଙ୍କର ଉତ୍ତରାଧିକାରୀ ହେବେ ବୋଲି ଜଣାପଡିଛି। ଏଚ୍‌ଡିଏଫ୍‌ସି ବ୍ୟାଙ୍କର ନୂଆ ସିଇଓ ପଦବୀ ଦୌଡ଼ରେ ୩ ବ୍ୟକ୍ତି ରହିଥିଲେ। ଜଗଦୀଶନଙ୍କ ନାମକୁ ରିଜର୍ଭ ବ୍ୟାଙ୍କ ମଙ୍ଗଳବାର ମଞ୍ଜୁରୀ ପ୍ରଦାନ କରିଥିବା ଜଣାପଡ଼ିଛି। ତାଙ୍କ ନାମକୁ ସୋମବାର ମଧ୍ୟରାତ୍ରିରେ ମଞ୍ଜୁରୀ ମିଳିଥିବା ବେଳେ ଶୀଘ୍ର ବ୍ୟାଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ଘୋଷଣା କରାଯିବ। ୧୯୯୬ରେ ସେ ଏଚ୍‌ଡିଏଫ୍‌ସି ବ୍ୟାଙ୍କରେ ଯୋଗଦେବା ପରେ ଫାଇନାନ୍ସ, ମାନବ ସମ୍ବଳ ଭଳି ବିଭିନ୍ନ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟ କରିଛନ୍ତି। ସେ ଚାର୍ଟାର୍ଡ ଆକାଉଣ୍ଟ ଏବଂ ଅର୍ଥନୀତିରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ସିଇଓ ପଦବୀ ଲାଗି ଏଚ୍‌ଡିଏଫ୍‌ସିର ହୋଲ୍‌ସେଲ ବ୍ୟାଙ୍କିଙ୍ଗ୍ ଡିଭିଜନ ମୁଖ୍ୟ କୈଜାଦ ଭରୁଚା, ସିଟି ବ୍ୟାଙ୍କର ସୁନୀଲ ଗର୍ଗ ଦାବିଦାର ରହିଥିଲେ।

# କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନିତ କଲା ଖିମ୍‌ଜୀ



**ଭୁବନେଶ୍ୱର,୪।୮:** ବର୍ତ୍ତମାନ ଲୋକଙ୍କୁ ସୁରକ୍ଷିତ ରଖିବା ଲାଗି କୋଭିଡ୍ ଯୋଦ୍ଧାମାନେ ନିରନ୍ତର ଯୋଗଦାନ ରଖି ଆସୁଛନ୍ତି। ଏହି ଯୋଦ୍ଧାଙ୍କ କାର୍ଯ୍ୟକୁ ଖିମ୍‌ଜୀ ଗ୍ରୁପ୍‌ର ପ୍ରମୁଖ ଜୁଏଲେରି ବ୍ରାଣ୍ଡ ଖିମ୍‌ଜୀ ସମ୍ମାନ ଜଣାଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନେଇଛି। ଖିମ୍‌ଜୀ ଫାଉଣ୍ଡେଶନ ପକ୍ଷରୁ କୋଭିଡ୍ ଯୋଦ୍ଧାଙ୍କୁ 'ଖିମଜୀ ମୋ ଅଳଙ୍କାର ଆୱାର୍ଡ' ପ୍ରଦାନ କରାଯାଇଛି। କଟକ ଏବଂ ଭୁବନେଶ୍ୱରର ୫ କୋଭିଡ୍ ଯୋଦ୍ଧାଙ୍କୁ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଲାଗି ଏଭଳି ପୁରସ୍କାର ଦିଆଯାଇଛି। ଟିଭି ରିଆଲିଟି ଶୋ ରଜ କୁଇନ ଅସବରରେ ଏଭଳି ସମ୍ମାନ ଗ୍ରୁପ୍ ପ୍ରଦାନ କରିଥିବା କହିଛି। ବିଏମ୍‌ସିର ସାନିଟେଶନ ୱାର୍କର ଜୟନ୍ତୀ ନାୟକ, ପୂଜା ନାୟକ, ବାଣୀବିହାର ନିକଟସ୍ଥ ବସ୍ତିରୁ ଯୁବ ବ୍ରିଗେଡ ପ୍ରଭାସିନୀ ବେହେରା, ଏଲିନା ନନ୍ଦିତା ପରିଡ଼ାଙ୍କୁ ପୁରସ୍କୃତ କରାଯାଇଛି। ସେହିଭଳି ଲକ୍‌ଡାଉନରେ ଅସୁବିଧା ସାମ୍ନା କରିଥିବା ଲୋକଙ୍କୁ ଖାଦ୍ୟ ତଥା ଅନ୍ୟାନ୍ୟ ସୁବିଧା ଯୋଗାଣ ଲାଗି କଟକର ଜୟଲକ୍ଷ୍ମୀ ମହାରଣା ଏବଂ ବିଜୟଲକ୍ଷ୍ମୀ ମହାରଣାଙ୍କୁ ସମ୍ମାନିତ କରାଯାଇଛି। ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ କୋଭିଡ୍ ଯୋଦ୍ଧାଙ୍କ କାର୍ଯ୍ୟ ବେଶ୍ ପ୍ରଶଂସନୀୟ ବୋଲି ଖିମଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି। କୋଭିଡ୍ ଯୋଦ୍ଧାଙ୍କ କାର୍ଯ୍ୟକୁ ସମ୍ମାନ ଜଣାଇ ଏଭଳି ଏକ ପଦକ୍ଷେପ ଗ୍ରୁପ୍ ହାତକୁ ନେଇଛି। ଏଭଳି ଛୋଟ ଛୋଟ ପଦକ୍ଷେପ ଦ୍ୱାରା ସେମାନଙ୍କ ମନୋବଳ ବଢ଼ାଇବା ସହ ଉତ୍ସାହିତ କରାଯାଉଛି ବୋଲି ଖିମ୍‌ଜୀ ମତ ପ୍ରକାଶ କରିଛନ୍ତି।

# ବ୍ଲକ୍ ହେଲା ଚାଇନାର ବାଇଡୁ, ୱିବୁ ଆପ୍

**ନୂଆଦିଲ୍ଲୀ,୪।୮:** ସୀମାରେ ୨୦ ଭାରତୀୟ ଯବାନ ଶହୀଦ ହେବା ପରେ ଭାରତ ସରକାର ଚାଇନା ଉପରେ ଡିଜିଟାଲ ଷ୍ଟ୍ରାଇକ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ୫୯ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୪୭ ମୋବାଇଲ ଆପ୍ଲିକେଶନକୁ ସରକାର ବ୍ଲକ କରି ଦେଇଛନ୍ତି। ବର୍ତ୍ତମାନ ଚାଇନାର ୨ ଲୋକପ୍ରିୟ ଆପ୍ ବାଇଡୁ ଏବଂ ୱିବୁକୁ ବ୍ଲକ୍ କରାଯାଇଥିବା ମଙ୍ଗଳବାର ଜଣାପଡିଛି। ବାଇଡୁ ଗୁଗଲର ବିକଳ୍ପ ହୋଇଥିବା ବେଳେ ୱିବୁ ଟୁଇଟରର ବିକଳ୍ପ ଭାବେ କାମ କରୁଥିଲା। ସିନା କର୍ପୋରେଶନ ଦ୍ୱାରା ୨୦୦୯ରେ ୱିବୁର ଲଞ୍ଚ କରାଯାଇଥିଲା। ସାରା ବିଶ୍ୱରେ ବର୍ତ୍ତମାନ ଏହାର ୫୦ କୋଟି ପଞ୍ଜୀକୃତ ୟୁଜର ରହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଏହି ଆପ୍ଲିକେଶନକୁ ବ୍ୟବହାର କରିଥିଲେ। ୨୦୧୫ରେ ସେ ଏଥିରେ ଏକ ଆକାଉଣ୍ଟ ଖୋଲିଥିଲେ। ମୋଦିଙ୍କର ଏଥିରେ ୨ ଲକ୍ଷ ଫଲୋଅର ମଧ୍ୟ ଅଛନ୍ତି। ସେହିଭଳି ବାଇଡୁ ଭାରତରେ ଏହାର ସ୍ଥିତିକୁ ମଜଭୁତ କରିବା ଲାଗି ଯୋଜନା ରଖିଥିଲା। ଚଳିତ ବର୍ଷ ଜାନୁୟାରୀରେ ଏହାର ସିଇଓ ରବିନ ଲି ଆଇଆଇଟି ମାଡ୍ରାସ ଗସ୍ତ କରିଥିଲେ ବୋଲି ଜଣାପଡିଛି।

**OFFICE OF THE CHIEF DISTRICT MEDICAL OFFICER, JAGATSINGHPUR**

**Notice No. 3718/CDMO, Jspur, Dated: 31.07.2020**

**NOTICE**

No. E-155: The Draft Merit List, Reject List & Selection List of the candidates attended the Walk-in-Interview held on 27.07.2020 & 28.07.2020 for the Post of MPHW(F)/ANM for management of Covid Care Home has been prepared and hoisted in the District Website **https://jagatsinghpur.nic.in**.
Further for allocation of GP (Covid Care Home) to the selected candidates one counselling will be held as per the programme detailed below. The selected candidates are required to attend the counselling as per the scheduled date as mentioned against their Rank No in the Selection List positively without fail. The candidates who failed to attend the counselling on the scheduled date will not claim for their choice GP in future.

| Date | Rank No. | Scheduled Time | Venue |
|---|---|---|---|
| 06.08.2020 | 01 to 50 | 10.00 A.M. to 1.00 P.M. | Conference Hall, New OPD Building of DHH, Jagatsinghpur |
| 06.08.2020 | 51 to 100 | 2.00 P.M. to 5.00 P.M. | |
| 07.08.2020 | 101 to 150 | 10.00 A.M. to 1.00 P.M. | |
| 07.08.2020 | 151 to 198 | 2.00 P.M. to 5.00 P.M. | |

**Sd./- Dr. Bijaya Panda**
**Chief District Medical & Public Health Officer,**
**Jagatsinghpur**
**OIPR-10043/11/0006/2021**

**OFFICE OF THE**
**CHIEF DISTRICT MEDICAL OFFICER, JAGATSINGHPUR**
**Notice No. 3751/CDM&PHO, Jspur, Dated: 01.08.2020**

**CORRIGENDUM**

No. E-156: The candidates bearing Sl. No. 25, 68, 78, 167 & 236 are excluded from the Merit List of MPHW(F)/ANM for Management of Covid Care Centre issued vide this office Noitce No. 3718 dated 31.07.2020 as they have crossed the upper age limit of the eligibility criteria i.e. 37 years. The details of the candidates has been hoisted in the district website. Accordingly the revised Merit List, Selection List & Rejection List has been prepared and hoisted in the district website **https://jagatsinghpur.nic.in** for information of all. The date of counselling will remain same.

**Sd./- Dr. Bijaya Panda**
**Chief District Medical & Public Health Officer, Jagatsinghpur**
**OIPR-10043/11/0007/2021**

# ଚୂଡ଼ାନ୍ତ ପର୍ଯ୍ୟାୟରେ ଫ୍ୟୁଚର ଗ୍ରୁପ୍-ରିଲାଏନ୍ସ ଡିଲ୍

**ମୁମ୍ବାଇ,୪।୮:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ(ଆ।ର୍‌ଆ।ଇଏଲ୍)ର ଫ୍ୟୁଚର ଗ୍ରୁପ ଅଧିଗ୍ରହଣ ଡିଲ୍ ଚୂଡାନ୍ତ ପର୍ଯ୍ୟାୟରେ ରହିଛି। ଏଥି ଯୋଗୁ ରିଲାଏନ୍ସର ମଙ୍ଗଳବାର ଶେୟାର କାରବାରରେ ବେଶ ଉନ୍ନତି ପରିଲକ୍ଷିତ ହୋଇଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ କମ୍ପାନୀର ଶେୟାର କାରବାରରେ ୭.୧୦% ବୃଦ୍ଧି ଘଟି ୨୧୫୧.୧୫ ଟଙ୍କା ସ୍ତରରେ କାରବାର ବନ୍ଦ ହୋଇଛି।

# ମୁଦ୍ରାନୀତି କମିଟି ବୈଠକ ଆରମ୍ଭ

**ମୁମ୍ବାଇ,୪।୮:** ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଦ୍ୱିମାସିକ ବୈଠକରେ କୋଭିଡ୍-୧୯ ଦ୍ୱାରା ପ୍ରଭାବିତ ଅର୍ଥ ବ୍ୟବସ୍ଥାକୁ ଟ୍ରାକ୍‌କୁ ଫେରାଇ ଆଣିବାରେ ବିଭିନ୍ନ ପଦକ୍ଷେପ ଘୋଷଣା କରାଯାଇପାରେ। ଋଣ ପୁନର୍ଗଠନ ନେଇ ଶିଳ୍ପଜଗତ ପକ୍ଷରୁ ହୋଇ ଆସୁଥିବା ଦାବି ଉପରେ କେନ୍ଦ୍ରୀୟ ବ୍ୟାଙ୍କ କିଭଳି ପଦକ୍ଷେପ ନେଉଛି ସେ ଉପରେ ବଜାରର ନଜର ରହିଛି। ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ବସିଥିବା ୬ ଜଣିଆ ସଦସ୍ୟ ବିଶିଷ୍ଟ ୨୪ ତମ ଏମ୍‌ପିସି ବୈଠକରେ ଚଳିତ ସପ୍ତାହ ଗୁରୁବାର ବିଭିନ୍ନ ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରାଯିବ।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅନ୍ଧକେତେକ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ • ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137

କାମ ନ ହେଲେ ପୁରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ୍ୟ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ – My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଆଅଛି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W
(Every Day)
for Booking Contact:
0674-2580385, 7894447148,
7894447131, 9337021532,
7894447167, 7894447165

# ଭୋଡା-ଆଇଡିଆରୁ ୧୫୦୦ ଛଟେଇ

**ନୂଆଦିଲ୍ଲୀ,୪।୮:** ଦେଶର ପ୍ରମୁଖ ମୋବାଇଲ ସେବା ପ୍ରଦାନକାରୀ କମ୍ପାନୀ ଭୋଡାଫୋନ-ଆଇଡିଆରୁ ୪ଜି ଟେକ୍ନୋଲୋଜିଜନିତ ଆବଶ୍ୟକ ସାମଗ୍ରୀ ଅର୍ଡରରେ ବିଳମ୍ବ ଯୋଗୁ କମ୍ପାନୀ ଚିନ୍ତାରେ ପଡିଯାଇଛି। ଆର୍ଥିକ ମାନ୍ଦାବସ୍ଥା କାରଣରୁ କମ୍ପାନୀ ପ୍ରାୟ ୧୫୦୦ କର୍ମଚାରୀଙ୍କୁ ଛଟେଇ କରିଛି। ସେହିଭଳି କମ୍ପାନୀର ଟେଲିକମ ସର୍କଲରେ ମଧ୍ୟ ବ୍ୟାପକ ହ୍ରାସ ପାଇଛି ବୋଲି ସୂଚନା ମିଳିଛି। ଟେଲିକମ ଗିୟର ଭେଣ୍ଡରର୍ସ ନୋକିଆ,ଏରେସନ, ହାୱାଇ ଏବଂ ଜେଟିଇ ଭଳି କମ୍ପାନୀ ଗୁଡିକ ଅର୍ଡରରେ ବିଳମ୍ବତା କାରଣରୁ କମ୍ପାନୀ ଉକ୍ତ ସମସ୍ତ ସାମଗ୍ରୀର ଆର୍ଥିକ ଭରଣା କରିବାକୁ ଅସମର୍ଥ ହୋଇପଡିଛି। ବର୍ତ୍ତମାନର ଘଡିସନ୍ଧି ସମୟରେ ବଜାରରେ ତିଷ୍ଠି ରହିବା ପାଇଁ ସଂଘର୍ଷ କରିବାକୁ ପଡିବୁ ବୋଲି କମ୍ପାନୀ ସୂତ୍ରରୁ ସୂଚନା ମିଳିଛି।

**OFFICE OF THE CDM & PHO cum DISTRICT MISSION DIRECTOR, HEALTH & FAMILY WELFARE DEPARTMENT, GOVT. OF ODISHA, MALKANGIRI, ODISHA - 764045**

**No.7578** **Date :31.07.2020**

**TENDER CALL NOTICE**

No. E-154: Sealed tenders are invited from registered outsourcing agencies/firms for outsourcing of Bio-Medical Waste Management service of CHCs and PHCs of Malkangiri district for the year 2020-21. The tender shall be accompanied with valid GSTN Number, PAN & all Other relevant documents to reach the undersigned on or before Dt.24.08.2020, 5.00PM by Regd. Post/ Speed Post/ Courier services only. The tender will be opened on Dt.25.08.2020 at 11.00AM. Interested parties may download the notice with details from the website: **www.malkangiri.nic.in**. The authority reserves the right to accept or reject summarily any or all the tenders without assigning any reason whatsoever.

**Sd./- CDM & PHO cum District Mission Director, Malkangiri**
**OIPR-10082/11/0004/2021**

**ZILLA SWASTHYA SAMITI, SAMBALPUR**
**DISTRICT PROGRAMME MANAGEMENT UNIT, NHM**
**SAMBALPUR, ODISHA - 768002**
**E-mail: nhmsambalpur@gmail.com, Phone: (0663) 2400441**
**Letter No. 1676/DPMU/NHM** **Date: 04.08.2020**

**TENDER CALL NOTICE**

No. E-158: Sealed quotations are invited in the prescribed format from Travel Agencies/Private Organization/Individuals for hiring of vehicles (SCORPIO/TAVERA/ERTIGA/BOLERO/CAR etc.) with A/C and Non A/C on monthly rental basis for engagement/ empanelment of vehicles for **DPMU/BPMU/RBSK, Programme**. Interested travel Agencies/Private Organisation/Individuals may apply in the prescribed format. The details terms and conditions and formats will be available at district website **www.sambalpur.nic.in** from **05.08.2020 to 20.08.2020 till 5 P.M.** The complete quotations should reach at O/o. CDM & PHO on or before **20.08.2020 by 5 P.M.** through Speed Post/Regd. Post/Courier/By person only. The sealed quotation will be opened on **21.08.2020 at 11 A.M.** in the office chamber of the undersigned. The quotation should be superscribed as **"Tender for Hiring of Vehicles under DPMU/BPMU/Rashtriya Bal Swasthya Karyakram (RBSK)" for DHH/CHC________"**. The undersigned reserves the right to reject any or all the quotations without assigning any reason thereof.

**Sd./- CDM & PHO-cum-District Mission Director, Sambalpur**
**OIPR-10049/11/0008/2021**

**ODISHA LIFT IRRIGATION CORPORATION LTD.**
**OFFICE OF THE EXECUTIVE ENGINEER, LIFT IRRIGATION DIVISION, BOUDH**
**E-mail ID: eeolicboudh@gmail.com**

**'e' Procurement Notice**

**Bid Identification No. OLIC-BOUDH-04/2020-21/Date: 04.08.2020**

No. CAD-319: **The Executive Engineer, Lift Irrigation Division, Boudh** on behlaf of OLIC invites **Percentage Rate** bids in Single Cover System to be received in **Online Mode only** for the work **Installation and Energisation of New LIPs under Boudh Block in Boudh District** as detailed in the table below. The bid should be submitted by the eligible class of contractors as mentioned below, registered with the State Government and contractors of equivalent grade/class registered with Central Government/M.E.S./Railways/C.P.W.D. for execution of Civil Works with valid Electrical (H.T.) Licence issued by ELBO, Odisha through On-line in the Govt. website **www.tendersodisha.gov.in**. The bidders should have necessary portal enrollment (with own digital signature certificate). The registered bidders from outside Odisha can also participate in this On-line tender process after necessary portal enrollment but shall have to subsequently undergo registration with appropriate authority of the State.
**1. Name of the Works : Installation & Energisation of River Lift Irrigation Project with supply of all materials on Turnkey Basis, 2. Total Nos. of Package : 01, 3. Approximate Estimated Cost : Rs.22.04 Lakhs, 4. Class of Contractors: As mentioned against the package, 5. Period of Completion: 90 days from the date of issue of work order, 6. Other details as follows:**

| Procurement Officer | Bid Identification No. | Availability of Tender On-Line for Bidding | | Last date & time of seeking tender clarification | Date & Time of opening of tender in the Office of the Executive Engineer, L.I. Division, Boudh |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, Boudh | OLIC/Boudh/ 04/2020-21 | 13.08.2020 at 11.00 Hrs. | 27.08.2020 at 17.00 Hrs. | 25.08.2020 at 17.00 Hrs. | 28.08.2020 at 11.00 Hrs. |

**ANNEXURE**

| PKG No. | Name of Block | Name of L.I. Project | Type | Name of Schemce | Appr. Estimated Cost (Exclusive of GST) | Bid Security (EMD) | Cost of Bid document (+5% GST on reverse charge mechanism) | Class of Contractor |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Boudh | Bahalapada | RL | BKVY-RIDF | 2204362 | 22044 | 6000 + 300 | "C" or "B" with H.T. Licence |

- **Details can be seen from the website www.tenderodisha.gov.in**
- **Any Corrigendum/Addendum will be displayed in the above website only.**

**OIPR - 32338/11/0002/2021** **Sd./- Executive Engineer, L.I. Division, Boudh**

**ତହସିଲ କାର୍ଯ୍ୟାଳୟ, ଛେଣ୍ଡିପଦା**

**ବିଜ୍ଞାପନ ସଂଖ୍ୟା: ୬୩୧୮** **ତାରିଖ: ୦୪।୦୮।୨୦୨୦**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଛେଣ୍ଡିପଦା ତହସିଲ ଅନ୍ତର୍ଗତ ନିମ୍ନଲିଖିତ ସଇରାତ ଉତ୍ସଗୁଡ଼ିକ ପାଞ୍ଚ ବର୍ଷ ପାଇଁ ଯଥା: ୨୦୨୦-୨୧ ରୁ ୨୦୨୫-୨୬ ନିମନ୍ତେ ଇଚ୍ଛୁକ ପ୍ରାର୍ଥୀ OMMC Rule - 2016ର ଫର୍ମ 'M'ରେ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତିବିଶେଷ ନିର୍ଦ୍ଧାରିତ ଫର୍ମରେ ସର୍ତ୍ତାବଳୀକୁ ଆଧାରକରି ତା୦୭।୦୮।୨୦୨୦ ଅପରାହ୍ନ ୫.୦୦ ଘଟିକା ସମୟ ମଧ୍ୟରେ ମୁଦ୍ରାଦିଆ ଲଫାପାରେ ଫର୍ମ ପୂରଣ କରି ଅମାନତ ରାଶି ସହ ଦରଖାସ୍ତ ପକାଇପାରିବେ ଏବଂ ସେହିଦିନ ଅପରାହ୍ନ ୫.୦୦ଟାରେ ଉକ୍ତ ଦରଖାସ୍ତଗୁଡ଼ିକୁ ଯାଞ୍ଚ କରାଯାଇ ସର୍ବୋଚ୍ଚ ନିଲାମଧାରୀଙ୍କ ନାମରେ ସଇରାତ ଉତ୍ସ ଅନୁମୋଦନ କରାଯିବ। ପ୍ରଥମ ଦିବସରେ କୌଣସି ନିଲାମଧାରୀ ନ ମିଳିଲେ ଦ୍ୱିତୀୟ ଥର ତା୧୦।୦୮।୨୦୨୦ରେ ଦରଖାସ୍ତ ଆହ୍ୱାନ କରାଯିବ। କୌଣସି କାରଣ ନ ଦର୍ଶାଇ ଲିଜ୍‌କୁ ସ୍ଥଗିତ କିମ୍ବା ରଦ୍ଦ କରିବା କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି।

**ସଇରାତ ଉତ୍ସଗୁଡ଼ିକର ବିବରଣୀ**

| କ୍ର.ସଂ. | ସଇରାତ ଉତ୍ସର ନାମ | ଖାତା ନମ୍ବର | ପ୍ଲଟ୍ ନମ୍ବର | ରକବା | ଅବଧି ସମୟ | ଅମାନତ ରାଶି |
|---|---|---|---|---|---|---|
| 1 | Badaberana Sand Quarry | 316 | 4016 | 5.07 Ac. | ୨୦୨୦-୨୧ ରୁ ୨୦୨୫-୨୬ | 64,925/- |
| 2 | Kankarpal Sand Quarry | 66 | 1230, 1714 | 4.80 Ac. | ୨୦୨୦-୨୧ ରୁ ୨୦୨୫-୨୬ | 65,940/- |
| 3 | Takua Sand Quarry | 332 | 1669 | 2.11 Ac. | ୨୦୨୦-୨୧ ରୁ ୨୦୨୫-୨୬ | 10,675/- |
| 4 | Durgapur Morrum Quarry | 222 | 281 | 5.00 Ac. | ୨୦୨୦-୨୧ ରୁ ୨୦୨୫-୨୬ | 90,930/- |
| 5 | Badaberna Stone Quarry | 316 | 3450, 3451 | 15.78 Ac. | ୨୦୨୦-୨୧ ରୁ ୨୦୨୫-୨୬ | 32,61,668/- |

**ସ୍ୱା./- ତହସିଲଦାର, ଛେଣ୍ଡିପଦା**

## ସଂକ୍ଷେପରେ

### ଏସ୍‌ଟିଏଫ୍ ଟିମ୍ ଜବତ କଲା ୫୦୫ ଲିଟର କିରୋସିନ

**ଭଣ୍ଡାରିପୋଖରୀ,୪।୮(ଡି.ଏନ.ଏ):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ରାମଚନ୍ଦ୍ରପୁର ପଞ୍ଚାୟତ ସଂପୋଇ ଗ୍ରାମରେ ମଙ୍ଗଳବାର କ୍ରାଇମ୍‌ବ୍ରାଞ୍ଚର ଏସ୍‌ଟିଏଫ ଟିମ୍ ଚଢ଼ାଉ କରି ୫୦୫ ଲିଟର କିରୋସିନ ଜବତ କରିଛି। ଏହି ଘଟଣାରେ ସଦାଶିବ ସାହୁଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, କିଛିଦିନ ତଳେ ରାମଚନ୍ଦ୍ରପୁର ଗ୍ରାମରୁ ଯୋଗାଣ ବିଭାଗ ୬୩୨ ଲିଟର ଚୋରା କିରୋସିନ ଜବତ କରିଥିଲା। ଛତାବର ଛକଠାରୁ ଆଖୁଆପଦା ପର୍ଯ୍ୟନ୍ତ ୧୬ ନଂ. ଜାତୀୟ ରାଜପଥ ଓ ପାଶ୍ୱର୍ବର୍ତ୍ତୀ ପୁରିପଡ଼ା, ଡାହାଲା,ସଂପୋଇ ଅଞ୍ଚଳରେ ଦିନକୁ ଦିନ ଚୋରା କିରୋସିନ ବେପାର ବଢ଼ିବାରେ ଲାଗିଛି। ସ୍ଥାନୀୟ ପୋଲିସ ଓ ପ୍ରଶାସନ ସବୁଜାଣି ନିରବ ରହୁଥିବା ଏସ୍‌ଟିଏଫ ଟିମ୍ ଦ୍ୱାରା ଜବତ ଚୋରା କିରୋସିନରୁ ସ୍ପଷ୍ଟ ବାରି ହୋଇପଡୁଛି। ଜିଲା ପ୍ରଶାସନ ଉକ୍ତ ଅଞ୍ଚଳ ପ୍ରତି ଦୃଷ୍ଟି ଦେଇ କ୍ରମାଗତ ଚଢ଼ାଉ କଲେ ବହୁ ଚୋରା ବେପାର ନଜରକୁ ଆସିପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ମୃତ

**ଉଦଳା,୪।୮(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଉଦଳା ଥାନା ଦିଘିନୂଆସାହି ଛକ ନିକଟରେ ମଙ୍ଗଳବାର ବାଇକ୍ ଦୁର୍ଘଟଣାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଦିଘିନୂଆସାହି ଗ୍ରାମର ବୁଛୁ ମୁର୍ମୁ ଓ କାଳିମେଘି ଗ୍ରାମର ବାଦ୍ର ହେମ୍ବ୍ରମ। ସ୍ଥାନୀୟ ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି। ଉଦଳା ପୋଲିସ୍ ବାଇକ୍ ୨ଟିକୁ ଜବତ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

### ଯୁବତୀଙ୍କ ଆତ୍ମହତ୍ୟା

**ଯୋଡ଼ା, ୪।୮(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡା ସହରର କମାରଯୋଡା ପେଣ୍ଡେଇ ବସ୍ତିଠାରେ ରହୁଥିବା ଜଣେ ଯୁବତୀ ବେକରେ ଓଢଣୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ସୋମବାର ସନ୍ଧ୍ୟାରେ ସମ୍ପୃକ୍ତ ଯୁବତୀ ନିଜ ଶୋଇବା ଘରେ ଏକ ଓଢଣୀରେ ଫାଶି ଲଗାଇ ଝୁଲୁଥିବା ତାଙ୍କ ମା' ଦେଖିଥିଲେ। ଯୋଡାସ୍ଥିତ ଟାଟାଷ୍ଟିଲ ଡାକ୍ତରଖାନାକୁ ନିଆଯାଇଥିଲେ ହେଁ, ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଯୋଡା ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୨୮/୨୦୨୦) ରୁଜୁ କରିବା ସହିତ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

### ୩ ପଜିଟିଭ ଚିହ୍ନଟ ପରେ କାରଖାନା ଶଟ୍ ଡାଉନ

**କେନ୍ଦୁଝର, ୪।୮(ଡି.ଏନ୍.ଏ.)-** କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଫୁଲଝରସ୍ଥିତ ଏକ କାରଖାନାର ୩ଜଣ କର୍ମଚାରୀ କରୋନା ପଜିଟିଭ ଚିହ୍ନଟ ହେବା ପରେ କାରଖାନାକୁ କମ୍ପାନୀ ପକ୍ଷରୁ ଶଟ୍ ଡାଉନ କରାଯାଇଛି। ସଂକ୍ରମଣ ଅଧିକ ଯେପରି ନହେବ ସେଥିପାଇଁ କାରଖାନାର ବିଭିନ୍ନ ଯନ୍ତ୍ରାଂଶ ବିଶୋଧିତ କରାଯିବା ସହ କାରଖାନା ପରିସର, ଷ୍ଟାଫ୍ କଲୋନୀ,ଅଫିସ୍ ଏବଂ କାରଖାନା ବାହାର ଚତୁଃପାର୍ଶ୍ୱ ବିଶୋଧନ କରାଯାଇଛି। କରୋନା ସଂକ୍ରମଣ ଏଡାଇବା ପାଇଁ କମ୍ପାନୀ ପକ୍ଷରୁ ଶୁକ୍ରବାରଠାରୁ କାରଖାନାକୁ ଶଟ୍ ଡାଉନ କରାଯାଇ ବିଶୋଧନ କାର୍ଯ୍ୟ କରାଯାଉଛି। କାରଖାନାର ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ବହୁ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ବିଶୋଧିତ କାର୍ଯ୍ୟ ତଦାରଖ କରିଥିଲେ।

# ରାସ୍ତାରେ ଶୋଇ ନୀରବ ପ୍ରତିବାଦ

**ନର୍ଦ୍ଦମା ପାଣିରେ ସାହି ବାସିନ୍ଦା**

ଭଦ୍ରକ ଅଫିସ, ୪।୮

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଚରମ୍ପା ଓ ଏରେଇ ପଞ୍ଚାୟତର ଆର୍‌ଟିଓ ଅଫିସ ସଂଲଗ୍ନ ଆଦିବାସୀପଡ଼ା ବାସିନ୍ଦା ସବୁକ୍ଷେତ୍ରରେ ଉପେକ୍ଷିତ ହୋଇରହିଛନ୍ତି। ଏଠାକାର ଲୋକେ ଦୀର୍ଘଦିନ ହେଲା ବିଦ୍ୟୁତ୍ ସେବାରୁ ବଞ୍ଚିତ ରହିଥିବା ବେଳେ ଏବେ ନର୍ଦ୍ଦମା ପାଣି ଚିନ୍ତା ବଢାଇଛି। ଦୁଇଦିନ ବର୍ଷା ହେବା ଫଳରେ ସାହି ମଧ୍ୟରେ ଆଣ୍ଠୁଏ ଉପରେ ନର୍ଦ୍ଦମା ପାଣି ଜମି ରହିବା ସହ ଘର ମଧ୍ୟରେ ମଧ୍ୟ ପଶିଯାଇଛି। ଏହାସହ ଚରମ୍ପା ଅଞ୍ଚଳରୁ ନର୍ଦ୍ଦମା ପାଣି ଏହି ସାହିକୁ ଛଡାଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏହି ସମସ୍ୟାର ସମାଧାନ ଲାଗି ପ୍ରଶାସନ କି ଜନପ୍ରତିନିଧି କେହି ଦୃଷ୍ଟି ନ ଦେବାରୁ ମଙ୍ଗଳବାର ଭଦ୍ରକ ଶହୀଦ ବିର୍ସା ମୁଣ୍ଡା ଆଦିବାସୀ ସଂଘ ସଭାପତି ଭବେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଶତାଧିକ


ରାସ୍ତା ଉପରେ ଆଦିବାସୀମାନେ ଶୋଇ ପ୍ରତିବାଦ ଜଣାଉଛନ୍ତି।

ମହିଳା, ପୁରୁଷ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ଘର ଅଭିମୁଖେ ଶୋଭାଯାତ୍ରାରେ ଯାଉଥିଲେ। ରାଜଘାଟ ପୋଲଠାରେ ପୋଲିସ ଅଟକାଇବାକୁ ଉଦ୍ୟମ କରି ପ୍ରତିବାଦକାରୀଙ୍କ ବ୍ୟାନର ଚିରି ଦେଇଥିଲା। ଫଳରେ ଲୋକେ ରାସ୍ତା ଉପରେ ଶୋଇ ନୀରବ ପ୍ରତିବାଦ ଜଣାଇଥିଲେ। ଏସ୍‌ଡ଼ିପିଓ ସୁନୀଲ ନନ୍ଦ ଓ ଉପଜିଲାପାଳ ପୀତାମ୍ବର ସାମଲ ପହଞ୍ଚି ବୁଝାଶୁଝା କରିବା ସହ ଯଥାଶୀଘ୍ର ସେମାନଙ୍କ ସମସ୍ୟା ସମାଧାନ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକ ମଲ୍ଲିକଙ୍କ ସହ ଫୋନ ଯୋଗେ ଆଲୋଚନା ପରେ ଆଦିବାସୀମାନେ ବିକ୍ଷୋଭରୁ ହଟିଥିଲେ।

# ପୂର୍ବଶତ୍ରୁତାକୁ ନେଇ ଗୋଷ୍ଠୀ ସଂଘର୍ଷ

**ଜଣେ ମୃତ, ଜଣେ ଗୁରୁତର**

ବାଲେଶ୍ୱର ଅଫିସ, ୪।୮

ବାଲେଶ୍ୱର ଜିଲା ସଦର ବ୍ଲକ ବୁଆଁଳ ପଞ୍ଚାୟତ ଅଞ୍ଚଳରେ ପୂର୍ବଶତ୍ରୁତାକୁ ନେଇ ଗୋଷ୍ଠୀ ସଂଘର୍ଷ ହୋଇଛି। ସୋମବାର ରାତିରେ ଗୋଟିଏ ଗୋଷ୍ଠୀର ୧୫ରୁ ୨୦ଜଣ ଯୁବକଙ୍କ ଆକ୍ରମଣରେ ଅନ୍ୟ ଗୋଷ୍ଠୀର ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଏ ନେଇ ସଦର ଥାନାରେ ଏକ ମାମଲା (ନଂ. ୨୧୫/୨୦) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

ପାରିକୁଳ ଗାଁର ପ୍ରିୟବ୍ରତ ମହାପାତ୍ର ଓ ତପନ ପାତ୍ର ସୋମବାର ରାତି ସାଢ଼େ ୮ଟା ବେଳେ ଡିଜେଲ ନେଇ ସ୍କୁଟି ଯୋଗେ ଗାଁକୁ ଫେରୁଥିଲେ। ଛତ୍ରପୁର ବେଲବାରିଆଠାରେ ଅନ୍ୟ ଏକ ଗୋଷ୍ଠୀର ବିଜୁ ଜେନା, ଭଜ ଜେନା, ବିଜୁଳି ଜେନା, ଲିପୁ ଜେନା, ସୁଧୀର ଜେନା, ପଞ୍ଚୁଆ ଜେନା, ବସନ୍ତ ପଣ୍ଡା, ଟୁକୁ ବେହେରା, କଟି ନାଥ ଓ ମୁନା ଦାସ ପ୍ରମୁଖ ସେମାନଙ୍କୁ ଅଟକାଇଥିଲେ। ପୂର୍ବ ଗଣ୍ଡଗୋଳକୁ ନେଇ କଥା କଟାକଟି ହେବାରୁ ତେଲେଙ୍ଗା କଟୁରୀ, ଖଣ୍ଡା ଓ ଭୁଜାଲିରେ ଉକ୍ତ ଦୁଇଯୁବକଙ୍କୁ ଆକ୍ରମଣ କରାଯାଇଥିଲା। ଆକ୍ରମଣରେ ତପନଙ୍କ ଗୋଟିଏ ହାତ ସମ୍ପୂର୍ଣ୍ଣ ହାଣି ଦିଆଯାଇଥିବା ବେଳେ ଅନ୍ୟ ଏକ ହାତ, ମୁଣ୍ଡ, ଗୋଡ଼କୁ ହାଣି ଗୁରୁତର କରିଦିଆଯାଇଛି। ସେହିପରି ଆକ୍ରମଣକାରୀମାନେ ପ୍ରିୟବ୍ରତଙ୍କ ହାତକୁ ମଧ୍ୟ ହାଣିଦେଇଥିଲେ। ତପନ ଓ ପ୍ରିୟବ୍ରତଙ୍କ ସହଯୋଗୀ ପହଞ୍ଚିବା ବେଳକୁ ଆକ୍ରମଣକାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ତପନଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡଡାକ୍ତରଖାନାକୁ ନିଆଯାଉଥିଲା। ବାଟରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସୋର ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରିୟବ୍ରତଙ୍କ ବାପା ମୂରଲୀଧର ମହାପାତ୍ର ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସଦର ଥାନାର ସବ୍‌ଇନ୍ସପେକ୍ଟର ତଥା ତଦନ୍ତକାରୀ ଅଧିକାରୀ ରବୀନ୍ଦ୍ର ଚନ୍ଦ୍ର ସେଠୀ କହନ୍ତି, ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଉଭୟ ପକ୍ଷର ଯୁବକମାନଙ୍କ ନାମରେ ପୂର୍ବରୁ ୧୦ରୁ ୧୫ଟି ମାମଲା ରହିଛି। ଅଭିଯୁକ୍ତମାନେ ଫେରାର ଅଛନ୍ତି।

# ଝାଉଁ ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ହତ୍ୟା ସନ୍ଦେହ, ୩ ଅଟକ**

ବାସୁଦେବପୁର, ୪।୮(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ କୁମାରପୁର ପଞ୍ଚାୟତ କାନ୍ତିପୁରଆଡ଼ିଆ ଝାଉଁ ଜଙ୍ଗଲରୁ ମଙ୍ଗଳବାର ସକାଳେ ପୋଲିସ ଝୁଲନ୍ତା ଅବସ୍ଥାରେ କୈଳାସ ଚନ୍ଦ୍ର ମାଝି(୨୮)ଙ୍କ ମୃତଦେହକୁ ଉଦ୍ଧାର କରିଛି। ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇ ଗଛରେ ଟାଙ୍ଗି ଦିଆଯାଇଥିବା ପତ୍ନୀ ପଦ୍ମାବତୀ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ମାମଲା (ନଂ. ୧୯୭/୨୦) ରୁଜୁ କରିଛି।

କୈଳାସ ପିନ୍ଧିଥିବା ଲୁଙ୍ଗି ଲଗାଇ ଝାଉଁ ଗଛରେ ସନ୍ଦେହଜନକ ଭାବେ ଝୁଲି ରହିଥିବା ବେଳେ ସ୍ଥାନୀୟ ଲୋକେ ଦେଖି ତାଙ୍କ ପରିବାର ଓ ପୋଲିସକୁ ଖବର ଦେଇଥିଲେ। ବାସୁଦେବପୁର ଆଇଆଇସି ପ୍ରଦୀପ କୁମାର ମାଝି ଘଟଣାର ପ୍ରାଥମିକ ତଦନ୍ତ କରିବା ପରେ ଭଦ୍ରକ ଏସ୍‌ଡିପିଓ ସୁନୀଲ କୁମାର ନନ୍ଦଙ୍କ ସମେତ ସାଇଣ୍ଟିଫିକ୍ ଟିମ୍ ଘଟଣାର ତଦନ୍ତ କରିଛନ୍ତି। ଏହି ଘଟଣାରେ ପୋଲିସ କୈଳାସଙ୍କର ୩ଜଣ ସମ୍ପର୍କୀୟଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ଉଲ୍ଲେଖଯୋଗ୍ୟ, ସୋମବାର କୈଳାସ ଓ ତାଙ୍କର ସମ୍ପର୍କୀୟ ଦାଦାଙ୍କ ମଧ୍ୟରେ ଘର ଜମିକୁ ନେଇ ଗଣ୍ଡଗୋଳ ହୋଇଥିଲା। ମଙ୍ଗଳବାର କୈଳାସଙ୍କର ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହେବା ଘଟଣାକୁ ଅଧିକ ରହସ୍ୟମୟ କରିଛି। ଘଟଣାସ୍ଥଳରେ ଏକ ସାଇକେଲ ରହିଥିବା ଦେଖିବାକୁ ମିଳିଛି।

# ବାଙ୍ଗାଲୋରରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

ବାହାନଗା, ୪।୮(ଡି.ଏନ.ଏ.)

ବାଙ୍ଗାଲୋରରେ କାମ କରୁଥିବା ବାଲେଶ୍ୱର ଜିଲା ବାହାନଗା ବ୍ଲକ ତାଳକୁରୁଣିଆଁ ପଞ୍ଚାୟତର ଜଣେ ଯୁବକଙ୍କ ସୋମବାର ମୃତ୍ୟୁ ହୋଇଛି। ମୃତ୍ୟୁ ପରେ ତାଙ୍କ ସ୍ୱାବ ଟେଷ୍ଟ କରାଯିବାରୁ ସେ କରୋନା ପଜିଟିଭ୍ ଥିବା ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ଗଙ୍ଗାଧର ସାହୁ(୩୫) ଦୀର୍ଘ ୮ବର୍ଷ ଧରି ବାଙ୍ଗାଲୋରରେ ନିଜ ପରିବାର ସହ ରହୁଥିଲେ। ସେ ଏକ ଘରୋଇ କମ୍ପାନୀରେ କାମ କରି ଆସୁଥିଲେ। ତାଙ୍କୁ ୩ ଦିନ ତଳେ ଜ୍ୱର ହୋଇଥିଲା। ସୋମବାର ଗଙ୍ଗାଧରଙ୍କୁ ଜ୍ୱର ହେବାରୁ ଆମ୍ବୁଲାନ୍ସ ଯୋଗେ ମେଡିକାଲ ଯିବା ପାଇଁ ତାଙ୍କ ପତ୍ନୀ ବାହାରିବା ସମୟରେ ଗଙ୍ଗାଧରଙ୍କର ମୃତ୍ୟୁ ହୋଇଯାଇଥିଲା। ଆମ୍ବୁଲାନ୍ସ କିମ୍ବା କୌଣସି ଗାଡି ଶବ ନେଇ ମେଡିକାଲକୁ ଯିବା ପାଇଁ ମନା କରିବାରୁ ମଙ୍ଗଳବାର ପର୍ଯ୍ୟନ୍ତ ଶବ ଘର ଭିତରେ ପଡିରହିଥିଲା। ଖବରପାଇ ପ୍ରବାସୀ ଓଡିଆମାନେ ପହଞ୍ଚି କୋଭିଡ୍ ଟେଷ୍ଟ ପାଇଁ ଜିଦ୍ ଧରି ବସିରହିବାରୁ ମଙ୍ଗଳବାର ସେଠାକାର ସରକାରଙ୍କୁ ପକ୍ଷରୁ କୋଭିଡ୍ ଟେଷ୍ଟ କରାଯାଇଥିଲା। ଗଙ୍ଗାଧରଙ୍କ ସ୍ୱାବ ପଜିଟିଭ ଆସିଥିଲା। ତାଙ୍କ ପତ୍ନୀ ଓ ଦୁଇ ପିଲାଙ୍କ ସ୍ୱାବ ନେଗେଟିଭ ଥିବା ଜଣାପଡିଛି।


କପ୍ତିପଦାରେ ଆଦିବାସୀମାନେ ପୂଜାର୍ଚ୍ଚନା କରୁଛନ୍ତି।

# ବର୍ଷା ଲାଗି ଇନ୍ଦ୍ରଦେବଙ୍କୁ ପୂଜାର୍ଚ୍ଚନା

କପ୍ତିପଦା,୪।୮(ଡି.ଏନ.ଏ)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ଲାବଣ୍ୟଦେଇପୁର ପଞ୍ଚାୟତ କଟୁରିଆ ଧାନଚଟୁରୀ ପାହାଡ଼ରେ ବର୍ଷା ଲାଗି ଆଦିବାସୀମାନେ ପୂଜାର୍ଚ୍ଚନା କରିଛନ୍ତି। ବିଲ ଫାଟି ଆଁ କରିବାକୁ ବସିଥିବା ବେଳେ ବର୍ଷା ପାଇଁ ଇନ୍ଦ୍ରଦେବ ଓ ଗାଁ ଠାକୁରାଣୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏହି ପୂଜା ଅନୁଷ୍ଠିତ ହୋଇଥିଲା। ଅଞ୍ଚଳର ସମସ୍ତ ମହିଳା ପୁରୁଷ ଏଥିରେ ସାମିଲ ହୋଇଥିବା ବେଳେ ପାରମ୍ପରିକ ନୃତ୍ୟରେ ନାଚୁଥିବା ଦେଖିବାକୁ ମିଳିଥିଲା। ଏହି ପୂଜାର୍ଚ୍ଚନାରେ କାଳିସୀକୁ ଦାସୀ ଲାଗିବା ପରେ ଇନ୍ଦ୍ରଦେବ ଓ ଗାଁ ଠାକୁରାଣୀଙ୍କୁ ସନ୍ତୁଷ୍ଟ କରିବା ପାଇଁ କାଳିସୀ ଯାହା ନିର୍ଦ୍ଦେଶ ଦିଅନ୍ତି ଗାଁ ଲୋକେ ତାହା ପୂରଣ କରନ୍ତି ବୋଲି ପରମ୍ପରା ରହିଛି। ଚଳିତ ବର୍ଷ ମେଣ୍ଢା ବଳିଦିଆଯାଇଥିବା ସୂଚନା ମିଳିଛି।

# ରୋଟାରି କ୍ଲବ ପକ୍ଷରୁ ସହାୟତା

ଯୋଡ଼ା, ୪।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ରୋଟାରୀ କ୍ଲବ ପକ୍ଷରୁ ଯୋଡା ଲାଓ ପ୍ୟାଲେସ ଛକଠାରେ ବିଭିନ୍ନ ବସ୍ତି ଓ ହଟିଂରେ ରହୁଥିବା ଗରିବ ଅସହାୟଙ୍କୁ ଚିହ୍ନଟ କରି ସହାୟତା ଦିଆଯାଇଛି। କରୋନା ପାଇଁ ପ୍ରଶାସନ ପକ୍ଷରୁ ଅଞ୍ଚଳରେ ବିଭିନ୍ନ ସମୟରେ ଲକଡାଉନ, ଶଟ୍ ଡାଉନ ଘୋଷଣା କରାଯାଉଛି। ଫଳରେ ସାଧାରଣ ଦିନ ମଜୁରିଆ, ଶ୍ରମିକ, ଗରିବ ଓ ଅସହାୟ ଲୋକେ କାମଧନ୍ଦା ନ ପାଇ ଜିବୀକା ହରାଇବା ଫଳରେ ପରିବାର ପ୍ରତିପୋଷଣ କରିବା ସେମାନଙ୍କ ପକ୍ଷରେ କଷ୍ଟକର ହୋଇପଡିଛି। ସରକାରଙ୍କ ସାଧାରଣ ବଣ୍ଟନ ଯୋଜନା ମାଧ୍ୟମରେ କେତେକ ଲୋକ ରାଶନ ପାଉଥିବା ବେଳେ ଅନେକଙ୍କର ରାଶନ କାର୍ଡ ନ ଥିବାରୁ ସେମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ଏଭଳି ପରିସ୍ଥିତିରେ ଯୋଡା ରୋଟାରୀ କ୍ଲବର କର୍ମକର୍ତ୍ତାମାନେ ସହରର ବିଭିନ୍ନ ସାହି ବସ୍ତି ଓ ହଟିଂର ଏପରି ଗରିବ ଅସହାୟ ଙ୍କୁ ଚିହ୍ନଟ କରି ପରିବାର ପିଛା ଗୋଟିଏ ୨୫ କେଜି ପ୍ୟାକେଟର ଚାଉଳ, ୨ କେଜି ଆଳୁ, ୨ କେଜି ପିଆଜ, ୨ କେଜି ଡାଲି, ୧ ପ୍ୟାକେଟ୍ ଲୁଣ ଓ ୧ ଲିଟର ତେଲ ଯୋଗାଇ ଦେଇଛନ୍ତି। ସାମାଜିକ ଦୂରତ୍ୱ ରକ୍ଷା କରି ଏହି ବିତରଣ କାର୍ଯ୍ୟକ୍ରମ କରାଯାଇଥିଲା। ପରେ ଯୋଡା ସହରର ବିଭିନ୍ନ ମନ୍ଦିର ଓ କାର୍ଯ୍ୟାଳୟ ଗୁଡିକରେ ମାସ୍କ ଓ ହ୍ୟାଣ୍ଡ ସାନିଟାଇଜର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରୋଟାରିଆନ୍ ବିକାଶ ରଞ୍ଜନ ମହାନ୍ତି, ଜିତେନ୍ଦ୍ର ବୈଦ୍ୟ, ସିଦ୍ଧାର୍ଥ ସାରଥୀ କର, ପ୍ରକାଶ ମହାନ୍ତି, ରାକେଶ ସିଘାଣିଆ, ରାକେଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟ କର୍ମଚାରୀ କରୋନା ପଜିଟିଭ

ବନ୍ତ,୪।୮(ସ୍ୱ.ପ୍ର.)

ବନ୍ତ ବ୍ଲକ ଆଗରପଡା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ଜଣେ ସ୍ୱାସ୍ଥ୍ୟ କର୍ମଚାରୀ କରୋନା ପଜିଟିଭ୍ ବାହାରିବା ପରେ ମଙ୍ଗଳବାର ଓ ବୁଧବାର ଦୁଇଦିନ ସ୍ୱାସ୍ଥ୍ୟକେନ୍ଦ୍ରର ବର୍ହିବିଭାଗକୁ ବନ୍ଦ ରଖାଯାଇଛି। କେବଳ ଜରୁରୀକାଳୀନ ଚିକିତ୍ସା ପାଇଁ ଆସୁଥିବା ରୋଗୀଙ୍କୁ ସେବା ଯୋଗାଇଦିଆଯିବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପ୍ରକାଶ କରାଯାଇଛି।

# ଜିଲାପାଳ ଦେଲେ ତଦନ୍ତ ନିର୍ଦ୍ଦେଶ

**ଯୁବକଙ୍କୁ ଲଙ୍ଗଳା କରି ପରିସ୍ରା ପିଆଇବା ଘଟଣା**

- ମୁଖ୍ୟ ଅଭିଯୁକ୍ତ ଗିରଫ, ପୋଲିସର ତନାଘନା

ଭଦ୍ରକ ଅଫିସ, ୪।୮

ଭଦ୍ରକ ଜିଲା ତିହିଡ଼ି ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କ ସହ ସମ୍ପର୍କ ରଖିବାକୁ ନେଇ ସୋମବାର ୧୭ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଜଣେ ଯୁବକଙ୍କୁ ଲଙ୍ଗଳା କରି ଜୋତାମାଳ ପିନ୍ଧାଇ ଗାଁ ଦାଣ୍ଡରେ ବୁଲାଇବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏପରିକି ପାଣି ପିଇବାକୁ ମାଗିବାରୁ ତାଙ୍କୁ ପରିସ୍ରା ଦିଆଯାଇଥିଲା ବୋଲି ଯୁବକଙ୍କ ସ୍ତ୍ରୀ ଅଭିଯୋଗରେ ଦର୍ଶାଇଛନ୍ତି। ଏହି ମାମଲାରେ ମାନବାଧିକାର କ୍ଷୁର୍ଣ୍ଣ ହୋଇଥିବାରୁ ଜିଲାପାଳ ଡ. ଜ୍ଞାନରଞ୍ଜନ ଦାସ ତିହିଡ଼ି ଥାନାଧିକାରୀ ଓ ତହସିଲଦାର ଯୁଗ୍ମ ଭାବେ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତିହିଡ଼ି ପୋଲିସ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶତ୍ରୁଘ୍ନ ମହାଲିକଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୋଜା ଚାଲିଥିବା ଥାନାଧିକାରୀ ରମେଶ ଚନ୍ଦ୍ର ସିଂ ସୂଚନା ଦେଇଛନ୍ତି। ଅକ୍ରୋଶର ଶିକାର ହୋଇଥିବା ଯୁବକ ଜଣକ ହେଲେ ଶୁକଦେବ ମହାଲିକ। ଖବର ପାଇ ପୋଲିସ ପହଞ୍ଚି ଲୋକଙ୍କ କବଳରୁ ତାଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ଅନୈତିକ ସମ୍ପର୍କ ନେଇ ପ୍ରତିବାଦ କରିବାରୁ ଶୁକଦେବ ମାଡ଼ ମାରିଥିବା ମହିଳାଙ୍କ ସ୍ୱାମୀ ପାଲଟା ଏତଲା ଦେଇଛନ୍ତି। ତିହିଡ଼ି ପୋଲିସ ଏକ ମାମଲା(ନଂ. ୨୮୪/୨୦) ରୁଜୁ କରି ଶୁକଦେବଙ୍କୁ କୋର୍ଟଚାଲାଣ କରିଛି। ଅପରପକ୍ଷରେ ଶୁକଦେବଙ୍କ ପତ୍ନୀ ସୁକାନ୍ତୀ ମହାଲିକଙ୍କ ଏତଲା ଆଧାରରେ ୧୭ଜଣଙ୍କ ବିରୋଧରେ ମାମଲା(ନଂ. ୨୮୬/୨୦) ରୁଜୁ ହୋଇଛି। ଏହି ଘଟଣା ପରେ ଶୁକଦେବଙ୍କ ପତ୍ନୀ ଓ ପିଲାମାନେ ଭାଙ୍ଗିପଡ଼ିଛନ୍ତି। ତାଙ୍କ ପରିବାରକୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି।

# ଜଳ ନିଷ୍କାସନ ନେଇ ଚାଷୀଙ୍କ ରାସ୍ତା ଅବରୋଧ

ବନ୍ତ,୪।୮(ଡି.ଏନ୍.ଏ.)

ଭଦ୍ରକ ଜିଲା ବନ୍ତ ତହସିଲ ଟିଲୋ ମୌଜା ଅଧୀନ ବେଲମଳା ଓ ପାଞ୍ଚବାଟିଆ ଗ୍ରାମର ଚାଷ ଜମିରୁ ଜଳ ନିଷ୍କାସନ ଦାବିରେ ମଙ୍ଗଳବାର ଚାଷୀମାନେ ରାସ୍ତା ଅବରୋଧ କରିଥିଲେ। ପ୍ରାୟ ୫୦ ଏକର ଚାଷ ଜମି ଜଳମଗ୍ନ ଥିବାରୁ ତଳି ଓ ରୁଆ ଧାନ ପଚିବା ଆଶଙ୍କା କରି ସେମାନେ ଭଦ୍ରକ-ଆନନ୍ଦପୁର ୫୩ନଂ.ରାଜ୍ୟ ରାଜପଥର ଟିଲୋ ଜାଗୁଲାଇପଦା ଛକଠାରେ ପୂର୍ବାହ୍ନ ୧୧ଟାରୁ ୧୨ଟା ପର୍ଯ୍ୟନ୍ତ ରାସ୍ତାରେ ବସିଥିଲେ। ଖବରପାଇ ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ସୁପରଭାଇଜର ଅତୁଲ କୁମାର ଭୂୟାଁ ଘଟଣାସ୍ଥଳରେ ପହଞ୍ଚି ରାଜ୍ୟ ରାଜପଥ ନିର୍ମାଣକାରୀ ସଂସ୍ଥାର କର୍ମଚାରୀ ଓ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ପରେ ନିର୍ମାଣକାରୀ ସଂସ୍ଥା ପକ୍ଷରୁ ଜେସିବି


ଜେସିବି ମେଶିନ୍ ଦ୍ୱାରା ନିଷ୍କାସନ ନାଳ ତିଆରି ଚାଲିଛି।

ମେଶିନ୍ ଦ୍ୱାରା କପାଳୀ ନଦୀ ପର୍ଯ୍ୟନ୍ତ ନିଷ୍କାସନ ନାଳ ତିଆରି କରାଯିବାରୁ ଚାଷୀମାନେ ଆନ୍ଦୋଳନରୁ ଓହରି ଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଗତ ୪ ଦିନ ପୂର୍ବେ ବର୍ଷା ହେବା ଫଳରେ ଟିଲୋ ପଞ୍ଚାୟତର ଶଙ୍ଖନାଳରେ ପ୍ରବଳ ପାଣି ଆସିଥିଲା। ଏହି ବର୍ଷା ଜଳ ରାଜ୍ୟ ରାଜପଥ ପାର୍ଶ୍ୱ ନାଳରେ ଯିବାକୁ ଥିବା ବେଳେ ନାଳ ସଫା ହୋଇ ନ ଥିବାରୁ ବେଲମଳା,ପାଞ୍ଚବାଟିଆ ଗ୍ରାମର ଚାଷ ଜମି ଜଳମଗ୍ନ ହୋଇଥିଲା। ଏନେଇ ଚାଷୀମାନେ ଜିଲାପାଳ ଓ ତହସିଲଦାରଙ୍କୁ ଅବଗତ କରାଇବା ସହ ରାସ୍ତା ଅବରୋଧ କରିଥିଲେ। ଏସମ୍ପର୍କରେ ସୁପରଭାଇଜର ଭୂୟାଁଙ୍କୁ ପଚାରିବାରୁ ନିଷ୍କାସନ ନାଳ ନିର୍ମାଣ କାର୍ଯ୍ୟ ଚାଲିଥିବା କହିଥିଲେ।


# ଅଧିକ ପ୍ଲାଜ୍‌ମା ସଂଗ୍ରହ ଉପରେ ଗୁରୁତ୍ୱ

ବାରିପଦା ଅଫିସ/ରାଇରଙ୍ଗପୁର/ବାଙ୍ଗିରିପୋଷି,୪।୮(ଡି.ଏନ.ଏ.)

କରୋନା ସଂକ୍ରମଣକୁ ରୋକିବା ଏବଂ କୋଭିଡ୍-୧୯ରୁ ମୁକ୍ତି ପାଇବା ପାଇଁ ଅଧିକ ପ୍ଲାଜମା ସଂଗ୍ରହ କରିବା ନିମନ୍ତେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ, ଆଇନ,ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ଗୁରୁତ୍ୱାରୋପ କରିଛନ୍ତି। ମଙ୍ଗଳବାର ମୟୂରଭଞ୍ଜ ଜିଲା ଗସ୍ତରେ ଆସି ସେ ଏହା କହିଛନ୍ତି। ଏହି ପରିପ୍ରେକ୍ଷୀରେ ବାରିପଦା ସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଜିଲାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।


ବାରିପଦା ଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମନ୍ତ୍ରୀ ପ୍ରତାପ ଜେନା, ସୁଦାମ ମାରାଣ୍ଡି ଓ ଅନ୍ୟମାନେ।

ଜିଲାରେ ଅଦ୍ୟାବଧି ମୋଟ ୪୬୫ ଆକ୍ରାନ୍ତ ଆରୋଗ୍ୟ ଲାଭ କରିଥିବା ବେଳେ ପ୍ରାୟ ୩୦୦ସୁସ୍ଥ ହୋଇଥିବା ବ୍ୟକ୍ତି ପ୍ଲାଜ୍‌ମା ଦାନ କରିବାକୁ ଉପଯୋଗୀ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ସେମାନଙ୍କ ମଧ୍ୟରୁ ୧୫୦ ଜଣ ପ୍ଲାଜ୍‌ମା ଦାନ ପାଇଁ ସହମତି ପ୍ରକାଶ କରିଛନ୍ତି। ଅବଶିଷ୍ଟ ଲୋକଙ୍କୁ ଜିଲା ପ୍ରଶାସନ ପକ୍ଷରୁ ପ୍ଲାଜ୍‌ମା ଦାନ ପାଇଁ ଆହ୍ୱାନ କରାଯିବା ପାଇଁ ମନ୍ତ୍ରୀ ଜେନା ଗୁରୁତ୍ୱ ଦେଇଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ମୋରଡ଼ା ବିଧାୟକ ରାଜ କିଶୋର ଦାସ, ଜିଲାପାଳ ବିନୀତ ଭରଦ୍ୱାଜ, ପିଏଆଇଟିଡିଏ, ବାରିପଦା ଉପଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ପିଆର୍‌ଏମ୍ ମେଡିକାଲ କଲେଜର ସୁପରିଟେଣ୍ଡେଣ୍ଟ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରାଇରଙ୍ଗପୁର ଓ ବାଙ୍ଗିରିପୋଷି ଗସ୍ତରେ ଆସି ସ୍ଥାନୀୟ ଲୋକ ପ୍ରତିନିଧି ଓ ସରକାରୀ ଅଧିକାରୀଙ୍କ ସହ ପ୍ଲାଜ୍‌ମା ସଂଗ୍ରହ ଓ କୋଭିଡ୍ ପରିଚାଳନା ନେଇ ମନ୍ତ୍ରୀ ଆଲୋଚନା କରିଥିଲେ।




ଶର୍ଟ ଭିଡ଼ିଓ ମେକିଂ ଆପ୍ ଟିକ୍ ଟକ୍‌କୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଥିବା ମନ୍ତବ୍ୟ ଯୋଗୁ ଚାଇନାର ଚିନ୍ତା ବଢ଼ିବାରେ ଲାଗିଛି। ଟ୍ରମ୍ପ କହିଛନ୍ତି ଯେ, ଟିକ୍‌ଟକ୍ ସେପ୍ଟେମ୍ବର ୧୫ ସୁଦ୍ଧା ବିକ୍ରି ହେବ। ଯଦି ଏପରି ନ ହୁଏ ତେବେ ପରବର୍ତ୍ତୀ ସମୟରେ ଏହାକୁ ଆମେରିକାରେ ବ୍ୟାନ୍ କରାଯିବ। ଏହାକୁ ୫୦ ଶହ କୋଟି ଟଙ୍କାରେ କିଣିବା ପାଇଁ ମାଇକ୍ରୋସଫ୍ଟ ପକ୍ଷରୁ ଆଲୋଚନା ଜାରି ରହିଛି। ଆମେରିକାରେ ଚାଇନା କମ୍ପାନୀକୁ ନେଇ ଲୋକଙ୍କ ମଧ୍ୟରେ ନକାରାତ୍ମକ ଭାବନା ବଢ଼ୁଥିବାରୁ ମାଇକ୍ରୋସଫ୍ଟ ଏହି ସୁଯୋଗ ହାତ ଛଡ଼ା କରିବାକୁ ଚାହୁଁ ନ ଥିବା କୁହାଯାଉଛି।



# ଇତିହାସରେ ଅଯୋଧ୍ୟା



**ଭାରତର ପ୍ରାଚୀନତମ ନଗରୀ ମଧ୍ୟରୁ ଗୋଟିଏ ଅଯୋଧ୍ୟା। ଭଗବାନ ବିଷ୍ଣୁଙ୍କ ନିର୍ଦ୍ଦେଶରେ ରାଜା ମନୁ ଏହାକୁ ନିର୍ମାଣ କରିଥିବା ପୌରାଣିକ ତଥ୍ୟ କୁହେ। ଏଠାରେ ହୋଇଥିଲା ମହାପ୍ରଭୁ ଶ୍ରୀରାମଙ୍କ ଜନ୍ମ। ତେଣୁ ଏହା ଶ୍ରୀରାମଙ୍କ ନଗରୀ ଭାବେ ବିଶ୍ୱବିଦିତ। ହଜାର ହଜାର ବର୍ଷ ଧରି ଅଯୋଧ୍ୟାକୁ ଅନେକ ବଂଶ ଶାସନ କରିଛନ୍ତି। ସେମାନେ ଛାଡ଼ିଯାଇଛନ୍ତି ନିଜସ୍ୱ ପରମ୍ପରା ଏବଂ ସଂସ୍କୃତି। ବହୁବିଧ ସାଂସ୍କୃତିକ ସମାହାରରେ ଅଯୋଧ୍ୟା ପାଲଟିଯାଇଛି ଧର୍ମୀୟ ବିଶ୍ୱାସର ପ୍ରମୁଖ କ୍ଷେତ୍ର।**

**ଅଯୋଧ୍ୟା**

୨୦୨୦ ଅଗଷ୍ଟ ୫। ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ଆରମ୍ଭ ହେବା ସହ ଇତିହାସ ପୃଷ୍ଠାରେ ସବୁଦିନ ପାଇଁ ଲିପିବଦ୍ଧ ହୋଇଯିବ ଏହି ଦିନ। ରାମଲାଲାଙ୍କ ମନ୍ଦିର ନିର୍ମାଣ ଅବ୍ୟବହିତ ପୂର୍ବରୁ ଭବ୍ୟ ଭୂମିପୂଜନ ସମାରୋହ ଆୟୋଜନ କରାଯିବାକୁ ପ୍ରସ୍ତୁତି ଶେଷ ହୋଇଛି। ତେବେ ଇତିହାସରେ ଅଯୋଧ୍ୟା ସବୁବେଳେ ସ୍ୱତନ୍ତ୍ର। ଯିଶୁଖ୍ରୀଷ୍ଟଙ୍କ ଜନ୍ମର ଦୀର୍ଘବର୍ଷ ପୂର୍ବରୁ ଏହି ପ୍ରାଚୀନନଗରୀ ସ୍ଥିତି ଜାହିର କରିସାରିଥିଲା। ତଥାପି ଅଯୋଧ୍ୟାକୁ ଦେଶର କମ୍ ବିକଶିତ ଛୋଟ ସହର ଭିତରେ ଗଣନା କରାଯାଏ। ଏହି ପବିତ୍ରସ୍ଥାନକୁ ନେଇ ବୌଦ୍ଧ, ଜୈନ ଧର୍ମାବଲମ୍ବୀଙ୍କଠାରୁ ଆରମ୍ଭ କରି ହିନ୍ଦୁ, ମୁସଲିମ୍ ସମ୍ପ୍ରଦାୟ ନିଜ ନିଜର ଦାବି ରଖନ୍ତି। ତେବେ ଗତ କିଛି ଦଶନ୍ଧି ମଧ୍ୟରେ ଏହା ପାଲଟିଯାଇଛି ହିନ୍ଦୁ ଧର୍ମର ଆସ୍ଥା ଏବଂ ବିଶ୍ୱାସର ପ୍ରତୀକ। ସନାତନ ସଂସ୍କୃତିରେ ଅଯୋଧ୍ୟାକୁ ସପ୍ତପୁରୀରେ ସାମିଲ କରାଯାଇଛି। ସେଗୁଡ଼ିକ ହେଲା ଅଯୋଧ୍ୟା ମଥୁରା, ମାୟା (ହରିଦ୍ୱାର), କାଶୀ, କାଞ୍ଚି, ଅବନ୍ତିକା (ଉଜ୍ଜୟିନୀ) ଏବଂ ଦ୍ୱାରକା। ଅଥର୍ବବେଦରେ ଅଯୋଧ୍ୟା ଈଶ୍ୱରଙ୍କ ନଗର ବୋଲି ବର୍ଣ୍ଣନା ଅଛି। ଏହି ସ୍ଥାନର ତୁଳନା ସ୍ୱର୍ଗ ସହିତ କରାଯାଇଛି। ସ୍କନ୍ଦପୁରାଣରେ ଆୟୋଧ୍ୟାକୁ ବ୍ରହ୍ମା, ବିଷ୍ଣୁ ଏବଂ ଶିବଙ୍କ ମିଳନସ୍ଥଳୀ ବୋଲି ଅଭିହିତ କରାଯାଇଛି। ରାମମନ୍ଦିର ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ପୂର୍ବରୁ ସାରା ବିଶ୍ୱର ନଜର ଅଯୋଧ୍ୟା ଉପରେ ଅଟକି ଥିବାବେଳେ ଏହି ପ୍ରାଚୀନ ନଗରୀ ବିଷୟରେ ଜାଣିବାକୁ ସମସ୍ତଙ୍କ ମନରେ ବଢ଼ିଛି ଉତ୍ସୁକତା।

■ ଅଯୋଧ୍ୟାରେ ଜନ୍ମିଛନ୍ତି ଅନେକ ଋଷି, ମହାଋଷି, ଯୋଦ୍ଧା, ଅବତାରି ପୁରୁଷ। ସେମାନଙ୍କ ଆଦର୍ଶକୁ ଆଜି ବି ବିଶ୍ୱ ଗ୍ରହଣ କରିଛି। ଜୈନ ମତ ଅନୁଯାୟୀ, ଆଦିନାଥଙ୍କ ସମେତ ୫ଜଣ ତୀର୍ଥଙ୍କର ଏଠାରେ ଜନ୍ମଲାଭ କରିଥିଲେ। ପ୍ରାଚୀନ ସପ୍ତନଗରୀ ମଧ୍ୟରେ ଅଯୋଧ୍ୟାର ଗଣନା ପ୍ରଥମ ସ୍ଥାନରେ କରାଯାଏ।

■ ସରୟୁ ନଦୀର ତଟରେ ଅବସ୍ଥିତ ଅଯୋଧ୍ୟା ବୈବସ୍ୱତ ମନୁ ମହାରାଜାଙ୍କ ଦ୍ୱାରା ସ୍ଥାପନା କରାଯାଇଥିଲା। ବୈବସ୍ୱତ ମନୁ ଖ୍ରୀଷ୍ଟପୂର୍ବ ୬୬୭୩ ବେଳକୁ ସଂସାରକୁ ଆସିଥିବା ପୌରାଣିକ ତଥ୍ୟ କୁହେ। ତାଙ୍କର ୧୦ ଜଣ ପୁତ୍ର ଥିଲେ। ସେମାନଙ୍କ ମଧ୍ୟରେ ଇକ୍ଷାକୁଙ୍କ ବଂଶରେ ମହାପ୍ରଭୁ ଶ୍ରୀରାମଙ୍କ ଜନ୍ମ ହୋଇଥିଲା। ମହାଭାରତ କାଳ ଯାଏ ଏଠାରେ ଇକ୍ଷାକୁ ବଂଶଜଙ୍କ ଶାସନ ଚାଲିଥିଲା।

■ ମହାପ୍ରଭୁ ଶ୍ରୀରାମଙ୍କ ଅସ୍ତିତ୍ୱର ପ୍ରମାଣ ବୈଜ୍ଞାନିକମାନେ ମଧ୍ୟ ଦେଇସାରିଛନ୍ତି। କରାଯାଇଥିବା ଏକ ଅଧ୍ୟୟନ ଅନୁଯାୟୀ, ମହାପ୍ରଭୁ ଶ୍ରୀରାମଙ୍କ ଜନ୍ମ ଖ୍ରୀଷ୍ଟପୂର୍ବ ୫୧୧୪ରେ ହୋଇଥିଲା। ଚୈତ୍ରମାସର ନବମୀ ତିଥିକୁ ରାମଙ୍କ ଜନ୍ମଦିନ ବା ରାମନବମୀ ଭାବେ ପାଳନ କରାଯାଏ।

■ ପୌରାଣିକ କିମ୍ବଦନ୍ତୀ କୁହେ ଶ୍ରୀରାମଙ୍କ ପୁଅ କୁଶ ରାଜଧାନୀ ଅଯୋଧ୍ୟାର ପୁନଃନିର୍ମାଣ କରିଥିଲେ। ଏହାପରେ ୪୪ ପିଢ଼ି ଧରି ସୂର୍ଯ୍ୟବଂଶୀ ରାଜାଙ୍କ ଅଧୀନରେ ରହିଥିଲା। ଏହି ବଂଶର 'ବୃହଦ୍ରଥ' ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ପୁତ୍ର 'ଅଭିମନ୍ୟୁ'ଙ୍କ ହାତରେ ନିହତ ହୋଇଥିଲେ। ମହାଭାରତ ଯୁଦ୍ଧ ପରେ ଅଯୋଧ୍ୟା ଉଜୁଡ଼ିଯାଇଥିଲା।

■ ଘାଟ ଏବଂ ମନ୍ଦିର ପାଇଁ ପ୍ରସିଦ୍ଧ ଅଯୋଧ୍ୟା। ସରୟୁ ନଦୀ ତଟରେ ଥିବା ୧୪ ପ୍ରମୁଖ ଘାଟ ମଧ୍ୟରେ ଗୁପ୍ତଦ୍ୱାର ଘାଟ, କୈକେୟୀ ଘାଟ, କୌଶଲ୍ୟା ଘାଟ, ପାପମୋଚନ ଘାଟ, ଲକ୍ଷ୍ମଣ ଘାଟ ଅନ୍ୟତମ, ଯାହା ପୌରାଣିକ ତଥ୍ୟର ସତ୍ୟତାକୁ ପ୍ରତିପାଦିତ କରୁଛି।

■ ଜୈନ ପରମ୍ପରା ଅନୁଯାୟୀ ୨୪ ତୀର୍ଥଙ୍କରଙ୍କ ମଧ୍ୟରୁ ୨୨ଜଣ ଇକ୍ଷାକୁଙ୍କ ବଂଶଧର। ସମ୍ପୃକ୍ତ ୨୨ ଜଣଙ୍କ ମଧ୍ୟରେ ପ୍ରଥମ ତୀର୍ଥଙ୍କର ଆଦିନାଥ (ଋଷଭଦେବ)ଙ୍କ ସମେତ ୪ ଜଣ ଅନ୍ୟ ତୀର୍ଥଙ୍କର ମଧ୍ୟ ଦେବଭୂମି ଅଯୋଧ୍ୟାରେ ଜନ୍ମିଥିଲେ। ବୌଦ୍ଧ ମାନ୍ୟତା ଅନୁଯାୟୀ ବୁଦ୍ଧଦେବ ଅଯୋଧ୍ୟା ଅଥବା ସାକେତରେ ୧୬ବର୍ଷ ଧରି ରହିଥିଲେ। ଏହିସ୍ଥାନରେ ୧୨ ଶତାବ୍ଦୀରେ ବହୁ ସଂଖ୍ୟାରେ ସୁଫୀସନ୍ଥ ମଧ୍ୟ ରହୁଥିବା କୁହାଯାଏ।

■ ମୌର୍ଯ୍ୟ, ଗୁପ୍ତ ଏବଂ କନୌଜ ବଂଶର ଶାସନ କାଳରେ ଅଯୋଧ୍ୟା ଶାସନତନ୍ତ୍ରର କେନ୍ଦ୍ରବିନ୍ଦୁ ହୋଇ ରହିଥିଲା। ଏହାପରେ ମାମୁଦ ଗଜନୀଙ୍କ ଭଣଜା ସୟଦ୍ ସାଲାର ଏଠାରେ ତୁର୍କ ଶାସନର ସ୍ଥାପନ କରିଥିଲେ। ୧୦୩୩ରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ପର୍ଯ୍ୟାୟକ୍ରମେ ଅନେକେ ଅଯୋଧ୍ୟାକୁ କରାୟତ୍ତ କରି ଶାସନ କରିଛନ୍ତି। ତୈମୁରଙ୍କ ପରେ ଜୈନପୁରରେ ଶକବଂଶର ଶାସନ ଆରମ୍ଭ ହେବା ସହ ଅଯୋଧ୍ୟା ବି ସେମାନଙ୍କ ଅଧୀନ ହୋଇଗଲା। ୧୪୪୦ରୁ ୧୫୨୬ ଯାଏ ଶକବଂଶର ମହମୁଦ୍ ଶାହା ଏହାକୁ ଶାସନ କରିଥିଲେ। ୧୫୨୬ରେ ବାବରଙ୍କ ଦ୍ୱାରା ମୋଗଲ ସାମ୍ରାଜ୍ୟ ସ୍ଥାପନ ହୋଇଥିଲା। ତାଙ୍କ ସେନାପତି ମୀର୍‌ବକୀ ୧୫୨୮ରେ ରାମଜନ୍ମଭୂମି ଅଯୋଧ୍ୟା ଉପରେ ଆକ୍ରମଣ କରି ମନ୍ଦିର ଭାଙ୍ଗିବା ସହ ସେହିସ୍ଥାନରେ ମସ୍‌ଜିଦ୍ ନିର୍ମାଣ କରାଇଥିଲେ। ଏହାର ୪୬୪ ବର୍ଷ ପରେ ୧୯୯୨ରେ ମନ୍ଦିର-ମସ୍‌ଜିଦ୍ ବିବାଦ ଆରମ୍ଭ ହୋଇଥିଲା। ରାମଜନ୍ମଭୂମି ଆନ୍ଦୋଳନ ସମୟରେ ଏହି ମସ୍‌ଜିଦ୍‌କୁ ଭାଙ୍ଗି ଦିଆଯାଇଥିଲା।

■ ବାଲ୍ମୀକି ରାମାୟଣର ୫ମ ସର୍ଗରେ ଅଯୋଧ୍ୟାପୁରୀ ବିଷୟରେ ବର୍ଣ୍ଣନା କରାଯାଇଛି। ବାଲ୍‌କାଣ୍ଡରେ କୁହାଯାଇଛି, ଅଯୋଧ୍ୟାର ଦୈର୍ଘ୍ୟ ୧୨ ଯୋଜନ ଏବଂ ପ୍ରସ୍ଥ ୩ ଯୋଜନ। ସପ୍ତମ ଶତାବ୍ଦୀରେ ଚାଇନା ପରିବ୍ରାଜକ ହୁ-ଏନ୍-ସାଂ ଏହାକୁ 'ପିକୋସିଆ' ସମ୍ବୋଧନ କରିଥିଲେ। 'ଆଇନ-ଏ-ଆକବରୀ'ରେ ଅଯୋଧ୍ୟାର ଦୈର୍ଘ୍ୟ ୧୪୮ କୋଶ ଏବଂ ପ୍ରସ୍ଥ ୩୨ କୋଶ ବୋଲି ବର୍ଣ୍ଣିତ ରହିଛି।

■ ୧୫୮୦ରେ ଆକବର ନିଜ ସାମ୍ରାଜ୍ୟକୁ ୧୨ ସୁବାରେ ବିଭକ୍ତ କରିଥିଲେ। ତନ୍ମଧ୍ୟରେ ଥିବା 'ଅୱଧ' ସୁବାର ରାଜଧାନୀ ଥିଲା ଅଯୋଧ୍ୟା। ୧୭୦୭ରେ ଔରଙ୍ଗଜେବଙ୍କ ମୃତ୍ୟୁ ପରେ ମୋଗଲ ସାମ୍ରାଜ୍ୟର ପତନ ଆରମ୍ଭ ହୋଇଥିଲା। ସମାନ୍ତରାଳ ଭାବେ ଅନେକ କ୍ଷତ୍ରୀୟ ରାଜ୍ୟ ମୁଣ୍ଡ ଟେକିବା ସହ ନିଜକୁ ମୋଗଲ ସାମ୍ରାଜ୍ୟରୁ ମୁକ୍ତ ବୋଲି ଘୋଷଣା କରିଥିଲେ। ଏହି ସମୟରେ 'ଅୱଧ' ମଧ୍ୟ ସ୍ୱତନ୍ତ୍ର ରାଜ୍ୟ ଭାବେ ନିଜକୁ ପ୍ରତିଷ୍ଠିତ କରାଇଥିଲା।

■ ମଧ୍ୟକାଳୀନ ଭାରତର ପ୍ରସିଦ୍ଧ ସନ୍ଥ ରାମାନନ୍ଦଙ୍କ ଜନ୍ମ ପ୍ରୟାଗକ୍ଷେତ୍ରରେ ହୋଇଥିଲେ ମଧ୍ୟ ରାମାନନ୍ଦୀ ସମ୍ପ୍ରଦାୟର ପ୍ରମୁଖ କେନ୍ଦ୍ରସ୍ଥଳୀ ପାଲଟିଥିଲା ଅଯୋଧ୍ୟା।

# ସ୍ୱାମୀଙ୍କଠାରୁ ଅଲଗା ହେଲେ ମିନିଶା


ମିନିଶା ଲାମ୍ବା

ମୁମ୍ବାଇ: ବଲିଉଡ୍ ଅଭିନେତ୍ରୀ ମିନିଶା ଲାମ୍ବା ସ୍ୱାମୀ ରିଆନ୍ ଥାମ୍‌ଙ୍କୁ ଛାଡପତ୍ର ଦେଇଛନ୍ତି। ୨୦୧୮ରୁ ମିନିଶା ଏବଂ ରିଆନ୍ ଅଲଗା ରହୁଥିଲେ। ନିକଟରେ ଏକ ସାକ୍ଷାତକାରରେ ମିନିଶା କହିଛନ୍ତି, ସେ ଏବଂ ରିଆନ ପରସ୍ପରଠାରୁ ଅଲଗା ହୋଇଯାଇଛନ୍ତି। ଆଇନଗତ କାର୍ଯ୍ୟ ମଧ୍ୟ ସମାପ୍ତ ହୋଇଛି। ମିନିଶା ଏବଂ ରିୟାନ୍ ୨୦୧୩ରେ ଜୁହୁର ଏକ ନାଇଟ କ୍ଲବରେ ସାକ୍ଷାତ ହୋଇଥିଲେ। ଏହା ପରେ ଦୁହେଁ ପ୍ରେମରେ ପଡ଼ିଯାଇଥିଲେ। ଦୁଇ ବର୍ଷ ପରସ୍ପରକୁ ଡେଟ୍ କରିବା ପରେ ଜୁଲାଇ ୬, ୨୦୧୫ରେ ଦୁହେଁ ବିବାହ କରିଥିଲେ। ରିୟାନ୍ ଜଣେ ରେଷ୍ଟ୍ରୋ ମାଲିକ ଏବଂ ମିନିଶା ଜଣେ ଅଭିନେତ୍ରୀ। ବିବାହ ପରେ ମିନିଶା ଦୀର୍ଘ ଦିନ ଧରି ବଲିଉଡ୍‌ରୁ ଦୂରେଇ ରହିଥିଲେ। ସେ ୨୦୦୫ରେ ଚଳଚ୍ଚିତ୍ର 'ୟହାଁ'ରୁ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ଏହା ପରେ ସେ ୨୦୦୭ରେ 'ହନିମୁନ ଟ୍ରାଭେଲ୍ସ ପ୍ରା. ଲିମିଟେଡ' ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଏହା ପରେ ଅଭିନେତ୍ରୀ 'ଦଶ କାହାଣୀୟାଁ', 'କିଡ୍‌ନାପ' ଏବଂ 'ବଚ୍ଚନା-ଏ-ହସିନୋ' ଭଳି ଚଳଚ୍ଚିତ୍ରରେ ମଧ୍ୟ ଅଭିନୟ କରିଥିଲେ। ୨୦୧୮ରେ ସେ ଟିଭି ସିରିଏଲ 'ଇଣ୍ଟରନେଟ ୱାଲା ଲଭ୍'ରେ ମଧ୍ୟ ନଜର ଆସିଥିଲେ।

# ଇଂଲିଶ୍‌ରେ ରାମାୟଣ ଅନୁବାଦ କଲେ ବାଳିକା

ଭୋପାଳ: ରାମାୟଣ, ମହାଭାରତ ଭଳି ମହାନ୍ ଗ୍ରନ୍ଥକୁ ଅନେକ ବ୍ୟକ୍ତି ଭିନ୍ନ ଭିନ୍ନ ଭାଷାରେ ଅନୁବାଦ କରି ସାରିଛନ୍ତି। କିନ୍ତୁ ଏଭଳି ଗ୍ରନ୍ଥକୁ ପଢ଼ି ପ୍ରଥମ ଥର ପାଇଁ ଅନୁବାଦ କରିଛନ୍ତି ମାତ୍ର ୧୪ ବର୍ଷର ବାଳିକା ପଲକ୍ ଅବସ୍ଥି। ରାମାୟଣକୁ ସେ ରୋମାନ୍ ଇଂଲିଶ୍ ଭାଷାରେ ଅନୁବାଦ କରି ଚର୍ଚ୍ଚାକୁ ଆସିଛନ୍ତି।

ମଧ୍ୟପ୍ରଦେଶ ରତଲାମ ଜିଲାର ପଲକଙ୍କର ଆରମ୍ଭରୁ ରାମାୟଣ ପ୍ରତି ଆକର୍ଷଣ ରହି ଆସିଛି। ରାମାୟଣର ମୁଖ୍ୟଚରିତ୍ର ପ୍ରଭୁ ରାମଚନ୍ଦ୍ରଙ୍କ ପ୍ରତି ତାଙ୍କର ପ୍ରବଳ ଶ୍ରଦ୍ଧା ମଧ୍ୟ ରହିଛି। ତେଣୁ ସେ ମୂଳ ସଂସ୍କୃତ ରାମାୟଣକୁ ପଢ଼ି ତାକୁ ଇଂଲିଶ ଭାଷାରେ ଅନୁବାଦ କରିଛନ୍ତି। ରାମାୟଣର ସଂସ୍କୃତ ଶ୍ଳୋକଗୁଡ଼ିକୁ ପଢ଼ି ସେ ସୁନ୍ଦରଭାବରେ ଇଂଲିଶ୍‌ରେ ଲୋକଙ୍କୁ ବୁଝାଇ ପାରନ୍ତି। ତେବେ ଇଂଲିଶ ଭାଷାରେ ରାମାୟଣ ଲେଖିବା ପଛରେ ପଲକଙ୍କର ଉଦ୍ଦେଶ୍ୟ ହେଉଛି ଆଜିକାଲିର ପିଲାମାନେ ରାମାୟଣକୁ ପଢ଼ି ତା'ର ଭାବାର୍ଥ ବୁଝନ୍ତୁ। କାରଣ ରାମଚନ୍ଦ୍ରଙ୍କ ଭଳି ଏକ ମହାନ୍ ଚରିତ୍ର ବିଷୟରେ ଆଜିର ପିଢ଼ି ଜାଣିପାରିଲେ ତାଙ୍କ ଭଳି ତ୍ୟାଗ ଓ ମହାନ୍ କାମ କରି ଚରିତ୍ର ସୁଧାରି ପାରିବେ। ଆଜିକାଲି ଅଧିକାଂଶ ପିଲା ଇଂଲିଶ ମାଧ୍ୟମରେ ପାଠ ପଢୁଛନ୍ତି ତେଣୁ ସେମାନଙ୍କ ପଢ଼ିବା ନିମନ୍ତେ ସେ ଇଂଲିଶରେ ଅନୁବାଦ କରିଛନ୍ତି। ଆଧୁନିକ ପିଢ଼ିର ପିଲାମାନେ ରାମାୟଣକୁ ପଢ଼ି ଭଲଭାବେ ବୁଝିପାରିଲେ ରାମଙ୍କ ଚରିତ୍ର ଓ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ସତ୍ୟ ତଥା କର୍ତ୍ତବ୍ୟନିଷ୍ଠ ହେବା ପାଇଁ ପ୍ରେରଣା ପାଇପାରିବେ। ଫଳରେ ସମାଜରେ ଅପରାଧ ମଧ୍ୟ କମ୍ ହୋଇପାରିବ। ରାମାୟଣ ପ୍ରତି ପଲକଙ୍କର ଶ୍ରଦ୍ଧା ଦେଖି ତାଙ୍କ ବାପା ଉମାଶଙ୍କର ଅବସ୍ଥି ଓ ମା' ଗୁଞ୍ଜୀ ଅବସ୍ଥି ବେଶ୍ ଖୁସି।


ପଲକ୍ ଅବସ୍ଥି

# ଡ୍ରଗ୍ସ ସ୍ମଗଲର କ୍ୟାଟ୍

**ନୂଆଦିଲ୍ଲୀ**

ବିଲେଇ ପୁଣି ଡ୍ରଗ୍ସ ସ୍ମଗଲିଂ କରୁଛି, ଏକଥା ଶୁଣିବା ପାଇଁ ଅଡୁଆ ଲାଗୁଥିବ ନିଶ୍ଚୟ। କିନ୍ତୁ ଏଭଳି ଏକ ଘଟଣା ଏବେ ଶ୍ରୀଲଙ୍କାରେ ଚର୍ଚ୍ଚାର କାରଣ ହୋଇଛି। ଏଠାରେ ଏକ ବିଲେଇ, ଯିଏ କି ତା' ସହ ଦୁଇ ଗ୍ରାମ୍ ହିରୋଇନ୍, ୨ଟି ସିମ୍ କାର୍ଡ ଓ ଏକ ମେମୋରୀ ଚିପ୍ ସହିତ ଧରାପଡ଼ିଛି।

ଖବର ଅନୁସାରେ ବେଲିକାଡା ଜେଲ୍ ଅଞ୍ଚଳର ସୁରକ୍ଷା ଅଧିକାରୀମାନେ ଏହି ବିଲେଇକୁ ଧରିବାକୁ ସକ୍ଷମ ହୋଇଥିଲେ। ବିଲେଇର ବେକରେ ଏକ ଛୋଟ ପ୍ଲାଷ୍ଟିକ୍ ରସିରେ ଏକ ଛୋଟ ଥଳି ବନ୍ଧା ଯାଇଥିଲା, ଯେଉଁଥିରେ ଏହିସବୁ ସ୍ମଗଲିଂ ଜିନିଷ ଲୁଚାଇ ରଖା ଯାଇଥିଲା। ଜେଲ୍ ଅଧିକାରୀମାନେ ବିଲେଇକୁ ଧରି ଏସବୁ ସ୍ମଗଲିଂ ଜିନିଷକୁ ଜବତ କରିବା ପରେ ଅନୁସନ୍ଧାନ ଚଳାଇଥିଲେ। ବିଲେଇ ମାଧ୍ୟମରେ କେହିଜଣେ ଏପରି ସ୍ମଗଲିଂ କରୁଥିବା ସନ୍ଦେହରେ ଅନୁସନ୍ଧାନ ଜାରି ରହିଥିବାବେଳେ ବିଲେଇଟି କିନ୍ତୁ ଖସି ପଳାଇଯାଇଛି। ପୋଲିସର କହିବା ଅନୁସାରେ ଶ୍ରୀଲଙ୍କାରେ ଗତ କିଛି ଦିନ ମଧ୍ୟରେ ଡ୍ରଗ୍ସ କାରବାର ବୃଦ୍ଧି ପାଇଛି। ଏହି କାରବାରରେ ଆଣ୍ଟି ନାର୍କୋଟିକ୍ସର କିଛି ଜାସୁସ୍ ମଧ୍ୟ ସାମିଲ୍ ଥିବା ଜଣାପଡ଼ିଛି। ଏମାନେ ସ୍ମଗଲରଙ୍କ ପାଖରେ ଖବର ପହଞ୍ଚାଉଥିଲେ ବି କେହି ଜାଣିପାରୁନାହାନ୍ତି। ତେବେ ଏମାନଙ୍କୁ ଧରିବା ପାଇଁ ଜୋରଦାର ଉଦ୍ୟମ ଚାଲିଛି। କିଛିଦିନ ତଳେ ଶ୍ରୀଲଙ୍କାରେ ଏକ ବାଜପକ୍ଷୀ ମାଧ୍ୟମରେ ଡ୍ରଗ୍ସ କାରବାର ହେଉଥିବା ସମ୍ପର୍କରେ ଜଣାପଡ଼ିଥିଲା।





# ସୁଇମିଂ ପୁଲ୍‌ରେ ସାରା- ଇବ୍ରାହିମ

ମୁମ୍ବାଇ: ବଲିଉଡ୍ ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍ ସୋସିଆଲ ମିଡିଆରେ ବେଶ୍ ସକ୍ରିୟ। ପ୍ରାୟ ଭିଡିଓରେ ସେ ତାଙ୍କ ସାନଭାଇ ଇବ୍ରାହିମ୍‌ଙ୍କ ସହ ନଜର୍ ଆସିଥାନ୍ତି। ନିକଟରେ ସେ ଏକ ଭିଡିଓ ଶେୟାର କରିଛନ୍ତି, ଯାହାକୁ ଫ୍ୟାନ୍‌ମାନେ ବେଶ୍ ଲାଇକ୍ କରିଛନ୍ତି। ସେ ଏହି ଭିଡିଓରେ ଇବ୍ରାହିମଙ୍କ ସହିତ ସୁଇମିଂ ପୁଲ୍‌ରେ ମସ୍ତି କରୁଥିବା ନଜର୍ ଆସିଛନ୍ତି। ଦୁଇ ଜଣ ଏପରି ମସ୍ତି କରିଛନ୍ତି ଯେ, ତାଙ୍କୁ ତାଙ୍କ ଭାଇ ପାଣି ମଧ୍ୟରେ ସୁଇମିଂ ଟ୍ୟୁବ୍‌ରୁ ଓଲଟାଇ ପକାଇ ଦେଇଛନ୍ତି। ସାରା ଏହି ଭିଡିଓ ରକ୍ଷାବନ୍ଧନ ଅବସରରେ ସେ ଦର୍ଶକଙ୍କ ପାଇଁ ପୋଷ୍ଟ କରିଛନ୍ତି। ଏବଂ ଏହାର କ୍ୟାପସନ୍‌ରେ ଲେଖିଛନ୍ତି ଯେ, 'ମୋ ଲାଇଫ୍ ମୋ ଭାଇ ବିନା ଅଧୁରା'। ଆମେ ଦୁଇଜଣ ବହୁତ ମରାମରି ହେଉ ସତ କିନ୍ତୁ ସେଥିରେ ଆମ ଦୁଇଜଣଙ୍କ ଭଲପାଇବା ଲୁଚିକି ଅଛି। ସାରାଙ୍କୁ ପାଣି ବହୁତ ପସନ୍ଦ। ଏହା ପୂର୍ବରୁ ମାଲଡିଭ୍‌ସ୍‌କୁ ଯେତେବେଳେ ଛୁଟି କାଟିବାକୁ ଯାଇଥଲେ ସେତେବେଳେ ପାଣିରେ ମସ୍ତି କରୁଥିବାର ଭିଡିଓ ଶେୟାର କରିଥିଲେ। ସାରା ତାଙ୍କ ମା' ଅମୃତା ଏବଂ ଭାଇଙ୍କ ସହିତ ସମୟ କାଟିବାକୁ ବେଶ୍ ଭଲ ପାଆନ୍ତି। ନବାବ୍‌ଘରର ଝିଅ ହୋଇଥିଲେ ବି ସାରା ବହୁତ ସିମ୍ପଲ। ସେ ଜଣେ ବହୁତ ଭଲ ଛାତ୍ରୀ। ଛୋଟବେଳୁ ତାଙ୍କ ସ୍ୱପ୍ନ ଥିଲା ଯେ, ବଲିଉଡ୍‌ରେ ପ୍ରବେଶ କରି ନିଜର ପରିଚୟ ସୃଷ୍ଟି କରିବା। ତାହା ଏବେ ସତ ହୋଇଛି। ଏଥିରେ ମା' ସବୁବେଳେ ତାଙ୍କ ପ୍ରେରଣା ବୋଲି ସେ କହିଛନ୍ତି। ପ୍ରକାଶ ଥାଉକି, ଆଗକୁ ସାରାଙ୍କର ଫିଲ୍ମ 'କୁଲି ନଂ ୧' ରିଲିଜ୍ ହେବାକୁ ଯାଉଛି। ଏହି ମୁଭିରେ ସାରାଙ୍କ ସାଥିରେ ବରୁଣ ଧୱନ ମୁଖ୍ୟ ଭୂମିକାରେ ନଜର୍ ଆସିବେ। ଏହା ବ୍ୟତୀତ ସାରା ଫିଲ୍ମ 'ଅତରଙ୍ଗୀ'ରେ ମଧ୍ୟ ନଜର୍ ଆସିବେ।


## ମନେ ପଡ଼ନ୍ତି

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**ଁଅଭୟ ଚରଣ ପଟ୍ଟନାୟକ**
ଅବସରପ୍ରାପ୍ତ ଜିଲ୍ଲା ବିଚାରପତି
କେ୪-ଏଲଆଇଜି ୭୫୦, କଳିଙ୍ଗ ବିହାର, ଭୁବନେଶ୍ୱର
ଆବିର୍ଭାବ : ୨୧.୦୫.୧୯୪୦ (ବୈଶାଖ ଶୁକ୍ଳ ପୂର୍ଣ୍ଣମୀ)
ତିରୋଧାନ: ୨୮.୦୮.୨୦୧୮ (ଭାଦ୍ରବ କୃଷ୍ଣ ପକ୍ଷ ଦ୍ୱିତୀୟା)
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା, ସ୍ୱାଭିମାନ ତଥା ସେବା ମନୋବୃତ୍ତି ଆମମାନଙ୍କ ପାଇଁ ସର୍ବଦା ଚିର ସ୍ମରଣୀୟ ହୋଇ ରହିବ। ଆପଣ ଯେଉଁଠାରେ ଥାଆନ୍ତୁ, ଆପଣଙ୍କର ଆଶୀର୍ବାଦ ସଦାସର୍ବଦା ଆମ ଉପରେ ଥାଉ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ**
ସ୍ତ୍ରୀ - ନୀଳିମା, ପୁତ୍ର - ସନ୍ତୋଷ, ଅରୁଣ, ପୁତ୍ରବଧୂ-ଶୁଭ୍ରା, ପ୍ରାଚୀ, ଝିଅ- ସସ୍ମିତା, ସୁଜାତା, ଜ୍ୱାଇଁ - ପ୍ରଭୁ, ଅରବିନ୍ଦ, ନାତୁଣୀ-ସୀଲକି, ବୁଲୁବୁଲ, ରୁଗୁଲ, ଅର୍ଜିତା, ନାତି-ଆଭାସ ଏବଂ ପରିବାରବର୍ଗ।
ଧ-୧୭୮୮୫

**ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଜିତେନ୍ଦ୍ର କୁମାର ପଟ୍ଟନାୟକ**
(ଅବସରପ୍ରାପ୍ତ ସୈନିକ)
ଚନ୍ଦ୍ରକୋର୍ଟ, ପଟ୍ଟନାୟିକିଆ, ପୁରୀ
ଆବିର୍ଭାବ: ୦୮।୦୨।୧୯୪୮
ତିରୋଧାନ: ୨୭।୦୭।୨୦୨୦
ଆପଣଙ୍କ ଅମରାତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
**-:ଶୋକସନ୍ତପ୍ତ:-**
ପୁତ୍ର: ସନ୍ତୋଷ, ଶମ୍ଭୁ, ପୁତ୍ରବଧୂ, ନାତି, ନାତୁଣୀ, ଭ୍ରାତା: ରବୀନ୍ଦ୍ର, ଧୀରେନ୍ଦ୍ର, ମନୀନ୍ଦ୍ର, ପୁତୁରା, ଝିଆରୀ ଓ ପରିବାରବର୍ଗ।
ଧ-୬୭୬୨୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଁ କୈଳାଶ ଚନ୍ଦ୍ର ଖଟେଇ**
ଗୁରୁଜଙ୍ଗ, ଖୋର୍ଦ୍ଧା
ଆବିର୍ଭାବ- ୧୬.୦୬.୧୯୪୭
ତିରୋଧାନ- ୧୭.୦୮.୨୦୧୯
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ସର୍ବଦା ଆମ୍ଭମାଙ୍କ ଉପରେ ଅତୁଟ ରହିଥାଉ। ଆପଣଙ୍କର ତ୍ୟାଗ ଏବଂ ନିଷ୍ଠା ଆମ୍ଭମାନଙ୍କ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଏବଂ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ- ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ବନ୍ଧୁ ଏବଂ ପରିବାର ବର୍ଗ।
ଧ-୬୯୭୧୪

# ବାୟୋଫ୍ଲକ : ମାଛଚାଷର ଉନ୍ନତ ପଦ୍ଧତି


ପ୍ରକାଶ ତ୍ରିପାଠୀ

**ଏବେ କମ୍ ଜାଗାରେ, କମ୍ ସମୟରେ, କମ୍ ଜଳରେ ଓ କମ୍ ଖର୍ଚ୍ଚରେ 'ବାୟୋଫ୍ଲକ' ବା 'ଜୈବପୁଞ୍ଜ 'ପଦ୍ଧତି ମାଧ୍ୟମରେ ମାଛଚାଷ ସମ୍ଭବ ହୋଇପାରିଛି। ଏହି ନୂତନ ଜ୍ଞାନକୌଶଳଯୁକ୍ତ ପଦ୍ଧତିରେ ଚାଷ କଲେ ଅଧିକ ଆୟ ମିଳିପାରୁଛି..**





ମାଛ ଚାଷ ଏକ ଲାଭଜନକ ଚାଷ। ଉନ୍ନତ ଜ୍ଞାନକୌଶଳ ପ୍ରୟୋଗରେ ସଂପ୍ରତି ମାଛଚାଷରେ ଆସିଛି ବୈପ୍ଳବିକ ପରିବର୍ତ୍ତନ। ମାଛ ଉତ୍ପାଦନ ବୃଦ୍ଧି ସହ ନୂତନ ନିଯୁକ୍ତି ସୃଷ୍ଟି ସୁଯୋଗ, ପୁଷ୍ଟି ନିରାକରଣ ଓ ଗ୍ରାମାଞ୍ଚଳ ଲୋକଙ୍କର ସାମାଜିକ, ଅର୍ଥନୈତିକ ବିକାଶକୁ ଏହା ତ୍ୱରାନ୍ୱିତ କରେ। କେବଳ ଗ୍ରାମାଞ୍ଚଳ ନୁହେଁ, ସହରାଞ୍ଚଳରେ ମଧ୍ୟ ଆତ୍ମନିଯୁକ୍ତି କ୍ଷେତ୍ରରେ ମାଛ ଚାଷ ଏକ ଅଗ୍ରଣୀ ଭୂମିକା ନେବାକୁ ଯାଉଛି। ଏଣିକି ମାଛ ଚାଷ ପାଇଁ ଏକର ଏକର ଜାଗା ଦରକାର ନାହିଁ। ଏବେ କମ୍ ଜାଗାରେ, କମ୍ ସମୟରେ, କମ୍ ଜଳରେ ଓ କମ୍ ଖର୍ଚ୍ଚରେ 'ବାୟୋଫ୍ଲକ' ବା 'ଜୈବପୁଞ୍ଜ 'ପଦ୍ଧତି ମାଧ୍ୟମରେ ମାଛ ଚାଷ ସମ୍ଭବ ହୋଇପାରିଛି। ଏହି ନୂତନ ଜ୍ଞାନକୌଶଳଯୁକ୍ତ ପଦ୍ଧତିରେ ଚାଷ କଲେ ଅଧିକ ଆୟ ମିଳିପାରୁଛି। ଘର ବାଡି ପଟେ ଅଥବା ଯେ କୌଣସି ଖାଲି ଜାଗାରେ କୁଣ୍ଡ ସ୍ଥାପନା କରାଯାଇ ଏହି ଚାଷ କରାଯାଇପାରୁଥିବାରୁ ଖୁବ୍ ଅଳ୍ପ ଦିନରେ ଏହି ବାୟୋଫ୍ଲକ ପଦ୍ଧତିରେ ମାଛ ଚାଷ ଆଦୃତି ଲାଭ କରିପାରିଛି। ଏହି ପଦ୍ଧତିରେ ମାଛ ଚାଷ ଦ୍ୱାରା ପରିବେଶ ଉପରେ କୌଣସି ପ୍ରତିକୂଳ ପ୍ରଭାବ ପଡେ ନାହିଁ। ଜଳ ପରିବର୍ତ୍ତନର ବିଶେଷ ଆବଶ୍ୟକତା ନ ଥିବାରୁ କମ୍ ଜଳ ବ୍ୟବହୃତ ହୋଇଥାଏ। ଜୈବ ନିରାପତ୍ତା ରକ୍ଷା ସହ କମ୍ ଦିନରେ ଉତ୍ପାଦନ ଅଧିକ ହୋଇଥାଏ।

**ଚାଷ ପଦ୍ଧତି:** ଗୋଲାକାର, ଆୟତାକାର ଅବା ବର୍ଗାକାର ସିମେଣ୍ଟ କୁଣ୍ଡ, ପିଭିସି କୁଣ୍ଡ ଅବା ତାର ଜାଲି କୁଣ୍ଡ (୧୨,୫୦୦ ଲିଟର ଜଳଧାରଣ କ୍ଷମତା ବିଶିଷ୍ଟ) ପ୍ରସ୍ତୁତ କରାଯାଏ। ଏହି କୁଣ୍ଡରେ ଜଳ ନିଷ୍କାସନର ବ୍ୟବସ୍ଥା ପିଭିସି ପାଇପ ଦ୍ୱାରା ହେବା ଆବଶ୍ୟକ। ଏହି ପଦ୍ଧତିରେ ମାଛ ଚାଷ ସୀମିତ ଜାଗାରେ ଅଧିକ ମାଛ ଯାଆଁଳ ଛଡା ଯାଉଥିବାରୁ ୨୪ ଘଣ୍ଟା ବାୟୁ ସଞ୍ଚାଳନ ଆବଶ୍ୟକ ହୁଏ। ତେଣୁ ବିଦ୍ୟୁତ ସେବା ସହ ଇନଭର୍ଟର ଅବା ଛୋଟ ଜେନେରେଟର ରଖିବାକୁ ପଡେ। ବାୟୁ ପ୍ରବାହିତ ପାଇପ୍‌ରୁ ନିୟମିତ ବ୍ୟବଧାନରେ ଏୟାର ଷ୍ଟୋନ୍ କୁଣ୍ଡ ମଧ୍ୟକୁ ପକାଯାଇଥାଏ। ଏହା ଜଳରେ ଦ୍ରବୀଭୂତ ଅମ୍ଳଜାନ ପ୍ରଚୁର ମାତ୍ରାରେ ଯୋଗାଇବା ସହ ମାଛ ଖାଦ୍ୟକୁ ତଳେ ବସିଯିବାକୁ ଦେଇ ନ ଥାଏ। ତା'ସହ ଜଳର ମାନକୁ ଉନ୍ନତ ରଖିଥାଏ। ଜଳର ପି.ଏଚ. ୬.୫ରୁ ୮.୫ ମଧ୍ୟରେ ରଖନ୍ତୁ। ପ୍ରୋ ବାୟୋଟିକ୍ ପ୍ରୟୋଗ କରାଯାଇ କୁଣ୍ଡର ଅବ୍ୟବହୃତ ଖାଦ୍ୟ ମାଛର ବର୍ଜ୍ୟକୁ ପୁଷ୍ଟିସାରରେ ପରିବର୍ତ୍ତନ କରାଯାଇ ପୁନର୍ବାର ମାଛଖାଦ୍ୟ ଭାବରେ ବିନିଯୋଗ କରାଯାଇଥାଏ। ଟକ୍ସିକ ଆମୋନିଆ ଓ ନାଇଟ୍ରେଟ୍‌ର ବିଘଟନ ଜଳରେ ଏକକୋଷୀ ଶୈବାଳ, ଅଣୁଜୀବ ଓ କବକ ସୃଷ୍ଟି ହୁଏ, ଯାହା କି ମାଛ ଅଭିବୃଦ୍ଧିରେ ସହାୟକ ହୁଏ। ବାୟୋଫ୍ଲକ କୁଣ୍ଡରେ ମାଛ ଯାଆଁଳ ଛାଡିବା ପୂର୍ବରୁ ଜଳ ପ୍ରସ୍ତୁତ କରାଯାଇଥାଏ। ପ୍ରଥମେ କୁଣ୍ଡରେ ଆବଶ୍ୟକ ମୁତାବକ ଜଳ ଗଚ୍ଛିତ କରିସାରିବା ପରେ ଚୂନ–୦.୦୫ ଗ୍ରାମ (ଲିଟର ପ୍ରତି), ବଗଡା ଲୁଣ–୧ ଗ୍ରାମ (ଲିଟର ପ୍ରତି), ମୋଲାସେସ ବା ଗୁଡ–୦.୧ ଗ୍ରାମ (ଲିଟର ପ୍ରତି) ଏବଂ ପ୍ରୋ ବାୟୋଟିକ୍ (ଷ୍ଟାଟର)–୦.୩ ଗ୍ରାମ (ଲିଟର ପ୍ରତି) ଅନୁପାତରେ ସାମଗ୍ରୀକୁ ପାଣିରେ ଗୋଳାଇ କୁଣ୍ଡ ମଧ୍ୟରେ ପକାଯାଏ ଏବଂ ଆବଶ୍ୟକ ମୁତାବକ କୁଣ୍ଡ ମଧ୍ୟରେ ବାୟୁସଞ୍ଚାଳନ ଅବ୍ୟାହତ ରଖାଯାଏ। ଏହାର ୭–୧୦ଦିନ ପରେ କୁଣ୍ଡରେ ମାଛ ଯାଆଁଳ ଛଡାଯାଏ।

କୁଣ୍ଡରେ ମାଛ ଯାଆଁଳ ଛାଡିବା ପୂର୍ବରୁ ୫୦ ଲିଟର ପାଣିରେ ୧୦ ଗ୍ରାମ ହଳଦୀ, ୨୫ ଗ୍ରାମ ବଗଡା ଲୁଣ ପକାଇ ସେହି ଦ୍ରବୀଭୂତ ପାଣିରେ ଯାଆଁଳକୁ ୧୫ ସେକେଣ୍ଡ ପର୍ଯ୍ୟନ୍ତ ବୁଡାଇ ବାୟୋଫ୍ଲକ କୁଣ୍ଡରେ ଛାଡନ୍ତୁ। ନଚେତ୍ ୫୦ଲିଟର ପାଣିରେ ୨ ଗ୍ରାମ ପୋଟାସିୟମ ପରମାଙ୍ଗାନେଟ୍ ପକାଇ ସେହି ଦ୍ରବୀଭୂତ ପାଣିରେ ଯାଆଁଳକୁ ଛାଡି ୧୦–୧୫ ସେକେଣ୍ଡ ବୁଡାଇ କୁଣ୍ଡରେ ଛାଡନ୍ତୁ। ମାଛ ଖାଦ୍ୟ ସକାଳ ୫ରୁ ୮ଟା ମଧ୍ୟରେ ଏବଂ ରାତି ୮ରୁ ୧୦ ମଧ୍ୟରେ ଦେବା ଜରୁରୀ। ପ୍ରଥମେ ଏହା ଦିନକୁ ତିନି ଥର ଏବଂ ପରେ ଦୁଇ ଥର ଦିଆଯାଇଥାଏ। ବର୍ଷରେ ଦୁଇ ଥର ଏହି ପଦ୍ଧତିରେ ମାଛ ଚାଷ କରାଯାଇପାରିବ। ଏଥିରେ ମୁଖ୍ୟତଃ ମାଗୁର, ସିଙ୍ଗି, କଉ, ଜଳଙ୍ଗ ଓ ଟିଲାପିଆ ଆଦି ପ୍ରଜାତିର ମାଛ ଚାଷ ହୋଇଥାଏ। ଦଶ ଟନ୍ ପାଣିଥିବା ଗୋଟିଏ କୁଣ୍ଡରେ ମାଛର ପ୍ରଜାତିକୁ ଦେଖି ୫୦୦ରୁ ୧୫୦୦ ପର୍ଯ୍ୟନ୍ତ ଯାଆଁଳ ଛଡାଯାଇପାରେ।

ସଂପ୍ରତି ବାୟୋଫ୍ଲକ ପଦ୍ଧତିରେ ମାଛ ଚାଷ ପ୍ରତି ଶିକ୍ଷିତ ଯୁବଗୋଷ୍ଠୀଙ୍କୁ ଆକୃଷ୍ଟ କରିବା ପାଇଁ ଓଡ଼ିଶା ସରକାର 'ଜୈବପୁଞ୍ଜ ଜ୍ଞାନକୌଶଳ ଦ୍ୱାରା ସଘନ ମାଛ ଚାଷ ପାଇଁ ପ୍ରୋତ୍ସାହନ' ନାମକ ଏକ ନୂଆ ଯୋଜନା ଆରମ୍ଭ କରିଛନ୍ତି। ଜଣେ ହିତାଧିକାରୀ ସର୍ବନିମ୍ନ ୨ଟି ଏବଂ ସର୍ବାଧିକ ୬ଟି କୁଣ୍ଡରେ ମାଛ ଚାଷ କରି ସରକାରୀ ରିହାତି ପାଇପାରିବେ। ସାଧରଣବର୍ଗର ହିତାଧିକାରୀଙ୍କୁ ସ୍ଥିରୀକୃତ ପ୍ରକଳ୍ପ ମୂଲ୍ୟର ଶତକଡା ୪୦ ଭାଗ ଓ ଅନୁସୂଚିତ ଜାତି–ଜନଜାତି ଏବଂ ମହିଳାଙ୍କ ପାଇଁ ଶତକଡା ୬୦ ଭାଗ ସବସିଡି ପ୍ରଦାନର ବ୍ୟବସ୍ଥା ରହିଛି। ଅନ୍ତର୍ଜାତୀୟ ସଂଗଠନ ୱାର୍ଲ୍ଡ ଫିଶ୍ ସହାୟତାରେ ମତ୍ସ୍ୟବିଭାଗ ପକ୍ଷରୁ ହିତାଧିକାରୀଙ୍କୁ ତାଲିମ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି।

*–ରଚନା ଅଧିକାରୀ,*
*ମତ୍ସ୍ୟ ନିର୍ଦ୍ଦେଶାଳୟ, କଟକ,*
*ମୋ:୬୩୭୦୫୩୭୩୭୯*

## ଏ ମାସର କୃଷି ସୂଚନା

### ଧାନରେ ରୋଗ ହେଲେ...

ଧାନର ତଳିଘରାରେ ପତ୍ରପୋଡ଼ା ରୋଗ ହେଲେ ଷ୍ଟେପ୍ଟୋସାଇକ୍ଲିନ୍ ୦.୦୧% (୧ ଗ୍ରାମ୍‌କୁ ୧୦ ଲିଟର ପାଣିରେ) କିମ୍ବା ପ୍ଲାଣ୍ଟୋମାଇସିନ୍ ୦.୧% (୧ ଗ୍ରାମ୍‌କୁ ୧ ଲିଟର ପାଣିରେ) ସହିତ କପର ଅକ୍ସିକ୍ଲୋରାଇଡ୍ (୨.୫ ଗ୍ରାମ୍ ୧ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ । ଢ଼ିପଜମି ଧାନରେ ପତ୍ରାଛାଦ ପୋଡ଼ା ରୋଗ ପାଇଁ ପ୍ରୋପିକୋନାଜୋଲ୍ (୧ ମି.ଲି. ୧ ଲିଟର ପାଣିରେ) ଗଛର ମୂଳଭାଗକୁ ସିଞ୍ଚନ୍ତୁ । ମହିଷାରୋଗ ପ୍ରତିକାର ସକାଶେ ଟ୍ରାଇସାଇକ୍ଲାଜୋଲ୍ (୧ ଗ୍ରାମ୍/୧ ଲିଟର ପାଣିରେ) ବା କାସୁଗାମାଇସିନ୍ (୧.୫ ମି.ଲି. ୧ ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ । ବିଳମ୍ବ ରୁଆ କ୍ଷେତ୍ରରେ ଘାସ ଦମନ ଲାଗି ଧାନ ରୁଆ ହେବାର ୩–୪ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ କିମ୍ବା ୧.୫ ଲିଟର ପ୍ରେଟିଲାକ୍ଲୋର କିମ୍ବା ବୁଟାକ୍ଲୋର୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଉପରୋକ୍ତ ଘାସମରା ଔଷଧଗୁଡ଼ିକୁ ୪୦ କି.ଗ୍ରା. ଶୁଖିଲା ବାଲିରେ ମିଶାଇ ଅଳ୍ପ ଚଖାପାଣି ରଖି ସାର ଭଳି ଜମିରେ ବୁଣି ଦିଅନ୍ତୁ ।



### ପରିବା ଚାଷ ସମ୍ପର୍କରେ...

ଉଚ୍ଚ ନିଗିଡ଼ା ଜମିରେ ସଅଳ କିସମ କୋବି ଲଗାନ୍ତୁ। – ଜହ୍ନି, କଖାରୁ, କଲରା, ଛଚିନ୍ଦ୍ରା, କାକୁଡ଼ି, ଭେଣ୍ଡି, ବରଗୁଡ଼ି ଇତ୍ୟାଦି ଫସଲକୁ କୋଡ଼ାଖୁସା କରି ସାର ଦିଅନ୍ତୁ । ପୋକ ଦମନ ପାଇଁ ଜୈବ କୀଟନାଶକ ଏବଂ ନିମ୍ବ ଜାତୀୟ କୀଟନାଶକ ଅନୁମୋଦିତ ହାରରେ ପ୍ରୟୋଗ କରନ୍ତୁ। ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ସକାଶେ ମାନ୍‌କୋଜେବ୍ (୩ ଗ୍ରାମ୍ ୧ ଲିଟର ପାଣିରେ) ଓ କାର୍ବେଣ୍ଡାଜିମ୍ (୧ ଗ୍ରାମ୍ ୧ ଲିଟର ପାଣିରେ) ଅଦଳ ବଦଳ କରି ଦୁଇତିନି ଥର ସିଞ୍ଚନ କରନ୍ତୁ । ଝାଉଁଳା ରୋଗ ପାଇଁ ପ୍ଲାଣ୍ଟୋମାଇସିନ୍ (୧ ମି.ଲି. ଲିଟର ପ୍ରତି) ସହ କପରଅକ୍ସିକ୍ଲୋରାଇଡ୍ (୨ ଗ୍ରାମ୍/ଲିଟର ପିଛା) ମିଶାଇ ମୂଳମାଟିକୁ ଭିଜାଇ ଦିଅନ୍ତୁ। – ଆଭ୍ୟନ୍ତରୀଣ ଜିଲାରେ ଅଦିନିଆ ଫୁଲ କୋବି ଲଗାନ୍ତୁ। ପୁଷା ଅର୍ଲି ସିନ୍ଥେଟିକ୍, ପୁଷା ମାଘି, ପୁଷା ଦୀପାଳି ଓ ଅନ୍ୟାନ୍ୟ ସଙ୍କର କିସମ ଆଦି ଅତି ସଅଳ କିସମ ଫୁଲକୋବି ଚାଷ କରିପାରନ୍ତି। ଆଭ୍ୟନ୍ତରୀଣ ଜିଲାରେ ଅଦିନିଆ ସଙ୍କର କିସମ ଟମାଟୋ ଚାଷ କରନ୍ତୁ। – ଲଙ୍କା ଓ ବାଇଗଣ ଫସଲରୁ ଘାସ ବାଛି ହୁଡ଼ା ଦିଅନ୍ତୁ।



### ଫଳଚାଷ

ଅମୃତଭଣ୍ଡା, ପିଜୁଳି, ପଣସ, ଆମ୍ବ, ନଡ଼ିଆ, ସପେଟା, ଲିଚୁ, କାଜୁ ଇତ୍ୟାଦି ଲାଗିଥିବା ଗଛର ଯତ୍ନ ନିଅନ୍ତୁ। ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ। ବଗିଚାରୁ ଘାସ ଓ ଅନାବନା ଗଛ ବାଛି ସଫା କରିଦିଅନ୍ତୁ। ବର୍ଷାଦିନ ସବୁ ଫଳଗଛ ଲଗାଇବା ପାଇଁ ଉତ୍କୃଷ୍ଟ ସମୟ । ଜମିର ଆୟତନ ଓ ଜଳବାୟୁ ଆଦିକୁ ନଜର ରଖି ବିଭିନ୍ନ ପ୍ରକାର ଉନ୍ନତ କିସମର ଚାରା ସଂଗ୍ରହ କରି ଠିକ୍ ଭାବରେ ଗାତ କରି ଲଗାନ୍ତୁ। ପୂର୍ବରୁ ଲଗାଯାଇଥିବା କଦଳୀଗଛ ଓ ଅମୃତଭଣ୍ଡା ଗଛ ମରିଯାଇଥିଲେ ସେହି ଜାଗାରେ ଆଉ ଥରେ ଲଗାଇ ଖାଲିଜାଗା ପୂରଣ କରନ୍ତୁ।

*–କୃଷି ବୈଷୟିକ ସୂଚନା କେନ୍ଦ୍ର, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର*

**ରାଜ୍ୟ ଖବର**

# ୟୁପିଏସ୍‌ସି ପରୀକ୍ଷାରେ ଓଡ଼ିଆଙ୍କ କମାଲ

**ଭୁବନେଶ୍ୱର,୪।୮(ବ୍ୟୁରୋ)**

ମଙ୍ଗଳବାର ୟୁପିଏସ୍‌ସି (ୟୁନିୟନ ପବ୍ଲିକ ସର୍ଭିସ କମିଶନ)–୨୦୧୯ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ଓଡ଼ିଶାର ପରୀକ୍ଷାର୍ଥୀମାନେ ସଫଳତା ପାଇଛନ୍ତି। ସେମାନେ ଓଡ଼ିଶା ପାଇଁ ଗୌରବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଏହି ପରୀକ୍ଷାରେ ରାଉରକେଲାର ଝିଅ ସଞ୍ଜିତା ମହାପାତ୍ର ୧୦ ର୍‍ୟାଙ୍କ୍‌ରେ ରହି ଟପ୍‌ଟେନ୍ ତାଲିକାରେ ସ୍ଥାନ ପାଇଛନ୍ତି। ଭୁବନେଶ୍ୱରରେ ବିବାହ କରିଥିବା ସଞ୍ଜିତା କହିଛନ୍ତି, ସମାଜ ପାଇଁ କିଛି ଭଲ କାମ କରିବାର ଲକ୍ଷ୍ୟ ନେଇ ପ୍ରଶାସନିକ ସେବାରେ ମୁଁ ଯୋଗ ଦେଇଛି। ସେହିଭଳି ସୁନ୍ଦରଗଡ଼ ଜିଲା ବିଶ୍ରା ବ୍ଲକ ଅନ୍ତର୍ଗତ ଜରେଇକେଲା ବାସିନ୍ଦା ତଥା ରାଉରକେଲା ତହସିଲଦାର(ଓଏଏସ) ମାନସ ରଞ୍ଜନ ସାହୁ ୫୬୭ ର୍‍ୟାଙ୍କ ହାସଲ କରିଛନ୍ତି। ତୃଣମୂଳସ୍ତରରେ ମୁଁ କାମ କରିଥିବାରୁ ଏହା ଆଗାମୀ ଦିନରେ ମୋ ପାଇଁ ସହାୟକ ହେବ ବୋଲି ମାନସ କହିଛନ୍ତି।

କଳାହାଣ୍ଡି ଜିଲା ପାଇଁ ଗୌରବ ଆଣିଛନ୍ତି ରାହୁଲ ଗୋଏଲ ଓ ଅଙ୍କିତ ଶଙ୍କର ମିଶ୍ର। କେସିଙ୍ଗା ସହରର ସୁନୀଲ ଗୋଏଲଙ୍କ ପୁଅ ରାହୁଲ ୧୬୮ ତମ ର୍‍ୟାଙ୍କରେ ଥିବା ବେଳେ ଭବାନୀପାଟଣାର ଅଙ୍କିତ ଶଙ୍କର ମିଶ୍ର ୨୯୪ ର୍‍ୟାଙ୍କ ହାସଲ କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣା, ପରିବାର ସଦସ୍ୟ, ସାଙ୍ଗସାଥୀ ଓ ଶିକ୍ଷକଙ୍କ ସହଯୋଗ ଆମକୁ ସଫଳତା ଦେଇଛି ବୋଲି ଉଭୟ କହିଛନ୍ତି।

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରର ନବଲ କୁମାର ଜୈନ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ପରୀକ୍ଷାରେ ୧୨୫ ର୍‍ୟାଙ୍କ ହାସଲ କରଛନ୍ତି। କଣ୍ଟାବାଞ୍ଜି ସହର ଦୁଆରସିନିପଡାର ବ୍ୟବସାୟୀ ଢ଼ୋଲୁରାମ୍ ଜୈନ୍ ଓ ବବିତା ଜୈନଙ୍କ ପୁଅ ନବଲ ଗତ ଆଇଏଏସ୍ ପରୀକ୍ଷାରେ ୩୫୦ ର୍‍ୟାଙ୍କରେ ରହିଥିଲେ। ପୁଣି ଥରେ ପରୀକ୍ଷା ଦେଇ ଚଳିତବର୍ଷ ସେ ଏହି ସଫଳତା ଲାଭ କରିଛନ୍ତି।


ସଞ୍ଜିତା ମହାପାତ୍ର


ମାନସ ରଞ୍ଜନ ସାହୁ


ନବଲ କୁମାର ଜୈନ


ରାହୁଲ ଗୋଏଲ


ବେଦ ଭୂଷଣ


ଅଙ୍କିତ ଶଙ୍କର ମିଶ୍ର


ବିଭୂତି ଭୂଷଣ ନାୟକ


ସମୀର କୁମାର ଜେନା


ଅନୁପ୍ ଦାସ

### ପାଠପଢ଼ା ପାଇଁ ସମୟ ନୁହେଁ, ଟାର୍ଗେଟ୍ ପୂରଣ କରିବାକୁ ଲକ୍ଷ୍ୟ ଥାଏ: ସଞ୍ଜିତା

**ଭୁବନେଶ୍ୱର, ୪।୮(ବ୍ୟୁରୋ):** ୟୁପିଏସ୍‌ସିରେ ଦଶମ ର୍‍ୟାଙ୍କ ପାଇଛନ୍ତି ରାଉରକେଲାର ସଞ୍ଜିତା ମହାପାତ୍ର। ଆଇଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବି ବୋଲି ଭାବିଥିଲି। କିନ୍ତୁ ଭଲ ର୍‍ୟାଙ୍କ୍ ଆସିବ ବୋଲି କେବେ ଆଶା କରି ନ ଥିଲି। ରେଜଲ୍ଟ ପ୍ରକାଶ ପାଇବା ପରେ ଏହା କହିଛନ୍ତି ସଞ୍ଜିତା। ଗତଥର ଓଏଏସ୍ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ସଞ୍ଜିତା ୟୁପିଏସ୍‌ସିରେ ଦଶମ ସ୍ଥାନ ପାଇ ଓଡ଼ିଶାକୁ ଗୌରବ ଆଣିଛନ୍ତି। ସଫଳତା ପଛରେ ତାଙ୍କ ପାଠପଢ଼ା ଶୈଳୀ ସମ୍ପର୍କରେ କହିଥିଲେ ଯେ, ମୁଁ କେତେ ଘଣ୍ଟା ପାଠ ପଢ଼ିବି ତାହା ଉପରେ ମୋର ଫୋକସ୍ ନ ଥାଏ। ଯେତିକି ପ୍ଲାନ୍ କରିଥିବି ତାକୁ ଶେଷ କରିବାକୁ ଚାହେଁ। ସଞ୍ଜିତା ତାଙ୍କର ଇଣ୍ଟରଭ୍ୟୁରେ ପଚରାଯାଇଥିବା ପ୍ରଶ୍ନ ସମ୍ପର୍କରେ କହିଛନ୍ତି ଯେ, ପ୍ରାୟ ୨୫ରୁ ୩୦ମିନିଟ୍ ଧରି ଇଣ୍ଟରଭ୍ୟୁ ଦେଇଥିଲେ। ହାତରେ ଗ୍ଲୋବ୍‌ସ, ମୁହଁରେ ମାସ୍କ ପିନ୍ଧିବା ସହିତ ସାମାଜିକ ଦୂରତା ବଜାୟ ରଖି ଇଣ୍ଟରଭ୍ୟୁ ଦେବା ଅଦ୍ଭୁତ ଓ ୟୁନିକ୍ ଥିଲା। ପ୍ରବାସୀ ଶ୍ରମିକ ଓ ଓଡ଼ିଶା ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ପଚରାଯାଇଥିଲା ବୋଲି ସଞ୍ଜିତା କହିଛନ୍ତି।

ବରଗଡ଼ର ବେଦ ଭୂଷଣ ସାହୁ ୧୯୫ ର୍‍ୟାଙ୍କ୍‌ରେ ରହି ଜିଲା ପାଇଁ ଗୌରବ ଆଣିଛନ୍ତି। ବରଗଡ଼ ଜିଲା ଖାରବନ୍ଧ ବ୍ଲକ ଅନ୍ତର୍ଗତ ଡୁଙ୍ଗୁରିପାଲିର ମୂଳ ବାସିନ୍ଦା ସୋମଦତ୍ତ ସାହୁ ଏବଂ ସୁରଭି ସାହୁଙ୍କ ପୁଅ ବେଦ ଭୂଷଣ ଗତ ୟୁପିଏସ୍‌ସି–୨୦୧୮ରେ ୨୯୩ ର୍‍ୟାଙ୍କରେ ରହିଥିଲେ। ଏଥର ୧୯୫ ର୍‍ୟାଙ୍କରେ ରହି ସେ ଖୁସି ଥିବା କହିଛନ୍ତି। ସୁଯୋଗ ମିଳିଲେ ଓଡ଼ିଶାର ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ବିକାଶ କ୍ଷେତ୍ରରେ କାର୍ଯ୍ୟ କରିବ ବୋଲି ସେ କହିଛନ୍ତି।

ଜଗତସିଂହପୁର ଜିଲା ନାଉଗାଁ ବ୍ଲକ ଅନ୍ତର୍ଗତ ନାଉଗାଁ(କୋକିଡିହ) ଗ୍ରାମର ଅନୁପ ଦାସ ଏହି ପରୀକ୍ଷାରେ ୧୨୦ ର୍‍ୟାଙ୍କ୍‌ରେ ରହିଛନ୍ତି। ୨୦୧୬ରେ ଦିଲ୍ଲୀ ୟୁନିଭରସିଟିରେ ଯୁକ୍ତ ୩ ପାସ୍ କରିଥିବା ଅନୁପ ୨୦୧୮ରେ ବିଜ୍ଞାନରେ ସ୍ନାତକୋତ୍ତର ଲାଭ କରିଥିଲେ। ପିଲାଦିନୁ ମେଧାବୀ ଛାତ୍ର ଥିବା ଅନୁପଙ୍କ ଏହି ଗୌରବ ପାଇଁ ନାଉଗାଁ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

ମୟୂରଭଞ୍ଜ ଜିଲା ଉଦଳା ଏନ୍ଏସି ଅନ୍ତର୍ଗତ ୧୧ନଂ. ୱାର୍ଡ ବନ୍ଧସାହିର ସମୀର କୁମାର ଜେନା ୪୪୧ ର୍‍ୟାଙ୍କ ପାଇଛନ୍ତି। ଗ୍ରାମ୍ୟ ଜଳ ଏବଂ ପରିମଳ ବିଭାଗରେ ଏସ୍‌ଡିଓ ଶଶଧର ଜେନା ଓ ମା'ମନୋରମାଙ୍କ ପୁଅ ସମୀର ସ୍କୁଲ ପାଠପଢ଼ା ସମୟରୁ ଅତ୍ୟନ୍ତ ମେଧାବୀ ଥିଲେ। ୪ଥର ଆଇଏଏସ୍ ପରୀକ୍ଷା ଦେବା ପରେ ସେ ସଫଳତା ପାଇଥିବାରୁ ଦୃଢ଼ଇଚ୍ଛା ଶକ୍ତି ଆଗରେ ବାଧାବିଘ୍ନ ହାର ମାନିଯିବ ଓ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ପଛଘୁଞ୍ଚା ଦେବା କଥା ନୁହେଁ ବୋଲି ସେ କହିଛନ୍ତି।

ସେହିପରି କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ତାଲୁଙ୍ଗିଆ ପଞ୍ଚାୟତ କଲିଙ୍ଗି ଗ୍ରାମର ବିଭୂତି ଭୂଷଣ ନାୟକ ଏହି ପରୀକ୍ଷାରେ ୮୧୯ ସ୍ଥାନରେ ରହିଛନ୍ତି। ଗତବର୍ଷ ସେ ୭୫୯ ସ୍ଥାନରେ ରହିଥିଲେ। ବିଭୂତିଙ୍କ ବାପା ଏଲିଆସ୍ ନାୟକ ଜଣେ ଅବସରପ୍ରାପ୍ତ ଶିକ୍ଷକ ଓ ମା' ପ୍ରେମଲତା ଅଙ୍ଗନୱାଡି କର୍ମୀ।

# ବୟସ୍କଙ୍କୁ ମେଡିସିନ, ପେନ୍‌ସନ ଦିଅ


**ଭୁବନେଶ୍ୱର,୪।୮(ବ୍ୟୁରୋ)**

**ରାଜ୍ୟଗୁଡ଼ିକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ**

କୋଭିଡ୍ ମହାମାରୀ ସମୟରେ ବୟସ୍କମାନଙ୍କୁ ମେଡିସିନ୍, ମାସ୍କ, ସାନିଟାଇଜର ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ସହ ନିୟମିତ ପେନ୍‌ସନ୍ ଯୋଗାଇଦେବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଏନେଇ ସର୍ବୋଚ୍ଚ ନ୍ୟାୟାଳୟ ଓଡ଼ିଶା ସମେତ ଦେଶର ଅନ୍ୟ ରାଜ୍ୟଗୁଡ଼ିକୁ ଅବଗତ କରାଇଛନ୍ତି। ଜଷ୍ଟିସ୍ ଅଶୋକ ଭୂଷଣ ଏବଂ ଆର୍. ସୁବାସ ରେଡ୍ଡୀଙ୍କ ନେତୃତ୍ୱରେ ଗଠିତ ସୁପ୍ରିମକୋର୍ଟର ଦୁଇଜଣିଆ ଖଣ୍ଡପୀଠ ଆଗାମୀ ୪ ସପ୍ତାହ ମଧ୍ୟରେ ଏନେଇ ଉତ୍ତର ରଖିବାକୁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ପେନ୍‌ସନ୍ ପାଉଥିବା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଠିକ୍ ସମୟରେ ପେନ୍‌ସନ୍ ଦେବାକୁ କୁହାଯାଇଛି। ଏହାବ୍ୟତୀତ ଚିହ୍ନଟ ସମସ୍ତ ବୟସ୍କଙ୍କୁ ରାଜ୍ୟଗୁଡ଼ିକ ନିୟମିତ ବ୍ୟବଧାନରେ ଅତ୍ୟାବଶ୍ୟକ ସାମଗ୍ରୀ ସହ ମାସ୍କ, ସାନିଟାଇଜର ଆଦି ସେମାନଙ୍କ ଘରେ ପହଞ୍ଚାଇବାକୁ କୁହାଯାଇଛି। ଜରୁରୀ ସମୟରେ ଆବଶ୍ୟକ ହେଲେ ପ୍ରଶାସନିକ ଅଧିକାରୀ ଏବଂ କର୍ମଚାରୀ ବୟସ୍କଙ୍କ ଘରେ ପହଞ୍ଚି ସେମାନଙ୍କ କଥା ବୁଝିବାକୁ ପରାମର୍ଶ ଦିଆଯାଇଛି। ବୃଦ୍ଧାଶ୍ରମଗୁଡ଼ିକରେ କୋଭିଡ୍ ଗାଇଡ୍‌ଲାଇନ୍ ପାଳନ ସହ କର୍ମଚାରୀଙ୍କୁ ପିପିଇ କିଟ୍ ପିନ୍ଧିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। କୋଭିଡ୍ ସଂକ୍ରମଣ ପରିସ୍ଥିତିରେ ବୟସ୍କ ତଥା ବୃଦ୍ଧାବୃଦ୍ଧଙ୍କ ଯତ୍ନ ନେବା ଓ ସେମାନଙ୍କୁ ସୁରକ୍ଷିତ ରଖିବା ନେଇ ଆବେଦନକାରୀ ଅଶ୍ୱିନୀ କୁମାରଙ୍କ ନିବେଦନକୁ କୋର୍ଟ ଗୁରୁତ୍ୱର ସହ ନେଇଛନ୍ତି। ବିଶେଷକରି ଏକୁଟିଆ ରହୁଥିବା ବୟସ୍କମାନେ ବର୍ତ୍ତମାନ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ସହ ମେଡିସିନ୍ ପାଉ ନ ଥିବା ସେ ଦର୍ଶାଇଥିଲେ।

## ବିରୁଟରେ ବିସ୍ଫୋରଣ: ୧୦ ମୃତ

**ବିରୁଟ,୪।୮(ଏପି):** ଲେବାନନ ରାଜଧାନୀ ବିରୁଟରେ ମଙ୍ଗଳବାର ଏକ ବଡ଼ଧରଣର ବିସ୍ଫୋରଣ ଘଟିଛି। ଏଥିରେ ଅନ୍ୟୁନ ୧୦ ଜଣ ନିହତ ହୋଇଥିବାବେଳେ ଶତାଧିକ ଆହତ ହୋଇଛନ୍ତି। ଅନେକ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା ରହିଛି। ବିରୁଟର ପୋର୍ଟ ଏରିଆରେ ଅପରାହ୍ନରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣରେ ଅନେକ ଘରଦ୍ୱାର ଭାଙ୍ଗିଯାଇଛି। କାର୍‌ଗୁଡ଼ିକ ଉଡ଼ିଯାଇଛି। ବିଧ୍ୱଂସ ଲୀଳାର ଫଟୋ ଓ ଭିଡିଓକୁ ଲୋକେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନୟନେ ନୟନ ହେଲେ ଭେଟାଭେଟି**
**ହୁଏ ଗୋପନ ମିଳନ**
**ଏ କଥାକୁ ଯିଏ ହେଜ ନ କରିଛି**
**ସିଏ କି ପୁରୁଷ ଜାଣ ?**

ଅପ୍ରେମୀ ପ୍ରେମ ଚିହ୍ନି ପାରେ ନାହିଁ ଅର୍ଥାତ୍ ଅପ୍ରେମୀ ପାଖରେ ପ୍ରେମ ନିରର୍ଥକ। ଆଖିରେ ଆଖି ମିଶିଗଲେ ମନ ତଳେ ଥିବା ଅନେକ ଅକୁହା କଥା ସବୁ କହି ହୋଇଯାଏ। ଏଥିରେ ଯିଏ ଅଜ୍ଞ ସେ ପ୍ରେମୀ ପଦବାଚ୍ୟ ବୋଲାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନଈରେ ବାଲିଆ ଚହଟିଲା**
**କଜ୍ଜଳ ସିନ୍ଦୂର ନାଆଲୋ ରାଣ୍ଡ**
**ପୁଣି ଚାଖିଆ ଲେଉଟିଲା।**

ରଘୁନାଥ ହଜୁରୀ ବା ଚନ୍ଦନ ହଜୁରୀ ଚାଖି ଖୁଣ୍ଟିଆ ଭାବେ ଖ୍ୟାତ ଥିଲେ। ସେ ବହୁ ବର୍ଷ ପୁରୀରେ ଅନୁପସ୍ଥିତ ରହିବାରୁ ମୃତ ବୋଲି ସମସ୍ତେ ଧରିନେଇଥିଲେ। ଫଳରେ ତାଙ୍କ ସ୍ତ୍ରୀ ବିଧବା ହୋଇଥିଲେ। ପରନ୍ତୁ କିଛି ବର୍ଷର ବ୍ୟବଧାନ ପରେ ସେ ପୁନଶ୍ଚ ପୁରୀ ଫେରିଆସିବା ଫଳରେ ତାଙ୍କ ସ୍ତ୍ରୀ ପୁଣି ଶଙ୍ଖା ସିନ୍ଦୂର ପିନ୍ଧି ସଧବା ବେଶ ଧାରଣ କରିଥିଲେ। ବହୁ ଦିନ ଧରି ଘରୁ ବହାରିଯାଇଥିବା ବା ନିଖୋଜ ହୋଇ ଯାଇଥିବା ବ୍ୟକ୍ତି ପୁଣି ଫେରି ଆସିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗ ଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


BS-VI
TVS
ଆପଣଙ୍କର ମନ ଯାହା ଚାହିଁଥାଏ
ଆମର ନୂତନତା ତାହାକୁ ପ୍ରଦାନ କରିଥାଏ।
ଭାରତର ପ୍ରଥମ ଏବଂ ଏକମାତ୍ର
ଡୁ୍ୟଆଲ ପ୍ଲାଟଫର୍ମ Fi ଟେକ୍ନୋଲୋଜି
ET Fi ECO THRUST
15% ଅଧିକ* ଭଲ ମାଇଲେଜ
RT Fi RACE TUNED
ଅଧିକ* ଭଲ ରିଅଲ ଥ୍ରଟଲ୍ ଅନୁଭବ।
*ସର୍ତ୍ତ ଓ ନିୟମାବଳୀ ଲାଗୁ ହେବ, ଅଧିକ ଜାଣିବା ପାଇଁ ପରିଦର୍ଶନ କରନ୍ତୁ: www.tvsmotor.com
www.tvsmotor.com
ଅଧିକ ଭଲ ସ୍ଟାର୍ଟେବିଲିଟୀ | ଅଧିକ ଭଲ ରାଇଡେବିଲିଟୀ | ଉନ୍ନତତର ସ୍ଥାୟୀତ୍ୱ | ସହଜ ରକ୍ଷଣ
ET Fi ECO THRUST
Scooty Pep+
Zest 110
TVS Jupiter ZYADA KA FAYDA
TVS Radeon
TVS StaR city+
TVS Sport
TVS XL100
RT Fi RACE TUNED
TVS Apache RR 310
TVS Apache RTR SERIES RACING DNA UNLEASHED
TVS NTORQ 125 India's first Bluetooth connected scooter